ରାହାଣେଙ୍କୁ ଉପଅଧିନାୟକ ନିଯୁକ୍ତି ନେଇ ଗାଙ୍ଗୁଲିଙ୍କ ପ୍ରଶ୍ନ | ୧୧

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

୧୫ ବର୍ଷରେ ପ୍ରେମ ପାଇଁ ଘର ଛାଡିଥିଲେ ପୂଜା | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur.

ବିଂଶତମ ବର୍ଷ ସଂଖ୍ୟା-୯୯ Vol. 20 No-99 30 JUNE 2023 FRIDAY BHUBANESWAR ଶୁକ୍ରବାର, ୩୦ ଜୁନ୍ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

ଝଟକିଲେ ମହାବାହୁ

- ଐଶ୍ୱର୍ଯ୍ୟର ପ୍ରାବଲ୍ୟରେ ପ୍ରସ୍ଫୁଟିତ ଶ୍ରୀଜିଉ
- ମହଣ ମହଣ ସୁନାରେ ସଜ୍ଜିତ ତିନି ଠାକୁର
- ବଡ଼ଦାଣ୍ଡରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ
- ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା

ପୁରୀ,୨୯।୬(ଭାସ୍କର ନ୍ୟୁଜ): ଗୁରୁବାର ଥିଲା ପବିତ୍ର ଆଷାଢ ଶୁକ୍ଳ ଏକାଦଶୀ ତିଥି । ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କର ମାନବୀୟ ଲୀଳା ପରି ରାଜକୀୟ ଲୀଳା । ଚତୁର୍ଦ୍ଧାମୂର୍ତ୍ତି ସକଳ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ମିଳିତ ବିଗ୍ରହ। ଶ୍ରୀ ଜଗନ୍ନାଥ ହେଉଛନ୍ତି ରାଜାଧିରାଜ । ତାଙ୍କର ରୀତିନୀତି, ବେଶ ଓ ଭୋଗ ଇତ୍ୟାଦିରେ ବାରି ହୋଇପଡ଼ିଥାଏ ରାଜକୀୟ ଠାଣି । ଦାରୁ ଦିଅଁଙ୍କ ସୁନାବେଶ ଏହାର ଏକ ନିଦର୍ଶନ । ଆଷାଢ ଶୁକ୍ଳ ଏକାଦଶୀରେ ରଥାରୂଢ ଶ୍ରୀବିଗ୍ରହଙ୍କ ପବିତ୍ର ସୁନାବେଶ । କଥା ଅଛି- ରଥ ଉପରେ ସୁନାବେଶରେ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ । ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ସୁନାବେଶ ଦେଖିବା ପାଇଁ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା। ଗୁରୁବାର ଅପରାହ୍ନ ୫ଟା ୫ରୁ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା।

ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପନୀତି ଶେଷ ପରେ ଚିତ୍ତାକର୍ଷକ ସୁନାବେଶ ପାଇଁ ଆରମ୍ଭ ହୋଇଥିଲା ବ୍ୟାପକ ପ୍ରସ୍ତୁତି । ଏଥିରେ ମେକାପ ନିଯୋଗ, ପୁଷ୍ପାଳକ, ଖୁଣ୍ଟିଆ ସେବକ ସହାୟତା କରିଥିଲେ। ରଥ ଉପରେ ଏମାନଙ୍କ ସହ ଦଇତାପତି ସେବକମାନେ ● ପୃଷ୍ଠା ୮ ଦେଖନ୍ତୁ

ମାଓ ବର୍ବରତା

ପ୍ରଜାକୋର୍ଟରେ ଦୁଇ ଜଣଙ୍କୁ ନିର୍ମମ ହତ୍ୟା

ମାଲାକାନଗିରି,୨୯।୬(ଭାସ୍କର ନ୍ୟୁଜ) : ମାଓହିଂସା ଥମିବାର ନାଁ ନେଉନାହିଁ। ଏହାକୁ ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେତେ ଉଦ୍ୟମ କଲେ ମଧ୍ୟ ତାହା ଫଳପ୍ରଦ ହେଉନାହିଁ। ମାଓବାଦୀମାନେ ଗୋଟିଏ ପରେ ଗୋଟିଏ ହିଂସାକାଣ୍ଡ ଘଟାଇ ଚାଲିଛନ୍ତି । ଯଦିଓ ବହୁ ସମୟରେ ସରକାରଙ୍କ ଆହ୍ୱାନରେ ବହୁ ମାଓବାଦୀ ସଂଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଉଛନ୍ତି ତଥାପି ସେମାନଙ୍କ ଦବ୍‌ଦବା ଥମୁନାହିଁ। ଏହି କ୍ରମରେ ମାଲକାନଗିରି ସୀମାନ୍ତ ଛତିଶଗଡର ସୁକମାରେ ମାଓବାଦୀମାନେ ବର୍ବରକାଣ୍ଡ ଘଟାଇଛନ୍ତି । ପୋଲିସ ସୂଚନାକାରୀ ସନ୍ଦେହରେ ଦୁଇଜଣ ନିରୀହ ଗ୍ରାମବାସୀଙ୍କୁ ପ୍ରଜାକୋର୍ଟରେ ନିର୍ମମଭାବେ ହତ୍ୟା କରିବା ସହ ଅନ୍ୟମାନଙ୍କୁ ଚେତାବନୀ ଦେଇଛନ୍ତି। ଦୁଇ ମୃତକ ହେଲେ ସୁକମା ତାଡମେଟେଲାର ନାଏବ ସରପଞ୍ଚ ମାଣ୍ଡବି ଗଙ୍ଗା ଓ ଅନ୍ୟଜଣେ ଶିକ୍ଷକ। ପ୍ରାୟ ୧୦ଦିନ ତଳେ ମାଓବାଦୀମାନେ ଏହି ଦୁଇଜଣଙ୍କ ସମେତ ୧୫ଜଣ ଗ୍ରାମବାସୀଙ୍କୁ ଅପହରଣ କରିନେଇଥିଲେ। ସେମାନେ ପ୍ରଜାକୋର୍ଟରେ ଗ୍ରାମବାସୀଙ୍କୁ ନିସ୍ତୁକ ମାଡ ମାରିଥିଲେ। ତେବେ ବୁଧବାର ନାଏବ ସରପଞ୍ଚ ଓ ଶିକ୍ଷକଙ୍କୁ ନିସ୍ତୁକ ମାଡ ମାରିବା ସହ ସେମାନଙ୍କୁ ଅତି ନିର୍ମମଭାବେ ହତ୍ୟା କରିଥିଲେ। ପୋଲିସ ସୂଚନାକାରୀ ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟାଯାଇଥିବା ମାଓ ସଂଗଠନ ପକ୍ଷରୁ କୁହାଯାଇଛି। ଏଥିନେଇ ଦକ୍ଷିଣବସ୍ତର ନକ୍ସଲ ସଂଗଠନ ନିଜକୁ ଦାୟୀ କରିଛି। ନକ୍ସଲମାନେ ମୃତଦେହ ନିକଟରେ ମାଓସଂଗଠନର ପୋଷ୍ଟର ମଧ୍ୟ ଛାଡି ଯାଇଛନ୍ତି। ଏହି ଘଟଣା ଜଣା ପଡିବା ପରେ ସଂପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ମାଓବାଦୀଙ୍କ କବଳରେ ରହିଥିବା ଗ୍ରାମବାସୀଙ୍କୁ କିଭଳି ମୁକ୍ତ କରାଯିବ ସେନେଇ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଉଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଛତିଶଗଡର ସୁକମାରେ ବାରମ୍ବାର ମାଓବାଦୀମାନେ ଏଭଳି ଅଘଟଣ ଘଟାଉଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଚିନ୍ତାପ୍ରକଟ କରାଯିବା ସହ ଗ୍ରାମବାସୀମାନେ ଭୟଭୀତ ହୋଇ ପଡିଛନ୍ତି।

ପଦ ଛାଡ଼ିଲେ ବାଗ୍‌ଚୀ

ଭୁବନେଶ୍ୱର,୨୯।୬(ଭାସ୍କର ନ୍ୟୁଜ): ଓଡ଼ିଶା ଦକ୍ଷତା ବିକାଶ ଅଧ୍ୟକ୍ଷ ପଦ ଛାଡ଼ିଲେ ସୁବ୍ରତ ବାଗ୍‌ଚୀ। ଏ ନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ପଦ ଛାଡ଼ିଥିବା ଉଲ୍ଲେଖ କରିଛନ୍ତି। ଦୀର୍ଘ ୭ ବର୍ଷ ଧରି ସେ ଏହି ପଦବୀରେ ରହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଶ୍ୱାସକୁ ନେଇଥିବାରୁ ସେ କୃତଜ୍ଞତା ଜଣାଇଥିବା ସୂଚନା ଦେଇଛନ୍ତି। ତାଙ୍କ ସ୍ଥାନରେ ଅଳକା ମିଶ୍ରଙ୍କୁ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରାଯାଇଛି।

ଦୁଇ ଜଣଙ୍କୁ ହତ୍ୟା ପରେ ଜାଳିଦେଲେ

ଦିଗପହଣ୍ଡି,୨୯।୬(ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। କେତେକ ଦୁର୍ବୃତ୍ତ ଦୁଇ ଜଣ ଯୁବକଙ୍କୁ ନିର୍ମମଭାବେ ହତ୍ୟା କରିବା ପରେ ସେମାନଙ୍କୁ ଜାଳି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୧୫ରୁ ଅଧିକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ସୂଚନା ଦେଇଛନ୍ତି। ସେ କହିଛନ୍ତି କିଛି ଲୋକ ଦୁଇ ଜଣ ଯୁବକଙ୍କୁ ଉଠାଇ ନେଇ ପିଟିପିଟି ମାରି ଦେଇଥିବା ସୂଚନା ମିଳିଛି। ଏହି ଦୁଇ ଯୁବକ ଗାଁରେ ନିୟମିତ ଗଣ୍ଡଗୋଳ କରିବା ସହ ଶାନ୍ତିଭଙ୍ଗ କରି ଆସୁଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରୁଥିବା ଏସ୍‌ପି କହିଛନ୍ତି। ମୃତକ ଦ୍ୱୟ ହେଲେ ଶିବ ଗୌଡ ଓ ଲିଟୁ ପୁରୋହିତ। ଉଭୟ ସଂପର୍କୀୟ ବୋଲି ସୂଚନା ମିଳିଛି। ଗୋଟିଏ ପଟେ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ମୃତ ଦୁଇ ଯୁବକଙ୍କ ଗଣ୍ଡଗୋଳ ପାଇଁ ଗ୍ରାମର କେତେକ ବ୍ୟକ୍ତି ସେମାନଙ୍କୁ ହତ୍ୟା କରିଥିବା ଆଉ କେତେକ କହୁଛନ୍ତି। ତେବେ ଏନେଇ ପ୍ରକୃତ କାରଣ ସ୍ପଷ୍ଟ ହୋଇ ପାରିନାହିଁ। ଖବର ପାଇବା ପରେ ଦିଗପହଣ୍ଡୀ ଥାନା ପୋଲିସ ଓ ଚିକିଟି ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡ ପରେ ସମଗ୍ର ଗ୍ରାମ ପୁରୁଷଶୂନ୍ୟ ହୋଇ ପଡିଛି। ମହିଳାମାନେ କବାଟ ବନ୍ଦ କରି ଘର ଭିତରେ ପଶି ● ପୃଷ୍ଠା ୮ ଦେଖନ୍ତୁ

₹୪୩୦ କୋଟି ବ୍ୟୟରେ ବଲାଙ୍ଗୀର ଟାଉନ ବାଇପାସର ନିର୍ମାଣ

ପରିଯୋଜନାର ଲାଭ

- ବଲାଙ୍ଗୀର ସହରରେ ୧୨ କିମି ଲମ୍ବା ବାଇପାସର ନିର୍ମାଣ ଦ୍ୱାରା ସହରରେ ଭିଡ ହ୍ରାସ ଓ ଜନଜୀବନ ଯାତାୟତ ସୁଗମ ।
- ଜାତୀୟ ରାଜପଥ ୫୭ ରୁ କେସିଙ୍ଗା ଓ ବରଗଡକୁ ଗମନା ଗମନ ସୁବିଧା ।
- ବାଇପାସରେ ୩ଟି ଆର.ଓ.ବି, ୨ଟି ଫ୍ଲାଏଓଭର ଏବଂ ୭ଟି ଅଣ୍ଡରପାସ ନିର୍ମାଣ ଦ୍ୱାରା ସୁରକ୍ଷିତ ଏବଂ ନିର୍ବାଧ ଯାତ୍ରା ।
- ପ୍ରଦୁଷଣରୁ ମୁକ୍ତି, ସମୟ ଏବଂ ଇନ୍ଧନର ସଞ୍ଚୟ ।

ଶିଳାନ୍ୟାସ

ନିତିନ ଗଡକରୀ

ସଡକ ପରିବହନ ତଥା ରାଜମାର୍ଗ ମନ୍ତ୍ରୀ
ଭାରତ ସରକାରଙ୍କ
କର କମଳ ଦ୍ୱାରା
(ଭିଡିଓ କନଫରେନ୍ସ ମାଧ୍ୟମରେ)

ଶୁକ୍ରବାର, ୩୦ ଜୁନ ୨୦୨୩ | ପୂର୍ବାହ୍ନ ୧୧.୩୦ | ବିଜାଖମନ, ବଲାଙ୍ଗିର, ଓଡିଶା

ଗରିମାମୟୀ ଉପସ୍ଥିତି

ପ୍ରଫୁଲ୍ଲ କୁମାର ମଲ୍ଲିକ
ମନ୍ତ୍ରୀ, ଇସ୍ପାତ, ଖଣି ଏବଂ ପୁର୍ତ୍ତ, ଓଡିଶା

ସଂଗୀତା କୁମାରୀ ସିଂ ଦେଓ
ସାଂସଦ, ଲୋକସଭା, ବଲାଙ୍ଗିର

ନିରଂଜନ ବିଶି
ସାଂସଦ, ରାଜ୍ୟସଭା

ନରସିଂହ ମିଶ୍ର
ବିଧାୟକ, ବଲାଙ୍ଗୀର, ଓଡିଶା

ମୁକେଶ ମହାଲିଙ୍ଗ
ବିଧାୟକ, ଲୋଇସିଂହା, ଓଡିଶା

cbc 37101/13/0004/2324

www.morth.nic.in www.nitingadkari.org | www.facebook.com/MoRTHIndia www.facebook.com/nitingadkary | www.twitter.com/MoRTHIndia https://twitter.com/nitin_gadkari | FASTag

• ଲଗଭଗ 40 କରୋଡ଼ ଘଣ୍ଟେ ପ୍ରତିବର୍ଷ କେ ଅମୂଲ୍ୟ ସମୟ କୀ ବଚତ • ଲଗଭଗ 35 କରୋଡ଼ ଲୀଟର ପ୍ରତିବର୍ଷ ଈନ୍ଧନ କୀ ବଚତ
• ଲଗଭଗ 10 ଲାଖ ଟନ କାର୍ବନ ଡାଇ ଅକ୍ସାଇଡ ଉତ୍ସର୍ଜନ ମେଁ କମୀ ସେ ପର୍ଯାବରଣ ସଂରକ୍ଷଣ
ଇସଲିଏ FASTag ଅପନାଏଁ... ଔର ଦେଶହିତ ମେଁ ଅପନା ଯୋଗଦାନ ଦେଁ...

କଣିହାଁ,(ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକରେ ନୂତନ ଶିକ୍ଷା ଅଧିକାରୀ ଭାବେ ଗୁରୁବାର ନରୋତ୍ତମ ପ୍ରଧାନ ଯୋଗଦାନ କରିଛନ୍ତି । ଏହାକୁ ନେଇ କଣିହାଁ ବ୍ଲକର ପ୍ରାଇମେରୀ ସ୍କୁଲ ଶିକ୍ଷକ ସଂଘର କାର୍ଯ୍ୟକର୍ତ୍ତା ସହିତ କର୍ମଚାରୀମାନେ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନଙ୍କ ସହିତ ଶିକ୍ଷକ ସଂଘର ସଭାପତି କିଶୋର ଚନ୍ଦ୍ର ସାହୁ, ସାଧାରଣ ସଂପାଦକ ଲିଙ୍ଗରାଜ ବେହେରା ଓ କର୍ମଚାରୀ ମାନେ ସାମିଲ୍ ହୋଇଥିଲେ । ଯୋଗଦାନ କରିଥିବା ନୂତନ ଶିକ୍ଷା ଅଧିକାରୀ ପୂର୍ବରୁ କିଶୋର ନଗର ବ୍ଲକରେ ଅତିରିକ୍ତ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରିଥିବା ବେଳେ ପଦୋନ୍ନତିକୁ ନେଇ ବ୍ଲକ ଶିକ୍ଷା ଅଧିକାରୀ ଭାବେ କଣିହାଁରେ ଯୋଗଦାନ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଉନ୍ନତି ସହିତ ଉପଯୁକ୍ତ ପାଠ ଓ ସରକାରୀ ବ୍ୟବସ୍ଥାରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ଦ୍ୱାରା କିପରି ପରିଚାଳିତ ହୋଇପାରିବ ଓ ଧ୍ୟାନ ଦେବେ ବୋଲି କହିଛନ୍ତି ।

୨ ଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ୫ଟି ସଚିବ ଭି କେ ପାଣ୍ଡିଆନ

ପାରାଦୀପ,(ଭାସ୍କର ନ୍ୟୁଜ):ଦୁଇ ଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ୫ଟି ସଚିବ ଭି କେ ପାଣ୍ଡିଆନ କ୍ଷଷ୍ଣକୁଦ ହେଲିପ୍ୟାଡ଼ ରୁ ମେରାଇନ ଡ୍ରାଇଭ ରୋଡ଼ ରେ ରହିଥିବା ପୋର୍ଟ ସାଇଡ କାଫେ ପରିଦର୍ଶନ କରିଥିଲେ ୫ଟି ସଚିବ । ପୋର୍ଟ ସାଇଟ କାଫେ ରେ କିଭଳି ସୁସ୍ୱାଦୁ ଖାଦ୍ୟ ସହିତ ବିଭିନ୍ନ ଘରକରଣା ସାମଗ୍ରୀ ଗୁଡିକୁ ବୁଲି ଦେଖିବା ସହିତ ମିଶନଶକ୍ତି ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ । ପରେ ପାରାଦୀପ ବିଜୁ କନଭେନର ହଲରେ ମିଶନଶକ୍ତି ମହିଳାମାନଙ୍କୁ ଉଦବୋଧନ ଦେଇଥିଲେ ୫ଟି ସଚିବ ଭିକେ ପାଣ୍ଡିଆନ । ହଜାର ହଜାର ସଂଖ୍ୟାରେ ମହିଳା ମାନେ ୫ଟି ସଚିବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନର ବନ୍ଦର ପାରାଦୀପ । କିଭଳି ଭାବରେ ପାରାଦୀପକୁ ଭାରତ ବର୍ଷର ପ୍ରମୁଖ ବନ୍ଦର ଭାବରେ ନିର୍ମାଣ କରିହେବ ଏ ନେଇ ବିଜୁ ପଟ୍ଟନାୟକ ଦେଖିଥିବା ସ୍ୱପ୍ନ ସାକାର ହୋଇଛି । ପାରାଦୀପ ଭାରତ ବର୍ଷର ଏକ ନମ୍ବର ବନ୍ଦର ଭାବରେ ସ୍ଥାନିତ ପାଇଛି । ମୁଖ୍ୟମନ୍ତ୍ରୀ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ପ୍ରତିଫଳିତ ହୋଇଛି । ଓଡ଼ିଶାର ପ୍ରତ୍ୟେକ ଗ୍ରାମାଞ୍ଚଳରେ ମିଶନ ଶକ୍ତି ଯୋଜନାରେ ମହିଳାମାନେ ସ୍ୱାବଲମ୍ବୀ ହୋଇଛନ୍ତି । ମିଶନଶକ୍ତି ଯୋଜନାରେ ମହିଳାମାନେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ହେବା ସହିତ ନିଜ ପରିବାରର ମେରୁଦଣ୍ଡ ପାଲଟିଛନ୍ତି । ଏଥି ସହିତ ସ୍ୱାସ୍ଥ୍ୟବୀମା ଯୋଜନାରେ ସାଧାରଣ ଗରିବ ଲୋକମାନେ କିଭଳି ଉପକୃତ ହେଉଛନ୍ତି,ଏହା ମୁଖ୍ୟମନ୍ତ୍ରୀଙ୍କ ସୁଶାନର ଏକ ବୃହତ ପଦକ୍ଷେପ ବୋଲି କହିଛନ୍ତି ୫ଟି ସଚିବ । ଏଥି ସହିତ ଶିକ୍ଷା କ୍ଷେତ୍ରରେ ସାଧାରଣ ବର୍ଗର ପିଲାମାନେ କିପରି ଉନ୍ନତ ଶିକ୍ଷାଦାନ ପାଇପାରିବେ ଏ ନେଇ ୫ଟି ଅଧୀନରେ ବିଦ୍ୟାଳୟ ଗୁଡିକର ଉନ୍ନତିକରଣ କରାଯିବା ସହିତ ବେସରକାରୀ ସ୍କୁଲ ଭଳି ଶିକ୍ଷାଦାନ ପାଇପାରିବେ ଏ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନେକ ଲୋକାଭିମୁଖୀ କାର୍ଯ୍ୟ କରିଛନ୍ତି ।

ପବିତ୍ର ଇଦ୍‌ଜୁହା ଉତ୍ସବ

ସାଲେପୁର,(ଭାସ୍କର ନ୍ୟୁଜ): ସାଲେପୁରରେ ପବିତ୍ର ଇଦଜୁହା ପର୍ବ ପାଳିତ ହୋଇଯାଇଛି । ମୁସଲମାନ ସଂପ୍ରଦାୟର ଜନସାଧାରଣ ସକାଳୁ ସ୍ନାନ କରି ଶୁଦ୍ଧପୁତ ହୋଇ ନୂତନବସ୍ତ୍ର ପରିଧାନକରି ନମାଜପାଠ କରିଥିଲେ । ଏକାଧିକ ସ୍ଥାନରେ ସମୂହ ନମାଜପାଠ କରାଯାଇଥିଲା । ସେବା ସମର୍ପଣର ପର୍ବ ଇଦଜୁହାକୁ ସମ୍ମାନ ଜଣାଇ ଭାଇଚାରାକୁ ଏକସୂତ୍ରରେ ବାନ୍ଧି ହିନ୍ଦୁ ଓ ମୁସଲମାନ ଉଭୟ ପରସ୍ପର ପ୍ରତି ସମଭାବ ସମର୍ପଣ କରି ପରସ୍ପରକୁ ଉଦ୍ ଅଭିନନ୍ଦନ ଜଣାଇଥିଲେ । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଛାଣିପୁର ଗ୍ରାମପଞ୍ଚାୟତର ଶଙ୍କରପୁର ଠାରେ ଇଦଉପଲକ୍ଷେ ସମୂହ ନମାଜପାଠରେ ପହଞ୍ଚି ମୁସଲମାନ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେହିପରି ସାଲେପୁରର ପ୍ରାକ୍ତନ ବିଧାୟକ ତଥା କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ବରିଷ୍ଠ କଂଗ୍ରେସ ନେତା ଇଂ ୟାକୁବ ଖାଁ, ଲୋକସେବା ଫାଉଣ୍ଡେସନର ପ୍ରତିଷ୍ଠାତା ସମାଜସେବୀ ହିମାଂଶୁ ମହାନ୍ତି ମୁସଲମାନ ଭାଇଭଉଣୀଙ୍କୁ ଉଦ୍ ଶୁଭେଚ୍ଛା ଜଣାଇଛନ୍ତି । ସାଲେପୁରର ରୋଧପୁର, ସିମଲପଡ଼ା, ବାରିଗୋଳ, ନାନ୍ଦୋଳ, ତିଳଦା, ସାତବାଟିଆ, ମହାସିଂହପୁର, ପଦ୍ମପୁର ସହ ବିଭିନ୍ନ ସ୍ଥାନରେ ଥିବା ମସଜିଦରେ ନମାଜପାଠ ହୋଇଥିଲା ।

ଗଡ଼କୁଜଙ୍ଗ ସୁଭଦ୍ରା କ୍ଷେତ୍ରରେ ବାହୁଡ଼ା ଯାତ୍ରା

ଏରସମା,(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡ଼କୁଜଙ୍ଗର ପ୍ରସିଦ୍ଧ ସୁଭଦ୍ରା କ୍ଷେତ୍ରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ କୁଞ୍ଜବିହାରୀ ମହାପ୍ରଭୁଙ୍କ ରଥ ସିଂହଦ୍ୱାରରେ ପହଞ୍ଚିଛନ୍ତି । ଅପରାହ୍ନରେ ମହାପ୍ରଭୁଙ୍କ ପହଣ୍ଡି ବିଜେ କରାଯାଇଥିଲା । ପାରାଦୀପ ବିଧାୟକ ସମିତ ରାଉତରାୟ ଛେରାପହଁରା କରିଥିଲେ । ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗ୍ରହଣରେ କୁଞ୍ଜବିହାରୀଙ୍କ ରଥ ସିଂହଦ୍ୱାରରେ ପହଞ୍ଚିଥିଲା । କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ନାରୀନେତ୍ରୀ ସବିତା ମହାପାତ୍ର, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ଯୁବ ସମାଜସେବୀ ଅରୁଣ କୁମାର ବେହେରା, ଆଦିତ୍ୟ ଭୂୟାଁ, ଚଟୁଆ ଅଞ୍ଚଳର ଯୁବ ସମାଜସେବୀ ଗଣେଶ ରାଉତ, ବାଲିକୁଦା ଏରସମା ନାରୀନେତ୍ରୀ ରଶ୍ମିତା ନାୟକ, ଗଡ଼କୁଜଙ୍ଗ ମଠର ମହନ୍ତ ତଥା ଶ୍ରମିକ ନେତା ଅମୃତ ଦାସ, ଗଡ଼କୁଜଙ୍ଗ ସରପଞ୍ଚ କବିତା ଦାସ ପ୍ରମୁଖ ଯୋଗଦେଇଥିଲେ । ଅଭୟଚାନ୍ଦପୁର ଥାନା ଆଇଆଇସି ରାଜକିଶୋର ବେହେରା ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ମା' ସନ୍ତୋଷୀ ଭଜନ ସନ୍ଧ୍ୟା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଟ୍ରଷ୍ଟି ବୋର୍ଡ ସଭାପତି ରାଜେନ୍ଦ୍ର କୁମାର ବେହେରା, ସମ୍ପାଦକ ପୀତାମ୍ବର ରାଉତ, ବିଷ୍ଣୁ ପ୍ରଧାନ, ଡଙ୍କର ତମିଲ୍ ପ୍ରଧାନ, ବାଡଗ୍ରାହୀ ସଞ୍ଜୟ ମହାନ୍ତି, ଯଦୁନାଥ ଖଟୁଆ, ସମ୍ପଦ ବାରିକ, ସଞ୍ଜୟ ମହାପାତ୍ର,ଯୁବ ନେତା ବିଜୟ ଚାନ୍ଦ ନାୟକ, ପ୍ରକାଶ ଦାସ, ନଳିନୀ ବେହେରା, ତପନ ସାମଲ, ଭୋଳାନାଥ ସ୍ୱାଇଁ ଓ ମନୋଜ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଶୋଚନୀୟ ଅବସ୍ଥାରେ ତାରୀଙ୍ଗା-କଚରାପାରା ରାସ୍ତା

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ତାରିଙ୍ଗା ଛକ ଠାରୁ କଚରା ପାରା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉ କି ଦୀର୍ଘ ଦିନ ଧରି ରାସ୍ତା ମରାମତି ଅଭାବରୁ ବର୍ତ୍ତମାନ ରାସ୍ତା ଉପରେ ଖାଲ ହୋଇ ପାଣି ଜମି ରହିଛି । ଯାହା ଫଳରେ ଦୁର୍ଘଟଣା ଘଟିବା ସମ୍ଭାବନା ସହ ଯାତାୟତ କରିବାରେ ସାଧାରଣ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ବିଭାଗୀୟ ଅଧିକାରୀ ଏହା ଉପରେ ନଜର ଦେଇ ରାସ୍ତା ମରାମତି ନିମନ୍ତେ ସାଧାରଣରେ ଦାବି ହେଉଛି ।

ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

କଣିହାଁ,(ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ବିଭିନ୍ନ ସ୍କୁଲରେ ମଙ୍ଗଳବାର ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କଣିହାଁ ପଞ୍ଚାୟତ ଟୋଲକବେଡା ମୁଣ୍ଡା ହଟିଙ୍ଗ୍ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରୋତ୍ତମ ପ୍ରଧାନ, ଅତିରିକ୍ତ ଶିକ୍ଷା ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନ , ସୌଦାମିନୀ ମିଶ୍ର, ସନ୍ତୋଷ କୁମାର ସାହୁ, ସିଆରସିସି ଦୁଃଖବନ୍ଧୁ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଫୁଲମଣୀ ମୁର୍ମୁ ଯୋଗଦାନ କରିଥିଲେ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ସେନାପତି ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ୧୦୭ଜଣ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ ଅତିଥିଗଣ କରିଥିଲେ ଭଲ ପାଠ ପଢି ସ୍କୁଲ ତଥା ଅଞ୍ଚଳର ନାମ ରଖିବା ସହିତ ପିତାମାତା ନାମ ରଖିବା ପାଇଁ ଅତିଥି ପରାମର୍ଶ ଦେଇଥିଲେ ଶେଷରେ ଶିକ୍ଷତ୍ରୀ ନିର୍ମାଣ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ସେହିପରି ଦଣ୍ଡସିହା ସ୍କୁଲରେ ୨୦୭ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି ଏହି ବଣ୍ଟନ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟ,ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ, ସେହିପରି ରେଙ୍ଗାଳି ଡ୍ୟାମ ସାଇଟ୍ ସ୍ଥିତ ହାତିଆଦଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକ୍ରମରେ ୩୫୩ଜଣଙ୍କୁ ପୋଷାକ ବିତରଣ କରାଯାଇଥିଲା ଏଥିରେ ରେଙ୍ଗାଳି ପଞ୍ଚାୟତ ସମିତି ସଭ୍ୟ ଦେବାଶିଷ ମହାନ୍ତି, ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ,ଶିକ୍ଷତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଅନ୍ୟ କର୍ମଚାରୀମାନେ ସାମିଲ୍ ହୋଇଥିଲେ ।

ବରିଷ୍ଠ ସାମ୍ବାଦିକ ଭଜଗୋବିନ୍ଦ ଜେନାଙ୍କ ବିୟୋଗ

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲାର ବରିଷ୍ଠ ସାମ୍ବାଦିକ ଭଜଗୋବିନ୍ଦ ଜେନାଙ୍କ ବିୟୋଗରେ ତିହିଡ଼ି ସାମ୍ବାଦିକମାନଙ୍କ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ନାରାୟଣ ଚନ୍ଦ୍ର ବାରିକଙ୍କ ପୌରୋହିତ୍ୟରେ ମଙ୍ଗଳବାର ଡାକବଙ୍ଗଳା ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସାମ୍ବାଦିକ ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସଂଜିତ୍ କୁମାର ବଳ, ପ୍ରଭାତ କୁମାର ରାଉଳ, ରାଜେଶ କୁମାର ସେଠୀ, ସଂଜୟ ଦାସ, ମାନସ ରଂଜନ ନାୟକ, ଆଲୋକ ବିକାଶ ପ୍ରିୟଦର୍ଶୀ, ଅଶୋକ ପାଢ଼ୀ ପ୍ରମୁଖ ଯୋଗଦେଇ ସାମ୍ବାଦିକ ସ୍ୱର୍ଗତ ଜେନା ଜଣେ ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକ ଥିଲେ । ଏଥି ସହିତ ସେ ଜଣେ ସମାଜସେବୀ, ଦକ୍ଷ ସଂଗଠକ, ମନମୋହନ ସଂଗୀତ ପରିଷଦର ସମ୍ପାଦକ ଥିଲେ ବୋଲି କହିଥିଲେ । ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା ।

ଭକ୍ତ ଦାସିଆ ପୀଠରେ ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଦିବସ

ଡେଲାଙ୍ଗ,(ଭାସ୍କର ନ୍ୟୁଜ): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ବାଲିଗ୍ରାମସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ଓ ୪ ଗୋଟି ପାର୍ଶ୍ୱ ମନ୍ଦିର ମା' ମହାଲକ୍ଷ୍ମୀ, ମା' ବିମଳା, ମହାବୀର, ଶ୍ରୀଗଣେଶଙ୍କ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଆୟୋଜିତ ଏକ ଦିବସୀୟ ଯଜ୍ଞ କର୍ମରେ ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ସୁଭାଶିଷ ମହାପାତ୍ର, ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ୀ, ସହାୟକ ପୂଜକ ଲକ୍ଷ୍ମୀଧର ଦିକ୍ଷିତ୍, ପହଲ୍ଲାଦ ମିଶ୍ରଙ୍କ ସହାୟତାରେ କାର୍ଯ୍ୟ ସମାପିତ ହୋଇଥିଲା । ଏହି କର୍ମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ହରେରାମ ସାହୁ ଓ ତାଙ୍କର ଧର୍ମପତ୍ନୀ ଆଇନଜୀବି ନିବେଦିତା ସାହୁ କର୍ତ୍ତା କର୍ତ୍ତୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଭିଙ୍ଗାରପୁର ନିବାସୀ ଅନିରୁଦ୍ଧ ବେହେରାଙ୍କ ନେତୃତ୍ୱରେ ମା' ଭାନୁମତି ଭଜନ ମଣ୍ଡଳୀର ବହୁ ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ପୁରାତନ ଜଗନ୍ନାଥ ଜଣାଣ ଓ ଭଜନ ପରିବେଶଣ କରାଯାଇଥିଲା । ପରେ ପୀଠସ୍ଥ ସମସ୍ତ ମନ୍ଦିର ନିମନ୍ତେ ଆବଶ୍ୟକ ହେଉଥିବା ଏକ ସ୍ଥାୟୀ ମନ୍ଦିର ପୂଜା ସାମଗ୍ରୀ ଓ ଭୋଗ ଦୋକାନ ଗୃହର ଭୂମିପୂଜନ ବରିଷ୍ଠ ସଦସ୍ୟ ହରେରାମ ସାହୁଙ୍କ ଦ୍ୱାରା ସମାପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭକ୍ତ ଦାସିଆ ସ୍ମୃତି କମିଯିର ସାଧାରଣ ସମ୍ପାଦକ ଡଃ ଘନଶ୍ୟାମ ସ୍ୱାଇଁ, ବିଶିଷ୍ଟ ଟ୍ରଷ୍ଟି ପ୍ରତାପ ଚନ୍ଦ୍ର ନାୟକ, ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ସେନାପତି, ବରିଷ୍ଠ ସଦସ୍ୟ ସତ୍ୟବାଦୀ ଦାସ, ଇଂ. ଜଗନ୍ନାଥ ରାଉତ, ଫଗୁ ବେହେରା, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର ଲେଙ୍କା, ସ୍ୱୟଂପ୍ରକାଶ ପରିଡ଼ା, ଭକ୍ତ ଦାସିଆ ଆଞ୍ଚଳିକ କମିଟିର ସଦସ୍ୟ ପ୍ରଫୁଲ୍ଲ ବିଶ୍ୱାଳ, ଜୟକୃଷ୍ଣ ରାଉତ, କବିନ୍ଦ୍ର ବେହେରା, ଭକ୍ତ ଦାସିଆ ସେବା ଦଳର ସଦସ୍ୟ ନୃସିଂହ ଚରଣ ପାତ୍ର, ବିଶ୍ୱନାଥ ସ୍ୱାଇଁ, ସାଧୁ ଚରଣ ଦାସ, ସୁରେଶ ଦାସ, ନିରନ ସାହୁ, ସର୍ବେଶ୍ୱର ପାଢ଼ି, ସାଧୁ ଚରଣ ଟଙ୍ଗ, କୃଷ୍ଣ ଚନ୍ଦ୍ର ଲେଙ୍କା ତଥା ବାଲିଗ୍ରାମର ଗ୍ରାମବାସୀ ବୃନ୍ଦ ପରିଚାଳନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ସମସ୍ତ ଶ୍ରଦ୍ଧାଳୁ ଉପସ୍ଥିତ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।

ସମିତିସଭ୍ୟାଙ୍କୁ ବୈଠକକୁ ଡକାନଯିବାରୁ ତାତିଲେ ଜନତା,ଭୁଲ ସ୍ୱୀକାର କଲେ ସରପଞ୍ଚ

ରଘୁନାଥପୁର,(ଭାସ୍କର ନ୍ୟୁଜ): ସଭାସମିତି ଓ ବିଭିନ୍ନ ବୈଠକରେ ଜନପ୍ରତିନିଧିଙ୍କୁ ଉପେକ୍ଷା କରାଯିବା ନେଇ ରଘୁନାଥପୁର ବ୍ଲକ ପୂରଣଓ ଡ଼ପଡା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମିତିସଭ୍ୟା ପ୍ରିୟତମା ରାଉତଙ୍କୁ ପଞ୍ଚାୟତ ମାସିକ ବୈଠକରେ ଯୋଗ ଦେବା ପାଇଁ ଚିଠି କରାନଯିବାରୁ ସାଧାରଣଜନତା ଉତ୍ତ୍ୟକ୍ତ ହୋଇଥିଲେ । ସରପଞ୍ଚଙ୍କ ମାନମୁଖୀ କାର୍ଯ୍ୟକୁ ଦାୟୀ କରି ଶତାଧିକ ମହିଳା ଓ ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟକୁ ଘେରାଉ କରିଥିଲେ । ସମିତିସଭ୍ୟା ରାଉତଙ୍କୁ କାହିଁକି ବୈଠକକୁ ଡକାଗଲା ନାହିଁ ସରପଞ୍ଚଙ୍କ ଠାରୁ ଏ ସମ୍ପର୍କରେ କୈଫତ ତଲବ କରିଥିଲେ । ସମିତିସଭ୍ୟାଙ୍କ ପାଇଁ ଚିଠି ପ୍ରସ୍ତୁତ ହୋଇଥିବାବେଳେ ସରପଞ୍ଚ ଚିଠିରେ ଦସ୍ତଖତ କରିନଥିଲେ । ଫଳରେ ଚିଠି ଦିଆ ହୋଇପାରିଲା ନାହିଁ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ମହାପାତ୍ର ପ୍ରକାଶ କରିଥିଲେ । ଏହା ଶୁଣି ଉପସ୍ଥିତ ଜନତା କ୍ଷଭୋ ପ୍ରକାଶ କରିବା ସହ ସରପଞ୍ଚ ବାହାରକୁ ଆସି ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଲୋକେ ହୋହାଲ୍ଲା କରିଥିଲେ । ବୈଠକ ସ୍ଥଳରୁ ସରପଞ୍ଚ ଶିବରାମ ସାହୁ ଆସି ଉତ୍ୟକ୍ତ ଜନତାଙ୍କ ନିକଟରେ ପହଞ୍ଚିଥିଲେ । ୱାର୍ଡସଭ୍ୟା ଓ ସଭ୍ୟମାନେ ମନା କରିବାରୁ ସମିତିସଭ୍ୟାଙ୍କୁ ଡକାଯାଇନଥିଲା ବୋଲି ସରପଞ୍ଚ ସାହୁ ପ୍ରକାଶ କରିଥିଲେ । କ୍ରମଶଃ ବିବାଦ ଜଟିଳ ରୂପ ଧାରଣ କରିଥିଲା । ସଂଖ୍ୟାଧିକ ୱାର୍ଡସଭ୍ୟା ମନା କରିନଥିବାର ପ୍ରକାଶ କରିବା ପରେ ସରପଞ୍ଚ ସାହୁ ଲୋକଙ୍କ ପ୍ରଶ୍ନବାଣରେ ସମ୍ମୁଖୀନ ହୋଇଥିଲେ । ପରେ ନିଜର ଭୁଲ ସ୍ୱୀକାର କରି ସମିତିସଭ୍ୟା ରାଉତଙ୍କୁ ସଭାସ୍ଥଳକୁ ଆମନ୍ତ୍ରିତ କରିନେଇଥିଲେ । ସୂଚନାଯୋଗ୍ୟ କି ଏସଏଚଜି ଗ୍ରୁପ ବିବାଦକୁ ନେଇ ସମିତିସଭ୍ୟା ରାଉତ ଓ ନାଏବ ସରପଞ୍ଚ ମେନକା ଦାସଙ୍କ ମଧ୍ୟରେ ବିବାଦ ଲାଗିଥିଲା । ଏ ସମ୍ପର୍କରେ ଥାନାରେ ମାମଲା ଦାଏର ହୋଇଛି । ବ୍ୟକ୍ତିଗତ ମାମଲାକୁ ପଞ୍ଚାୟତ ମଧ୍ୟକୁ ଆଣି ଅଯଥା ସରପଞ୍ଚ ସରବ୍ୟର ଶିକାର ହେଉଛନ୍ତି ବୋଲି ଖୋଦ ସରପଞ୍ଚ ସାହୁ ପ୍ରତିକ୍ରିୟା ରଖିଛନ୍ତି । ସରୋଜ ପଟ୍ଟନାୟକ, ସୁଦର୍ଶନ ଦାସ, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ଭୁୟିଆଁ, ସନ୍ତୋଷ ସେଠି, ସାରଦା ଚୌଧୁରୀ, କବିତା ଦାସ, ସରଳାବାଳା ରାଉତ, ମିନା ପରିଡା, ସରୋଜିନୀ ନାୟକ, ପୂଜାରାଣୀ ରାଉତ, ଅ

କଟକ(ଭାସ୍କର ନ୍ୟୁଜ୍): କଟକର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ରଜବିହାରୀପୁରଠାରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସୌଜନ୍ୟରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏନ୍ଏଲ୍ୟୁ ଓ କୁଟୁମ୍ବ ପ୍ରକଳ୍ପ ଅଧିନରେ ପୋଷ୍ୟ ଗ୍ରହଣ କରାଯାଇଥିବା ବ୍ରଜବିହାରୀପୁର, ବାଲ୍ଲିକୀନଗର ମୁଣ୍ଡାସାହି ଓ ବାବା ତିଲ୍କାନଗରରେ ଗର୍ଭବତୀ, ଶିଶୁ ଓ ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ସ୍ୱାସ୍ଥ୍ୟସେବା ଶିବିରରେ ହାଇଟେକ୍ ମେଡିକାଲ୍ କଲେଜ୍ ଏଣ୍ଡ୍ ହସ୍ପିଟାଲ୍‌ର ଡାକ୍ତର, ନର୍ସ ଓ ଏନ୍ଏଲ୍ୟୁର ନର୍ସମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏନ୍ଏଲ୍ୟୁର କୂଳପତି ପ୍ରଫେସର ବେଦ୍ କୁମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟସେବା ଶିବିରରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ପ୍ରଫେସର ରଙ୍ଗୀନ୍ ପଲ୍ଲଭ ତ୍ରୀପାଠୀ, ପ୍ରକଳ୍ପ ସଂଯୋଜିକା ଡ. ସୁମନ ଦାସ ଭଟ୍ଟ ମିଶ୍ର, ଡ. କୁନ୍ତିରାଣୀ ପ୍ରଧାନ, ଅଙ୍କିତା ଗୁପ୍ତା, ନିକିତା ପାଟଯୋଶୀ, ଅନନ୍ୟା ଦାସ, ଅକ୍ଷୟ ବର୍ମା, ଉଦିତ ମିଶ୍ର, ରଶ୍ମୀରେଖା ବାଗ୍, କଲ୍ଲୋପ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ

ଜଗତର ନାଥ ଜଗନ୍ନାଥଙ୍କ ମହିମା ବିଶ୍ୱବିଦିତ । ଏଥିପାଇଁ ସେ ସାରା ଜଗତରେ ପୂଜା ପାଆନ୍ତି । ଏବେ ମହାପ୍ରଭୁ ମାଉସୀ ମା'ଙ୍କ ଅଭିମୁଖେ ଆସିଥିବାବେଳେ ସେଠାରେ ନଅଦିନ ଲୀଳାଖେଳା କରିବା ପରେ ପୁଣି ଫେରିଛନ୍ତି ରତ୍ନ ସିଂହାସନ ଅଭିମୁଖେ । ତେବେ ପବିତ୍ର ବାହୁଡ଼ା ଯାତ୍ରା ଶେଷ ହେବା ପରେ ଗୁରୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ସଂପନ୍ନ ହୋଇଛି । ଏଥିପାଇଁ ଭକ୍ତଙ୍କ ମନରେ ସୃଷ୍ଟି ହୋଇଛି ଅସୀମ ଆନନ୍ଦ ଓ ଉଦ୍ଦୀପନା । ସମସ୍ତେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଏହି ସୁନାବେଶକୁ ଦେଖିବା ପାଇଁ ବ୍ୟାକୁଳ ହୋଇପଡ଼ିଥିଲେ ।

କଟକ/ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁବାର ଥିଲା ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ। ଏହି ସୁନାବେଶ ପାଇଁ ଟ୍ୱିନ୍‌ସିଟିରେ ସୃଷ୍ଟି ହୋଇଥିଲା ଭାବାବେଗ ପରିବେଶ। ମହାବାହୁଙ୍କ ସୁନାବେଶ ଦେଖିବା ଲାଗି କଟକ ଓ ଭୁବନେଶ୍ୱରରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଲାଗିଥିଲା ଗହଳି ଚହଳି। ଜୟ ଜଗନ୍ନାଥ ଧ୍ୱନିରେ ଫାଟି ପଡୁଥିଲା ଗଗନ ପବନ। ଟ୍ୱିନ୍‌ସିଟିର ବିଭିନ୍ନ ସ୍ଥାନରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପହଞ୍ଚି ମହାବାହୁଙ୍କର ଏହି ମହାଦୃଶ୍ୟ ସୁନାବେଶକୁ ଦେଖିବାକୁ ବ୍ୟାକୁଳ ହୋଇଥିଲେ। ଭକ୍ତ-ଭଗବାନ ଏକାକାର ହୋଇପଡ଼ିଥିଲେ। ରାଜଧାନୀର ଇସ୍କନ ମନ୍ଦିରରେ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିବାବେଳେ ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କର ନୀତିକାନ୍ତି ସମାପନ ହେବା ପରେ ସୁନାବେଶ କରାଯାଇଥିଲା। ଏହାକୁ ଦର୍ଶନ କରିବା ପାଇଁ ଭକ୍ତମାନେ ବ୍ୟାକୁଳ ହୋଇଥିଲେ। ସେହିପରି କିଟ୍‌ର ଶ୍ରାବଣୀ କ୍ଷେତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ଶ୍ରୀବାଣୀ କ୍ଷେତ୍ର, ଶିରିପୁର, ରସୁଲଗଡ଼, କୋଳଥିଆ, ପଟିଆ, ଭିଏସ୍ଏସ୍‌ନଗର ଆଦି ସ୍ଥାନରେ ମହାପ୍ରଭୁଙ୍କର ସୁନାବେଶ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କରାଯାଇଥିବା କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ମିଳିଛି। ସେହିପରି କଟକର ବିଭିନ୍ନ ସ୍ଥାନରେ ପବିତ୍ର ସୁନାବେଶ ଓ ହରିଶୟନ ଏକାଦଶୀ ଅବସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ, ରାଣୀହାଟ, ମର୍କତନଗର, ତୁଳସୀପୁର, ବୟାଳିଶୀମୌଜା ସମେତ ଯୋତ୍ରା ଠାରେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସୁନା ଅଳଙ୍କାର ପରିଧାନ କରାଯାଇଥିଲା ।

କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏପରିକି କେତେକ ସ୍ଥାନରେ ସିସିଟିଭି ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ ବିଭିନ୍ନ ନିତୀ ପରେ ସୁନାବେଶ ନିତୀ ଅନୁଷ୍ଠିତ ହୋଇଥିଲା । ଆସନ୍ତା କାଲି ଅଧରପଣା ଲାଗି ହେବା ସହ ନିଳାଦ୍ରୀବିଜେ ଉତ୍ସବ ଅନୁଷ୍ଠିତ ହେବ।

ଟ୍ୱିନ୍‌ସିଟିରେ ଇଦ୍-ଉଲ୍-ଜୁହା ପାଳିତ

କଟକ/ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁବାର ଟ୍ୱିନସିଟିରେ ମୁସଲମାନ ସଂପ୍ରଦାୟର ପବିତ୍ର ପର୍ବ ଇଦ୍-ଉଲ୍-ଜୁହା ଶାନ୍ତି ଶୃଙ୍ଖଳାରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ମୁସଲମାନ ସଂପ୍ରଦାୟର ଲୋକମାନଙ୍କ ମନରେ ଆନନ୍ଦ ଉଲ୍ଲାସ ପରିଲକ୍ଷିତ ହୋଇଥିଲା। ଭାଇଚାରାର ସମ୍ପର୍କକୁ ଅତୁଟ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏଭଳି ଏକ ମହାନ୍ ପର୍ବକୁ ସେମାନେ ଉତ୍ସାହ ସହ ପାଳନ କରିଥିଲେ। ରାଜଧାନୀର ୪ନମ୍ବର ମସ୍‌ଜିଦ୍, ୮ନମ୍ବର ମସ୍‌ଜିଦ୍, ଝାରପଡ଼ା ମସ୍‌ଜିଦ୍ ଓ ଅନ୍ୟାନ୍ୟ ମସ୍‌ଜିଦ୍‌ରେ ଧୂମ୍‌ଧାମ୍‌ରେ ଏହି ପର୍ବକୁ ମୁସଲମାନ ସଂପ୍ରଦାୟର ଲୋକମାନେ ପାଳନ କରିବା ସହ ସାମୂହିକ ନମାଜ ପାଠ କରିଥିଲେ। ଏଥିସହ ବିଭିନ୍ନ ଖାଦ୍ୟପେୟରେ ସେମାନେ ଆପ୍ୟାୟିତ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ହଜାର ବର୍ଷର ଐତିହାସିକ କଟକ ସହରରେ ଶାନ୍ତି ଶୃଙ୍ଖଳାର ସହ ପାଳିତ ହୋଇଯାଇଛି ଇଦ୍-ଉଲ୍-ଜୁହା । ବକ୍ରି ଇଦ୍ ଭାବେ ପରିଚିତ ଏହି ଇଦ୍-ଉଲ୍-ଜୁହା ପାଳନ ପାଇଁ କଟକ ସହରର କଦମରସୁଲ, ତୁଳସୀପୁର ମସଜିଦ୍, ସୁଲତାନିଆ ମସଜିଦ୍, ଛୋଟୀ ମସଜିଦ୍, ସାହି କିଲ୍ଲା ମସଜିଦ୍, ତାଡର ଖାଁ ମସଜିଦ୍, ଦେଓ୍ୱାନ ବଜାର ମସଜିଦ୍, ଉଜାଲ୍ ଖାଁ ମସଜିଦ୍, ପଲ୍‌ଟନ୍ ମସଜିଦ, ଓଏମ୍‌ପି ମସଜିଦ, ସତୀଚଉରା ନିକଟ ଇଦ୍‌ଗାହରେ ଓ ବିଭିନ୍ନ ସାହି ବସ୍ତିରେ ପବିତ୍ର ଇଦ୍-ଉଲ୍-ଜୁହା ଅବସରରେ ନାମଜ ପଢା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହରର ଓଡ଼ିଆ ବଜାର, କେଶରପୁର, ଶେଖବଜାର, ଯୋତ୍ରା, ମେହେନ୍ଦିପୀର, ତୁଳସୀପୁର, ଦରଘାବଜାର, ସୂତାହାଟ, ମହମ୍ମଦିଆ ବଜାର, ଅଲିଶା ବଜାର ଅଞ୍ଚଳରେ ମୁସଲମାନ ଭାଇମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇଦ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି ଇଦ ଅବସରରେ ଶୁଭେଚ୍ଛା ଜଣାଇବା ସହ ଏହି ବିଶ୍ୱାସ ଓ ବଳିଦାନର ପର୍ବ ଶାନ୍ତି ଓ ସମୃଦ୍ଧି ଆଣୁ ବୋଲି କାମନା କରିଛନ୍ତି ।

ତ୍ରିପୁରା ରଥଯାତ୍ରା ଦୁର୍ଘଟଣା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ତ୍ରିପୁରାର କୁମାରଘାଟ ଅଂଚଳ ରେ ରଥଯାତ୍ରା ଉତ୍ସବ ବାହୁଡ଼ା ଯାତ୍ରା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୭ ଜଣ ଲୋକ ପ୍ରାଣ ହରାଇବା ଓ ଅନେକ ଲୋକ ଆହତ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣା ଅତ୍ୟନ୍ତ ଦୁଃଖ ଦାୟକ। ଶୋକ ସଂତପ୍ତ ପରିବାର ବର୍ଗଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସମବେଦନା ପ୍ରକାଶ କରିବା ସହିତ ଆହତ ବ୍ୟକ୍ତିମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

ବର୍ଲିନ୍ ସମର ଅଲିମ୍ପିକ୍ସରେ ବିଜେତା ଓଡ଼ିଆ ଆଥ୍‌ଲେଟ୍‌ଙ୍କୁ ରାଜଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରୁଛନ୍ତି ପ୍ରଫେସର ଗଣେଶୀ ଲାଲ୍

'ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ରେଡିଓ'

କିଟ୍ କ୍ୟାମ୍ପସ୍‌ରେ ଆରମ୍ଭ ହେଲା କଳିଙ୍ଗ ଭାରତୀ କମ୍ୟୁନିଟି ରେଡ଼ିଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ କ୍ୟାମ୍ପସ୍‌ରେ ଗୁରୁବାର ଠାରୁ ଆନୁଷ୍ଠାନିକ ଭାବେ ପ୍ରସାରଣ ଆରମ୍ଭ ହୋଇଛି କଳିଙ୍ଗ ଭାରତୀ ୯୦.୦ ଏଫ୍‌ଏମ୍ କମ୍ୟୁନିଟି ରେଡ଼ିଓ। ସ୍ଥାନୀୟ କର୍ପୋରେଟର୍ ପ୍ରତିନନ୍ଦା ରାଉତରାୟ, ମିହିର କୁମାର ରାଉତ ଓ ପଟିଆ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଗଜେନ୍ଦ୍ର ଜେନାଙ୍କ ସମେତ ଚନ୍ଦକା, ଅନ୍ଧାରୁଆ, ଦାରୁଠେଙ୍ଗ, ପଥରଗାଡ଼ିଆ ଆଦି ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କମ୍ୟୁନିଟି ରେଡିଓ କେନ୍ଦ୍ରକୁ ଲୋକାର୍ପଣ କରିଥିଲେ। ୨୫ ବର୍ଗ କିଲୋମିଟର ଅଞ୍ଚଳର ଜନସାଧାରଣଙ୍କୁ ଏହି ରେଡିଓ ମାଧ୍ୟମରେ ବିଭିନ୍ନ ସୂଚନା ଓ ମନୋରଞ୍ଜନ ଯୋଗାଇ ଦିଆଯାଇପାରିବ ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଥିଲେ। ଏହା ବ୍ୟତୀତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଓ ଆଞ୍ଚଳିକ ବିକାଶ ଦିଗରେ ଏହି ରେଡ଼ିଓ କାର୍ଯ୍ୟ କରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟଜିତ ରାୟ ଫିଲ୍ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, ଉପକୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ କଳିଙ୍ଗ ଭାରତୀ କମ୍ୟୁନିଟି ରେଡିଓର ମୁଖ୍ୟ ଅନାଦି ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

୨ରେ 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ଚତୁର୍ବିଂଶ ଏବଂ ଶିଶୁ-କିଶୋର ପତ୍ରିକା 'କୁନିକଥା'ର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ ଜୁଲାଇ ୨ ତାରିଖରେ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଦାନ କରାଯିବାକୁ ଥିବା ମର୍ଯ୍ୟାଦାଜନକ 'କାଦମ୍ବିନୀ ସମ୍ମାନ' ସମେତ 'କାଦମ୍ବିନୀ'ର ବିଭିନ୍ନ ବିଭାଗର ପୁରସ୍କାର ଘୋଷଣା କରାଯାଇଛି। ପଦ୍ମଶ୍ରୀ ହଳଧର ନାଗଙ୍କୁ 'କାଦମ୍ବିନୀ ସମ୍ମାନ-୨୦୨୩', ଅରବିନ୍ଦ ରାୟଙ୍କୁ 'କାଦମ୍ବିନୀ ଗଳ୍ପ ପୁରସ୍କାର-୨୦୨୩', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କୁ 'କାଦମ୍ବିନୀ କବିତା ପୁରସ୍କାର-୨୦୨୩', ସ୍ୱରାଜ ବାରିକ ଓ ସନ୍‌ଲିସା ପଟେଲଙ୍କୁ 'କାଦମ୍ବିନୀ ପ୍ରଚ୍ଛଦଶିଳ୍ପୀ ପୁରସ୍କାର-୨୦୨୩', ବିନ୍ଧ୍ୟବାସିନୀ ଜେନାଙ୍କୁ 'କାଦମ୍ବିନୀ ଆମ ରୋଷେଇ ପୁରସ୍କାର-୨୦୨୩', ଇନ୍ଦୁମତୀ ରାୟ ଓ ମେଜର ଡ. ସୁମିତ୍ରା ମିଶ୍ରଙ୍କୁ 'କାଦମ୍ବିନୀ ପ୍ରିୟ ପାଠକ ସମ୍ବର୍ଦ୍ଧନା-୨୦୨୩' ପ୍ରଦାନ କରାଯିବ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗୋଆର ରାଜ୍ୟପାଳ ପି.ଏସ୍. ଶ୍ରୀଧରନ ପିଲାଇ ଏବଂ ସମ୍ମାନିତ ଅତିଥି ଭାବରେ ଭୋପାଳସ୍ଥିତ ରବୀନ୍ଦ୍ରନାଥ ଟାଗୋର ବିଶ୍ୱବିଦ୍ୟାଳୟ ଏବଂ ଛତିଶଗଡ଼ସ୍ଥିତ ଡ. ସିଭିରମଣ ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ସନ୍ତୋଷ ଚୌବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି ବିଜେତା ସମ୍ମାନିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଂଶୀଧର ଓ ଇଲା ଫାଉଣ୍ଡେସନ୍ ପକ୍ଷରୁ ଉଚ୍ଚ ଶିକ୍ଷା ପାଇଁ ପ୍ରଦାନ କରାଯାଉଥିବା ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଛି। ଇଞ୍ଜିନିୟରିଂ, ମେଡିସିନ୍ ଏବଂ ଉଦାରବାଦୀ କଳା କ୍ଷେତ୍ରରେ ପେସାଦାର ଡିଗ୍ରୀ ହାସଲ କରିବା ପାଇଁ ପ୍ରତ୍ୟେକ ବର୍ଷ ୬ ଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଥାଏ। ଏହି ବୃତ୍ତି ଅନ୍ତର୍ଗତ ଏକାଡେମିକ୍ ଫି'ର ୯୦ ପ୍ରତିଶତ ଓ ୪ ବର୍ଷ ମଧ୍ୟରେ ହେବାକୁଥିବା ଅନ୍ୟ ଖର୍ଚ୍ଚକୁ ମିଶାଇ ପ୍ରତ୍ୟେକ ବୃତ୍ତିଧାରୀଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ୨୦୨୨-୨୩ ଶିକ୍ଷା ବର୍ଷରେ ୩ ଜଣ ବୃତିଧାରୀ ବିଭିନ୍ନ ଆଇଆଇଟି ଯଥା ଅଙ୍କିତ ଝା ଆଇଆଇଟି ମୁମ୍ବାଇରେ, ଆଦିତ୍ୟ ନାରାୟଣ ରାଉତ ଆଇଆଇଟି ଦିଲ୍ଲୀରେ ଏବଂ ଅନୀଶା ସାମନ୍ତରାୟ ଆଇଆଇଟି ରର୍‌କିରେ ଇଂଞ୍ଜିନିୟର ପାଠ୍ୟକ୍ରମରେ ଶିକ୍ଷା ହାସଲ କରୁଥିବାବେଳେ ଅନ୍ୟ ୩ ଜଣ ଯଥା ରୋହନ ରୁପମ୍ ଏନ୍‌ଆଇଟି ରାଉରକେଲା, ପ୍ରକାଶ କୁମାର ସାହୁ-ଭିସ୍ୱୁଟ ବୁର୍ଲାରେ ଇଞ୍ଜିନିୟରିଂ ଡିଗ୍ରୀ ଓ ବାଦଲ କୁମାର ସାହୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡ଼ିକାଲ କଲେଜରେ ମେଡ଼ିକାଲ ଡିଗ୍ରୀ ପାଠ୍ୟକ୍ରମରେ ଶିକ୍ଷା ଲାଭ କରୁଛନ୍ତି। ବଂଶୀଧର ଓ ଇଲା ଫାଉଣ୍ଡେସନ୍‌ର ଟ୍ରଷ୍ଟି ତଥା ଏହି ପ୍ରତିଷ୍ଠିତ ବୃତ୍ତିରେ ସମ୍ମାନିତ କରାଯାଇଥିଲା। ଏହି ଅବସରେର ଶ୍ରୀମତି ପଣ୍ଡା କହିଥିଲେ ଯେ, ପ୍ରଫେସର ଘନଶ୍ୟାମ ଦାସ ବୃତ୍ତି ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବେଶ ପ୍ରେରଣାଦାୟୀ ହୋଇପାରିଛି। ଏହି ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ସହାୟତା ଯୋଗାଇପାରିଥିବାରୁ ଆମେ ଗୌରବାନ୍ୱିତ ଅନୁଭବ କରୁଛୁ।

ହୋଟେଲ୍ ଓ ରେଷ୍ଟୁରାଣ୍ଟ ମେନୁରେ ସାମିଲ ହେବ ମିଲେଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ପ୍ରୋତ୍ସାହିତ କରି ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଜୀବନଜୀବିକାରେ ଉନ୍ନତି ଆଣିବା ଦିଗରେ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନ୍ ଓଡ଼ିଶା ସହାୟକ ହୋଇପାରିବ । ଏଥି ସହିତ ସହରର ଗ୍ରାହକମାନଙ୍କର ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିବା ଦିଗରେ ଆସୋସିଏସନ୍ ଏକ ଅଣୁଘଟକର ଭୂମିକା ଗ୍ରହଣ କରିପାରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି । ରାଜ୍ୟରେ ମାଣ୍ଡିଆର ପ୍ରଚାର ଓ ପ୍ରସାର ଦିଗରେ ରଣନୀତି ପ୍ରସ୍ତୁତ କରିବା ଦିଗରେ ଓଡ଼ିଶା ମିଲେଟ ମିଶନ ଦ୍ୱାରା କୃଷି ଭବନଠାରେ ହୋଟେଲ୍ ଏବଂ ରେଷ୍ଟୁରାଂଟ ଆସୋସିଏସନ୍, ଓଡ଼ିଶାର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହିତ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କହିଲେ ଆସନ୍ତା ନଭେମ୍ବର ୧୦ ତାରିଖରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଭୁବନେଶ୍ୱରଠାରେ ଏକ ଅନ୍ତର୍ଜାତୀୟ ସମ୍ମେଳନର ଆୟୋଜନ ନିମନ୍ତେ ଯୋଜନା କରିଛି । ହୋଟେଲ୍ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନ୍‌କୁ ଓଡ଼ିଶା ମିଲେଟ ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବରେ ଅଭିହିତ କରି ଏହି ସମ୍ମିଳନୀରେ ଆସୋସିଏସନ୍ ସକ୍ରିୟ ଅଂଶଗ୍ରହଣ କରିବା ସହିତ ସଂଘର ସଦସ୍ୟମାନଙ୍କୁ ସେମାନଙ୍କ ହୋଟେଲରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ବ୍ୟାପକ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଡ. ପାଢ଼ୀ ଅନୁରୋଧ କରିଥିଲେ । ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ସଂଘର ସହଯୋଗରେ ବିଭିନ୍ନ ସ୍ଥାନରେ ନିୟମିତ ଫୁଡ୍ ଫେଷ୍ଟିଭାଲର ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ । ହୋଟେଲ୍ ରୁମ୍ ଗୁଡ଼ିକରେ ଅତିଥିମାନଙ୍କ ନିମନ୍ତେ ମିଲେଟରୁ ପ୍ରସ୍ତୁତ ସ୍ନାକ୍ସ ଓ ସୂଚନା ପୁସ୍ତିକା ଉପଲବ୍ଧ କରାଇବା ସହ ଜନସଚେତନତା ବୃଦ୍ଧି ନିମନ୍ତେ ହୋଟେଲଗୁଡ଼ିକରେ ଭିଡିଓ କ୍ଲିପିଙ୍ଗ୍‌ସ ଏବଂ ଷ୍ଟାଣ୍ଡି ପ୍ରଦର୍ଶନ ଉପରେ ଶ୍ରୀ ଚୌଧାରୀ ଗୁରୁତ୍ୱ ଦେଇଥିଲେ। ବୈଠକରେ ହୋଟେଲ୍ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନ୍ ର ପ୍ରତିନିଧିମାନେ ମିଲେଟ୍ ର ପ୍ରସାର ନିମନ୍ତେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବୈଠକରେ ଅଂଶଗ୍ରହଣ କରି ହୋଟେଲ୍ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନ୍‌ର ସେକ୍ରେଟାରୀ ଜେନେରାଲ୍ ମିଲିନ୍ଦ ଗୁପ୍ତା କ

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗାଁ'ରେ ଓଡିଶା ମିଲେଟ ମିଶନ, ଆମ୍ବା ବଲାଙ୍ଗୀର, ମିଶନ ଶକ୍ତି, ଓ୍ୱାସିଡ଼ିଏ, ଓ୍ୱାସନ ଅନୁଷ୍ଠାନର ମିଲିତ ଉଦ୍ୟମରେ ଅନ୍ତର୍ଜାତୀୟ ମିଲେଟ ବର୍ଷ ଅବସରରେ କ୍ଷୁଦ୍ର ଶସ୍ୟ ସମ୍ପର୍କିତ ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଗାଁ'ର ମାଣ୍ଡିଆ ଚାଷୀ ଏବଂ ମହିଳା ସ୍ୱୟଂ ସହାୟିକା ଦଳର ମହିଳାମାନେ ଯୋଗ ଦେଇ ରଥକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୃଷି ଅଧିଦର୍ଶକ ଚକ୍ରଧର ଦାସ ଯୋଗଦେଇ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଓ୍ୱାସିଡ଼ିଏ ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ସମୀର କୁମାର ପାଣିଗ୍ରାହି, ରାକେସ ବେହେରା, ଫକୀର ସାହୁ, ଭୋଜରାଜ ବରିହା, ସଦାନନ୍ଦ ବାଗ ଯୋଗଦେଇ ଥିଲେ। ସଚେତନତା ରଥ ଦୁଇଦିନ ଧରି ଖପ୍ରାଖୋଲ ବ୍ଲକ ବିଭିନ୍ନ ଗ୍ରାମକୁ ଯାଇ ଓଡିଶା ମିଲେଟ ମିଶନ ବିଷୟରେ ସଚେତନତା କରିବା ସହ ମାଣ୍ଡିଆ, ଗୁର୍ଜୀ, କଦୋ, କାଂଗୁ ଭଳି କ୍ଷୁଦ୍ର ଶସ୍ୟ ଚାଷ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିବା। ସଚେତନତା ରଥ ଦୁଇଦିନ ଧରି ଖପ୍ରାଖୋଲ ବ୍ଲକ ବିଭିନ୍ନ ଗ୍ରାମକୁ ଯାଇ ଓଡିଶା ମିଲେଟ ମିଶନ ବିଷୟରେ ସଚେତନତା କରିବା ସହ ମାଣ୍ଡିଆ, ଗୁର୍ଜୀ, କଦୋ, କାଂଗୁ ଭଳି କ୍ଷୁଦ୍ର ଶସ୍ୟ ଚାଷ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିବ।

୯ ଦିନର ଲୀଳାଖେଳା ପରେ ଶ୍ରୀମନ୍ଦିର ବାହୁଡ଼ିଲେ ୩ ଦିଅଁ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ମାନବବାଦର ପ୍ରତୀକ ଶ୍ରୀଜଗନ୍ନାଥଙ୍କର ମାନବୀୟ ଲୀଳା ଘୋଷଯାତ୍ରାର ଶେଷପର୍ବ ବାହୁଡ଼ାଯାତ୍ରା ବୁଧବାର ସବୁଠି ଅନୁଷ୍ଠିତ ହୋଇଯାଇଛି। ମାଉସୀଘରେ ୯ ଦିନର ଲୀଳାଖେଳା ମଧ୍ୟରେ ଭିନ୍ନଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ମହାପ୍ରଭୁଙ୍କର ଫେରିବା ହୋଇଛି ଶ୍ରୀମନ୍ଦିରକୁ। ଶ୍ରୀକ୍ଷେତ୍ର ପୁରୀ ଭଳି ଦେଶ ବିଦେଶରେ ମଧ୍ୟ ମହାପ୍ରଭୁଙ୍କର ଏହି ବିଶ୍ୱ ପ୍ରସିଦ୍ଧ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେଉଅଛି। ଅନୁରୂପ ଭାବେ ସହର ସମେତ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ମହାବାହୁଙ୍କର ପବିତ୍ର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି। ତେବେ ଅନ୍ୟାନ୍ୟ ମନ୍ଦିର ଅପେକ୍ଷା ସହରର କେନ୍ଦ୍ର ସ୍ଥଳ ସିନେମାଛକ ସ୍ଥିତ ମାଉସୀ ମନ୍ଦିରରୁ ବାଣ୍ଡିଆ ଶ୍ରୀଜଗନ୍ନାଥ ମନ୍ଦିରର ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ଦେଖିବାକୁ ଅପରାହ୍ନରେ ଶ୍ରଦ୍ଧାଳୁମାନଙ୍କର ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ମାଉସୀଘରେ ସ୍ୱତନ୍ତ୍ର ନୀତିପୂଜା ପରେ ଅପରହ୍ନରେ ଆୟୋଜିତ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରଢ଼ କରାଯାଇଥିଲା। ଘଣ୍ଟ ଘଣ୍ଟା ଶଙ୍ଖ, ହୁଳହୁଳି ଓ ଭଜନ କୀର୍ତ୍ତନର ତାଳେତାଳେ ସେବାୟତମାନେ ତିନିଠାକୁରଙ୍କୁ ଝୁଲାଇ ଝୁଲାଇ ପହଣ୍ଡି କରିବା ଦୃଶ୍ୟ ଥିଲା ବେଶ୍ ମନୋରମ। ସମସ୍ତେ ଅପଲକ ନୟନରେ ଚାରି ଦିଅଁଙ୍କ ପହଣ୍ଡିଯାତ୍ରାକୁ ଉପଭୋଗ କରିବା ସହ ଭକ୍ତମାନଙ୍କର ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ସିନେମାଛକ ପ୍ରକମ୍ପିତ ହୋଇଥିଲା। ଶ୍ରୀଜୀଉମାନେ ରଥାରଢ଼ ହେବା ପରେ ଟାଉନଥାନା ଅଧିକାରୀ ପର୍ଶୁରାମ ସାହୁ ଛେରା ପହଁରା କରିଥିଲେ। ପରେ ଭକ୍ତମାନେ ଭାବ ବିହ୍ୱଳ ହୋଇ ରଥକୁ ଟାଣିନେଇଥିଲେ ମୋତିଗଞ୍ଜ ସ୍ଥିତ ବାଣ୍ଡିଆ ଶ୍ରୀଜଗନ୍ନାଥ ମନ୍ଦିର ଅଭିମୁଖେ। ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ରଥାରୁଢ଼ ଠାକୁରଙ୍କୁ ଦର୍ଶନ କରିବା ସହିତ ରଥ ଟାଣିଥିଲେ। ଶ୍ରୀଜଗନ୍ନାଥଙ୍କ ପ୍ରେମରେ କିଛି ଭକ୍ତଙ୍କ ନୃତ୍ୟ ଏହି ପରିବେଶକୁ ଆହୁରି ଭାବାବେଗମୟ କରିଥିଲା। ବାଲେଶ୍ୱର ସହର ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ରଥାରଢ଼ ଶ୍ରୀଜୀଉମାନଙ୍କୁ ଦର୍ଶନ ପୂର୍ବକ କୃପାଭିକ୍ଷା କରି ରଥ ଦଉଡ଼ି ଧରି ଟାଣିଥିଲେ। ସମଗ୍ର ବାଲେଶ୍ୱର ସହର ଜଗନ୍ନାଥମୟ ହୋଇ ଉଠିବା ପରି ମନେ ହେଉଥିଲା। ସେହିଭଳି ସହରର ମଣ୍ଡଳବଜାର ଜଗନ୍ନାଥ ମନ୍ଦିର, ପୁଲିସ ଲାଇନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ଝାଡ଼େଶ୍ୱର ମନ୍ଦିର ବେଢ଼ା ପରିସର ଜଗନ୍ନାଥ ମନ୍ଦିର, ଆଜିମାବାଦ ଶ୍ରୀଜଗନ୍ନାଥ ମନ୍ଦିର, ବାଲିଆ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଭୃତିରେ ମହାପ୍ରଭୁଙ୍କର ବାହୁଡ଼ାଯାତ୍ରା ଶ୍ରଦ୍ଧା ଓ ଭକ୍ତିର ସହ ଅନୁଷ୍ଠିତ ହୋଇଯାଇଛି।

ଆସିକା କୋଟିନଡା ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା କୋଟିନଡା ଥାନା ପକ୍ଷରୁ ସଡ଼କ ସୁରକ୍ଷା ଓ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୋଟିନଡା ଭାରପ୍ରାପ୍ତ ଥାନା ଅଧିକାରୀ କୃଷ୍ଣ ସାହାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭଞ୍ଜନଗର ଆରଟିଓ ଶୁଭେନ୍ଦୁ ରଞ୍ଜନ ରାଏ, ଆସିକା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ ଦେବବ୍ରତ ସାହୁ, ଯୁବ ସମାଜସେବୀ ଅଭିନାଶ ପାଣିଗ୍ରାହି, ଆସିକା ବ୍ଲକ ଆମ୍ବ ଅଧ୍ୟକ୍ଷ ରାଜେଶ କୁମାର ପଟ୍ଟନାୟକ, ଆସିକା ଟେକନିକାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭାରପ୍ରାପ୍ତ ଥାନା ଅଧିକାରୀ କୃଷ୍ଣା ସାହାଙ୍କ ପୌରହିତ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ କୋଟିନଡା ଥାନା ପୋଲିସ କର୍ମଚାରୀ, ଟେକନିକାଲ ହାଇସ୍କୁଲ୍ ଏବଂ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମିଳିତ ଭାବେ ଯୋଗ ଦେଇ ସଡ଼କ ସୁରକ୍ଷା ଓ ଟ୍ରାଫିକସ ସଚେତନତା ଉପରେ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଆସିକା ଟେକନିକାଲ ହାଇସ୍କୁଲ୍‌ଠାରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ପର୍କୀତ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଟିନଡା ପୋଲିସ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ କଲେଜ ଛକ ମୁଖ୍ୟ ରାସ୍ତାରେ ଗାଡି ଚାଳକଙ୍କୁ ସଡ଼କ ସରୁକ୍ଷା ସମ୍ପର୍କୀତ ସୂଚନା ଏବଂ ଯେଉଁମାନେ ହେଲମେଟ ପିନ୍ଧି ନାହାଁନ୍ତି ତାଙ୍କୁ ହେଲମେଟ ପିନ୍ଧାଇ ନିଜର ମୂଲ୍ୟବାନ ଜୀବନ ରକ୍ଷା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ।

ପଞ୍ଚାୟତସ୍ତରୀୟ ସାଧାରଣ ଅଭିଯୋଗ ଓ ଯୁଗ୍ମ ଜନଶୁଣାଣି

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତି ଅନ୍ତର୍ଗତ ୨୪ଟି ପଞ୍ଚାୟତର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କକ୍ଷରେ ଏକ ପଞ୍ଚାୟସ୍ତରୀୟ ସାଧାରଣ ଅଭିଯୋଗ ଓ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ମହିଳା ଓ ପୁରୁଷ ଏହି ଜନଶୁଣାଣିରେ ୧୨୮ଟି ବ୍ୟକ୍ତିଗତ ଓ ସାମୁହିକ ଅଭିଯୋଗ କରିଥିବା ବେଳେ ଏହାର ସମାଧାନ ନିମନ୍ତେ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ଉପସ୍ଥିତ ଅଧିକାରୀମାନଙ୍କୁ ଏହାର ଯଥାଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦିନ ୧୧ ଘଟିକାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଗୋଟାଏ ପର୍ଯ୍ୟନ୍ତ ଚାଲିଥିବା ବେଳେ ରାସନକାର୍ଡ଼ରୁ ବଞ୍ଚିତ ବହୁ ହିତାଧିକାରୀ ଓ ସରକାରଙ୍କ ନିକଟରୁ ମିଳୁଥିବା ପଞ୍ଚାୟତସ୍ତରୀୟ ବହୁ ଯୋଜନାରେ ବଞ୍ଚିତ ହିତାଧିକାରୀ ଜନଶୁଣାଣିରେ ନିଜ ନିଜର ଅଭିଯୋଗ ପ୍ରଦାନ କରିଥିଲେ। ମୁଖ୍ୟତଃ ଉଚ୍ଚପଦା ପଞ୍ଚାୟତର ମଣିଆଁ ଗ୍ରାମରେ ବେଆଇନ୍ ଭାବେ ଖୋଳା ଯାଉଥିବା ପଥର ଛାଇ ଓ ମୋହରମ୍ ଚାଲାଣକୁ ବନ୍ଦ କରିବା ପାଇଁ ବହୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିବା ପରେ ଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡ଼ି ଡିଆର୍‌ଡିଏ ଅମ୍ବର କର, ଗ୍ରାମାଞ୍ଚଳ ଏସ୍‌ପି ଯୁଗଳ କିଶୋର, ଏଡିଏମ୍ ଶିବା ଟପ୍ପୋ, ବିଡ଼ିଓ ଆଶୁତୋଷ ମିଶ୍ର, ସିଡ଼ିପିଓ ଚନ୍ଦ୍ରିକା କୁମାରୀ ମହାପାତ୍ର, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ବ୍ଲକ୍ ଅଧକ୍ଷା ମୀନାକ୍ଷୀ ଦାସଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଯୁକ୍ତ ୩ ଚତୁର୍ଥ ସିମେଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବି

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆଜି ବିଭିନ୍ନ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ଚତୁର୍ଥ ସେମିଷ୍ଟାର ପରୀକ୍ଷା ଘୁଞ୍ଚାଇବାକୁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନା ପ୍ରକାରେ ଜୁଲାଇ ୪ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଚତୁର୍ଥ ସେମିଷ୍ଟାର ପରୀକ୍ଷା ହେବା ନିମନ୍ତେ ବିଜ୍ଞପ୍ତି ଜାରି ହୋଇଛି। ତୃତୀୟ ସେମିଷ୍ଟାର ପରୀକ୍ଷା ଏପ୍ରେଲ ମାସରେ ସରିଥିବା ବେଳେ ମେ ମାସରୁ ଏକ ମାସ ଗ୍ରୀଷ୍ମ ଛୁଟି ରହିଥିଲା। ସେହି ସମୟ ମଧ୍ୟରେ ଚତୁର୍ଥ ସେମିଷ୍ଟାର ପରୀକ୍ଷାର ସିଲାବସ ପ୍ରକାରେ ପାଠ୍ୟକ୍ରମ ସରିନଥିବା ଓ ଅନ୍‌ଲାଇନ ମାଧ୍ୟମରେ ପାଠପଢ଼ା ହୋଇ ନଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ। ଯଦି ପରୀକ୍ଷା କରାଯାଏ। ତେବେ ପରୀକ୍ଷାରେ ଭଲ କରିପାରିବେ ନାହିଁ ବୋଲି ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି। ତେଣୁ ଏହି ପରୀକ୍ଷାକୁ ସିଲାବସର ପାଠ୍ୟକ୍ରମ ଅନୁସାରେ ସାରିବା ପରେ ପରୀକ୍ଷା କରିବା ପାଇଁ ଆଜି ବହୁ କଲେଜର ବିଦ୍ୟାର୍ଥୀମାନେ ଦାବି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ସହ ସାକ୍ଷାତ କରିବା ପରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ପାଳନ କରି ଠିକ୍ ସମୟରେ ପରୀକ୍ଷା କରାଯିବ ବୋଲି କହିଛନ୍ତି ପରୀକ୍ଷା ନିୟନ୍ତ୍ରକ ଡ଼. ସତ୍ୟ ନାରାୟଣ କୁଣ୍ଡୁ ବିକ୍ଷୋଭ ସ୍ଥଳରେ ପହଁଞ୍ଚି ଛାତ୍ରଛାତ୍ରୀ ସହ ଆଲୋଚନା କରିଥିଲେ। କଲେଜ ଅଧକ୍ଷଙ୍କ ସହିତ ଆଲୋଚନା ପରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଡ଼ କୁଣ୍ଡୁଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ ଯେ, ଚତୁର୍ଥ ସେମିଷ୍ଟାର ପରୀକ୍ଷା ମଧ୍ୟରେ ପାଠ୍ୟକ୍ରମ ସାରିବା ପାଇଁ କୁହାଯାଇଥିଲା। ତାହା ସହ କଲେଜ ଅଧକ୍ଷଙ୍କୁ ସିଲାବସ ଅନୁସାରେ ପାଠ୍ୟକ୍ରମ ସରିଛି କି ନାହିଁ ଜଣାଇବାକୁ କୁହାଯାଇଥିଲା। କିନ୍ତୁ ଅଧକ୍ଷମାନେ କୌଣସି ପ୍ରକାର ସୂଚନା ଦେଇନଥିଲେ। ତେଣୁ ଚତୁର୍ଥ ସେମିଷ୍ଟାର ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା । ଅଧକ୍ଷମାନଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଛାତ୍ରଛାତ୍ରୀଙ୍କୁ କହିଥିଲେ। ପରେ ଛାତ୍ରଛାତ୍ରୀମାନେ ବିକ୍ଷୋଭରୁ ଓହରିଥିଲେ। ଆଜି ବିକ୍ଷୋଭ ପ୍ରଦର୍ଶନ ବେଳେ ବ୍ରହ୍ମପୁର ଏସବିଆର ମହିଳା ମହାବିଦ୍ୟାଳୟ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ମହାମାୟୀ ମହିଳା ମହାବିଦ୍ୟାଳୟ ଗୋପାଳପୁର କଲେଜ, ଛତ୍ରପୁର କଲେଜ, ଗଞ୍ଜାମ କଲେଜ, ତାରାତାରିଣୀ କଲେଜରୁ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ପରୀକ୍ଷା ନ ଘୁଞ୍ଚିଲେ ଆଗାମୀ ଦିନରେ ବିକ୍ଷୋଭ ଜୋର ଧରିବ ବୋଲି ବିଦ୍ୟାର୍ଥୀମାନେ କହିଛନ୍ତି।

ରୂପାୟନ କଳା ବିକାଶ କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଜିଲ୍ଲାର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ରୂପାୟନ' ପକ୍ଷରୁ କଳା ବିକାଶ କେନ୍ଦ୍ର ଓ 'ପାଲାକ୍ଷୀ ପ୍ରି ସ୍କୁଲ' ଓ 'ଡେ କେୟର' ସହରର ହେମକାପଦାଠାରେ ଉଦ୍‌ଘାଟିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ରୂପାୟନ ସଂଗଠନର ଜନକଲ୍ୟାଣକାରୀ ଉଦ୍ୟମକୁ ପ୍ରଶଂସା କରିଥିଲେ। ନିଶା ନିବାରଣ, ମହିଳାଙ୍କୁ ଆତ୍ମନିର୍ଭଶୀଳ ପ୍ରଶିକ୍ଷଣ, ଗରିବ ଲୋକଙ୍କୁ ସହାୟତା ପ୍ରଭୃତିରେ ରୂପାୟନ ସଂଗଠନର ଅଗ୍ରଣୀ କାର୍ଯ୍ୟଧାରା ସର୍ବଦା ପ୍ରଶଂସନୀୟ ହୋଇଆସିଛି। ଏବେ କଳା ଓ ସଂସ୍କୃତିର ବିକାଶ ପାଇଁ ସଂଗଠନ ପକ୍ଷରୁ ଆରମ୍ଭ ହୋଇଥିବା ଅନୁଷ୍ଠାନ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ଦାସ କହିଥିଲେ। ଏଥି ସହିତ ଶିଶୁଙ୍କ ପାଇଁ ପ୍ରି ସ୍କୁଲ ଓ କର୍ମଜୀବୀ ମହିଳାଙ୍କ ଶିଶୁଙ୍କ ଲାଳନପାଳନ ପାଇଁ 'ଡେ କେୟର' ସ୍ଥାପନ ରୂପାୟନର କାର୍ଯ୍ୟ ପରିସରକୁ ବିସ୍ତାର କରିଛି ବୋଲି ସେ ମତ ଦେଇଥିଲେ। ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, କବି ଅଭୟ ଦାସ, ଡାକ୍ତର ବିଜୟ ପଣ୍ଡା, ସାହିତ୍ୟିକ ଡ. ରାଧାରଞ୍ଜନ ପଟ୍ଟନାୟକ, କବି ଉମେଶ ଚନ୍ଦ୍ର ବାରିକ, ଅଞ୍ଜଳି ପଣ୍ଡା, ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରୂପାୟନ ସଂଗଠନର ନୂତନ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା କାମନା କରିଥିଲେ। ରୂପାୟନ ସଂଗଠନର ମୁଖ୍ୟ ଶ୍ରଦ୍ଧାଞ୍ଜଳି ରାୟ ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷତା କରିବା ସହିତ କଳା ବିକାଶ କେନ୍ଦ୍ର ଏବଂ ପ୍ରି ସ୍କୁଲ ତଥା ଡେ କେୟର ଅନୁଷ୍ଠାନ ଶୁଭାରମ୍ଭର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଚ୍ଚନା ନନ୍ଦୀ, ଜୟଶ୍ରୀ ବିଶ୍ୱାଳ, ପ୍ରଜ୍ଞା ପାରମିତା ମହାନ୍ତି, ବାସନ୍ତୀ ସାମଲ, ବିଧାନ ଚନ୍ଦ୍ର ରାୟ, ପୁଷ୍ପଲତା ମହାନ୍ତି, କଲ୍ୟାଣୀ ନନ୍ଦ, ହେମଲତା ଦାସ, ବାସନ୍ତୀ ନାୟକ, ପ୍ରତିମା ପଣ୍ଡା ପ୍ରମୁଖ ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

ବାରହା ଶିକାର ପାଇଁ ୧୧ କେଭି ଲାଇନ୍‌ରେ ବିଛାଯାଉଛି ତାର

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ବାରହା ଶିକାର ପାଇଁ ଜଙ୍ଗଲରେ ବିଛାଯାଉଛି ବିଦ୍ୟୁତ ତାର। ଯାହାଫଳରେ ଅଞ୍ଚଳରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହେଉଛି। ବିଦ୍ୟୁତ ବାରମ୍ବାର ସର୍ଟ ହେବା କାରଣରୁ ବିଦ୍ୟୁତ କର୍ମଚାରୀ ଲକ୍ଷ୍ମୀପୁର ବ୍ଲକ୍‌ର ପାଣ୍ଡକାପଦର ଜଙ୍ଗଲରେ ଖୋଜିବା ପରେ ୧୧କେଭି ଲାଇନ୍‌ରେ ତାର ସଂଯୋଗ କରି ବାରହା ଶିକାର କରିବା ପାଇଁ ତାର ଲଗାଯାଇଥିବା ଜାଣିବାକୁ ପାଇଥିଲେ। ଲକ୍ଷ୍ମୀପୁରଠାରୁ ରାଫକଣା ପର୍ଯ୍ୟନ୍ତ ଯାଇଛି ୧୧ କେଭି ବିଦ୍ୟୁତ ଲାଇନ। ଏହି ଅଞ୍ଚଳରେ ବନ୍ୟ ପ୍ରାଣୀମାନଙ୍କୁ ବିଦ୍ୟୁତ ତାର ବିଛା ଯାଇ ଦୁର୍ବୁତ୍ତମାନେ ପଶୁ ପକ୍ଷୀ ଶିକାର କରୁଛନ୍ତି। ବିଛା ଯାଉଥିବା ତାରରେ ବାରହା ସହିତ ଜଙ୍ଗଲି ଯନ୍ତୁମାନେ ପଡ଼ି ଜୀବନ ହାରୁଛନ୍ତି। ଏଥିପାଇଁ ବିଦ୍ୟୁତ କର୍ମଚାରୀମାନେ ଉପଭୋକ୍ତାଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ତେବେ ବିଦ୍ୟୁତ ବିଭାଗ କର୍ମଚାରୀମାନେ ଲକ୍ଷ୍ମୀପୁର ଥାନା ଅଧୀନସ୍ଥ ମିନାପାଇ ପାଣ୍ଡକାପଦର ମଧ୍ୟରେ ୧୧ ଲାଇନ୍‌ରୁ ବିଦ୍ୟୁତ ତାର ଆଣି ଜଙ୍ଗଲରେ ବଛାଯାଇଥିବା ଠାବ କରିବା ସହିତ ତାର ଗୁଡ଼ିକୁ ଜବତ କରିଛନ୍ତି। ରାତ୍ର ସମୟରେ ବିଦ୍ୟୁତ କର୍ମଚାରୀ ମଧ୍ୟ ଠାବ କରିବା ସମୟରେ ଶିକାରୀ ବିଛାଇଥିବା ତାରରେ ଛନ୍ଦି ନହେବେ ସେକଥା ବି କହିବା ମୁସ୍କିଲ୍ ହୋଇଥିବା ବେଳେ ରାତ୍ରରେ ନଖୋଜିଲେ ଶିକାରୀମାନେ ପାହାନ୍ତିଆ ସମୟରେ ତାର କାଢି ନେଇଯାଉଥିବା ଜଣାପଡିଛି। ତେବେ ଯେଉଁ ଦୁର୍ବୁତ୍ତମାନେ ଏହିଭଳି କାଣ୍ଡ କରୁଛନ୍ତି ସେମାନେ ଧରା ପଡିନାହାନ୍ତି। କେବଳ କୁଟିଙ୍ଗା ଗ୍ରାମପଞ୍ଚାୟତର ପାଣ୍ଡକାପଦର ନୁହଁ ବରଂ ବ୍ଲକ୍‌ର ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ଏପରି ବିଦ୍ୟୁତ ସର୍ଟ ସର୍କିଟ୍ କରାଯାଇ ବନ୍ୟଜନ୍ତୁ ଶିକାର କରାଯାଉଛି, ବିଭାଗର କର୍ମଚାରୀଙ୍କ ସହ ବନବିଭାଗ ପୋଲିସ ମିଳିତ ରାତ୍ରକାଳିନ ଚଢାଉ କଲେ ଶିକାରୀ ଧରାପଡିଥାନ୍ତେ ବୋଲି ମତପ୍ରକାଶ ପାଇଛି।

ବିଭିନ୍ନ ସ୍ଥାନରେ ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍

ବରଗଡ଼ର,(ଭାସ୍କର ନ୍ୟୁଜ୍): ଅଗ୍ରଣୀ ଶିଶୁଶ୍ରୀ ଭ୍ରାମ୍ୟ ମାଣ ପାଠାଗାରର ଏକ ଗୁରୁତ୍ୱ ପୂର୍ଣ ବୈଠକ ବରିଷ୍ଠ ସଦସ୍ୟ ଅର୍ଜୁନ ସେଟଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ବୈଠକ ରେ ବିଭିନ୍ନ ବସ୍ତିର ଛାତ୍ର ଛାତ୍ରୀଙ୍କ ଅନୁରୋଧ କ୍ରମେ ଗ୍ରୀଷ୍ମ ଅବକାଶରେ ଚାଲିଥିବା ପାଠ୍ୟଦାନ ପ୍ରକ୍ରିୟାକୁ ଚାଲୁ ରଖିବା ପ୍ରସ୍ତାବ ସ୍ୱ ସମ୍ମତି କ୍ରମେ ଗୃହୀତ ହୋଇଥିବା ବେଳେ ଚଳିତ ମାସ ବୃକ୍ଷ ରୋପଣ, ସ୍ୱଚ୍ଛତା ସଚେତନତା, ନିଶା ନିବାରଣ ,ସଙ୍ଗୀତ ଶିକ୍ଷାଓ ଆର୍ଥିକ ଅନଗ୍ରସର ଛାତ୍ର ଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ, ତଥା ଗରିବ ଛାତ୍ର ଛାତ୍ରୀଙ୍କୁ ଛତା ପ୍ରଦାନ ଭଳି କାର୍ଯ୍ୟକୁ ଗୁରୁତ୍ୱ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗୃହୀତ ହୋଇଥିଲା । ଏହି ଅବସରରେ ଶିଶୁଶ୍ରୀ ଭ୍ରାମ୍ୟ ମାଣ ପାଠାଗାରର ଲୋଗୋ ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମକୁ ଡ଼ଃ ଡୋଳାମଣି ଶତପଥୀ ସଂଯୋଜନା କରିଥିବା ବେଳେ କମଳ ଲୋଚନ ପଟେଲଙ୍କୁ ଆଗାମୀ କାର୍ଯ୍ୟକ୍ରମର ବିସ୍ତୃତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟତମ ସଦସ୍ୟ ଚନ୍ଦ୍ରକାନ୍ତ ସାମାସିକ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାଶ ଶର୍ମା, ଦିବ୍ୟକାନ୍ତି ଭୋଇ, ମିନା ପଣ୍ଡା, ସଂଘମିତ୍ରା ପଟେଲ,ଦିବାକର ମାଝୀ ଦୁଃଖିସେବକ ସାହୁ, ସୁବାସ ସାହୁ ନବୀନ ସାବତ ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଜର ମତାମତ ପ୍ରଦାନ କରିଥିଲେ। ବିଶିଷ୍ଟ କଣ୍ଠ ଶିଳ୍ପୀ ପ୍ରମୋଦ ଦାଶ୍ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ବୟସ ଅଛି ହେଲେ ବଳ ନାହିଁ

ଦୁଃଖୀ ଦୁଆରେ ବସା ବାନ୍ଧିଛି ବ୍ରେନ୍ ଟ୍ୟୁମର ରୋଗ

ନୂଆପଡ଼ା,(ଭାସ୍କର ନ୍ୟୁଜ୍): ଦୁଃଖୀ ଦୁଆରେ ବସା ବାନ୍ଧିଛି ବ୍ରେନ୍ ଟ୍ୟୁମର ରୋଗ ଅଭାବ ଯୋଗୁଁ, ବଢିଚାଲିଛି ରୋଗ। ଜୀବନ ଯେ କେତେବେଳେ କାହା ପାଖରୁ କେମିତି ପରୀକ୍ଷା ନେବ ତାହା କହିବା ମୁସ୍କିଲ୍। ହସ ଖୁସିରେ ବିତୁଥିବା ଜୀବନରେ ଯେ ଦିନେ ଏମିତି କଳା ବାଦଲ ମାଡି ଆସିବ ତାହା କେହି ଭାବି ନ ଥିଲେ । ହେଲେ ଆଜି ସେହି କଳା ବାଦଲ ତଳେ ଗରିବୀର କୋଠାରାଘାତରେ ଜର୍ଜରିତ ହୋଇ ଜୀବନ ବିତାଉଛି ପୁରା ପରିବାର । ଏକ ବର୍ଷ ହେବ ପୁଅ ବ୍ରେନ୍ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ଶଯ୍ୟାଶାୟୀ। ମା'ବାର୍ଦ୍ଧକ୍ୟର ତାଡନାରେ ଜୀବନ ବିତାଉଛି । ଜୀବନ ଜୀଇଁବା ପାଇଁ ଏବେ ଗରିବି ସହିତ ଯୁଝୁଛନ୍ତି ପୁରା ପରିବାର। ଆମେ କହୁଛୁ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ମଖାପଦର ପଞ୍ଚାୟତର ଚଉଁରା ଗାଁର ବିଧବା ମହିଳା କପୁର ବନ୍ଧିଛୋରଙ୍କ ପରିବାରର କଥା । କପୁରଙ୍କ ପରିବାର କହିଲେ ୩ପୁଅ ବଡ ପୁଅ ରୂପଧର ବୟସ ୩୧ ଜିଏ ଜନ୍ମରୁ ମାନସିକ ରୋଗୀ । ୨ୟ ପୁଅ ହେଲେ ଭୀମସେନ ବୟସ ୨୫ ସେ ବ୍ରେନ୍ ଟ୍ୟୁମର ରୋଗୀ। ଓ ସାନ ପୁଅ ପ୍ରଦୀପ, ଏ ପରିବାରର ରୋଜଗାର କଥା ଯଦି କହିବା ବୁଢ଼ୀମା'ର ବୟସ ନାହିଁ ସେ କାମ କରିପାରନ୍ତି ନାହିଁ। ଦୁଇ ଭାଇ ରୋଗରେ ପୀଡିତ ଥିବା ବେଳେ ସାନ ପୁଅ ପ୍ରଦୀପ ଦାଦନ ଜାଉଥିଲା ପ୍ରଥମେ ଏବେ ପଞ୍ଚାୟତରେ ଝାଡୁକରେ ସୁଇପର ଭାବରେ କାମ କରେ । ଭୀମସେନ କଲେଜରେ ଭଲ ପଢୁଥିଲେ ୨୦୨୨ରେ ବତଜ୍ୱରରେ ଆକ୍ରାନ୍ତ ହୋଇ କଷ୍ଟ ହେଲା । ତାଙ୍କୁ ଖଡ଼ିଆଳ ମିସନ୍ ହସ୍ପିଟାଲ ପ୍ରାଥମିକ ଚିକିତ୍ସା କରାଯାଇଥିଲା ହସ୍ପିଟାଲର ରିପୋର୍ଟ ଅନୁସାରେ ଭୀମସେନଙ୍କୁ ବ୍ରେନ୍ ଟ୍ୟୁମର ରୋଗ ହୋଇଛି । ଡ଼ାକ୍ତର କହିଲେ ଏଠି ଠିକ୍ ହେବନି ରାୟପୁର ନେଇକି ଯାଆ। ଏପଟେ ଘରକୁ ଦେଖିଲେ ଦିନରେ ସୁର୍ଯ୍ୟ ଓ ରାତିରେ ତାରା ଦିଶୁଛି ଖାଇବାକୁ ତ ନାହିଁ ପଇସା କେମିତି ଥିବ। ଭୀମସେନର ଦୁଃଖ ଦେଖି ଗାଁ ଲୋକେ ଚାନ୍ଦା ଆଦାୟ କରି ଭୀମସେନକୁ ରାୟପୁର ବାଲାଜୀ ହସ୍ପିଟାଲ ପଠାଇଲେ । ସେଠି ୪/୯/୨୦୨୨ ରୁ ୨୨/୯/୨୦୨୨ ପର୍ଯ୍ୟନ୍ତ ଚିକିତ୍ସା ହେଲେ ବି . ଏସ.କେ. ଖ୍ରୀ.କାର୍ଡ ରେ ଓ ଚିକିତ୍ସା ବାବଦରେ ୪୧.୦୦୦/ ଟଙ୍କା ଖର୍ଚ୍ଚ ହେଲା । ପରେ ଘରକୁ ଆସିଲା ପରେ କିଛି ଦିନ ପରେ ପୁଣି ଭୀମସେନ ଅସୁସ୍ଥ ହେଲେ। ୧୯/୫/୨୦୨୩ରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲଯାଇ ଡ଼ାକ୍ତରଙ୍କୁ ପରାମର୍ଶ କଲେ । ଡ଼ାକ୍ତରଙ୍କ ଲେଖା ଅନୁସାରେ ମେଡ଼ିସିନ ଆଣିଲେ ଓ ଆସନ୍ତା ୬/୧୨/୨୦୨୩ ରେ ବ୍ରେନ ଏମ. ଆର. ଆଇ. କରିବା ପାଇଁ ଡ଼ାକ୍ତର କହିଛନ୍ତି। ଇତି ମଧ୍ୟରେ ଏମ୍ସର ଡ଼ାକ୍ତର ଔଷଧ ଲେଖିଛନ୍ତି ଆଣ୍ଟିଏପିଲେପଟିକ ସବୁ ନିରାମୟ ଯୋଜନା ମାଧ୍ୟମରେ ଭୀମସେନକୁ ମାଗଣାରେ ସିନାପାଲି ଡ଼ାକ୍ତରଖାନାରୁ ଯୋଗେଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଭୀମସେନ ଭୁବନେଶ୍ୱର ଏମ୍ସ ହସ୍ପିଟାଲରୁ ଫେରିଲେ ଘରକୁ ଯେଉଁ ମେଡ଼ିସିନ ଆଣିଥିଲେ ସେ ମେଡ଼ିସିନ ଏବେ ସରିଯାଇଛି । ହେଲେ ସିନାପାଲି ହସ୍ପିଟାଲରେ ଯେଉଁ ମେଡ଼ିସିନ ମିଳିବାକଥା ଏମ୍ସରେ କୁହା ଯାଇଥିଲା ସେ ମେଡ଼ିସିନ ବଦଳରେ କପି କରି ଅନ୍ୟ ମେଡ଼ିସିନ ନେବା ପାଇଁ ଡ଼ାକ୍ତର କହୁଛନ୍ତି କିନ୍ତୁ ଭୀମସେନ କହୁଛି ମୋତେ ସେହି ଭୁବନେଶ୍ୱର ଏମ୍ସର ମେଡ଼ିସିନ ଦରକାର। ଗୋଟିଏ ପଟେ ବ୍ରେନ୍ ଟ୍ୟୁମର ରୋଗୀ ଭୀମସେନ ବ୍ରେନ୍ ଟ୍ୟୁମର ରୋଗର ମେଡ଼ିସିନ ମାଗୁଛି ଓ ଅନ୍ୟ ପଟେ ଡ଼ାକ୍ତର ବାବୁ ବାତ ମାରିବାର ମେଡ଼ିସିନ ନେବା ପାଇଁ କହୁଛନ୍ତି । ଏକଥା ଆମେ କହୁନୁ । ଏ ବ୍ରେନ୍ ଟ୍ୟୁମର ରୋଗ ବିଷୟରେ ଆମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡ଼ା ଶ୍ରୀମାନ ସାହୁଙ୍କ ସହ ଆଲୋଚନ କରିଥିଲୁ । ସେ ଓନ କ୍ୟାମେରାରେ କହୁଛନ୍ତି ଯେ, ଆମର ପାଖରେ ବାତମାରିବା ଔଷଧ ଅଛି ତାହା ଆମେ ଭୀମସେନକୁ ଦେବୁ । କିନ୍ତୁ ଭୀମସେନକୁ ବ୍ରେନ୍ ଟ୍ୟୁମର ରୋଗ ହୋଇଛି ତାକୁ ବାତର ଔଷଧ ଦିଆଯାଉଛି। ରୋଗୀ ନିଜେ କହୁଛନ୍ତି ଜେ ମୋତେ ଏଇ ଔଷଧ ଦରକାର ନାହିଁ ମୋତେ ଭୁବନେଶ୍ୱର ଏମ୍ସରେ ଯାହା ଲେଖି ଛନ୍ତି ତାହାହିଁ ଦରକାର ବୋଲି। ପୁଣି ଡ଼ାକ୍ତର ସାହୁ କହିଛନ୍ତି ଆମ ପାଖର ଯାହା ଅଛି ତାହା ହିଁ ଦେଇ ପାରିବୁ ଅଲଗା ବ୍ରାଣ୍ଡର ଔଷଧ ନାହିଁ ଆମ ପାଖରେ। ଶ୍ରୀ ସାହୁ ଭୀମସେନଙ୍କ ଘରକୁ ସିଡ଼ିଏମଓଙ୍କ ନିର୍ଦ୍ଦେଶରେ ଯାଇ ଦେଖି କି ମଧ୍ୟ ଆସିଛନ୍ତି ହେଲେ ବାତମାରିବା ଔଷଧ ନେବା ପାଇଁ କହୁଛନ୍ତି ସାହୁ । ରୋଗ ହେଇଛି ବ୍ରେନ୍ ଟ୍ୟୁମର ଔଷଧ ଦେବେ ବାତର କାହିଁକି ଏବେ ଭୀମସେନଙ୍କ ବୟସ ଅଛି କିନ୍ତୁ ବଳ ନାହିଁ, ଏ ଜୀବନ ମରଣ ସହ ସଂଗ୍ରାମ କରୁଥିବା ଭୀମସେକୁ କେହି ସହୃଦୟ ବ୍ୟକ୍ତି କିମ୍ବା ସରକାରଙ୍କ ତରଫରୁ ଭୀମସେନ ଚାହୁଁଥିବା ଉଚ୍ଚ କୋଟିର ଚିକିତ୍ସା ଦେଲେ ହୁଏତ ଭଲ ହୋଇଯିବ ଭୀମସେନ। ତେବେ ଭୀମସେନଙ୍କ କେବେ ଓ କେମିତି ଚିକିତ୍ସା ହେଉଛି ତାହା ଦେଖିବାକୁ ବାକି ରହିଲା ।

ପୁଣି ଯେମିତିକୁ ସେମିତି ଅବସ୍ଥାରେ ଲକ୍ଷ୍ମୀପୁର ବଜାର

ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍): ଆବର୍ଜନା ମୁକ୍ତ ଲକ୍ଷ୍ମୀପୁର କରାଇବା ଦିଗରେ ରଥ ଯାତରା ପୂର୍ବରୁ ପଞ୍ଚାୟତ ସମିତି ଓ ବଣିକ ସଂଘ ମିଳିତ ହୋଇ ପ୍ରୟାସ ଆରମ୍ଭ କରିଥିଲେ। ବଣିକ ସଂଘର ସଦସ୍ୟମାନେ ମୁହଁରେ ମାସ୍କ ଲଗାଇ ହାତରେ ପଅଁରା ଝାଡୁ ଧରି ଲକ୍ଷ୍ମୀପୁର ବଜାର ସଫେଇ କରିଥିବା ଦେଖିବାକୁ ମିଳିଥିଲା। ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର୍ ତପନ କୁମାର ନାୟକ, ଆଡିସନାଲ୍ ତହସିଲ୍ ଦାର୍ ମାଧବ ଭତ୍ରା, ଆଇଆଇସି ଶ୍ୱେତପଦ୍ମା ସେଠ୍, ସରପଞ୍ଚ ଶ୍ୟାମ ସୁନ୍ଦର ତାଡିଙ୍ଗ୍, ବଣିକ ସଂଘ ସଭାପତି ମନୋଜ କୁମାର ସାହୁ ପ୍ରଭୃତି ପ୍ରତ୍ୟେକ ଦୋକାନ ବୁଲି ବୁଲି ସଚେତନ କରାଇବା ସହ ଅଳିଆ ଆବର୍ଜନା ମନଇଚ୍ଛା ଏଣେ ତେଣେ ନପକାଇବାକୁ ପରାମର୍ଶ ଦେଇଥିଲେ। ନିଜ ନିଜ ଦୋକାନ ଆଗରେ ଅଳିଆ ଗୁଡ଼ିକୁ ରଖି ଅଳିଆ ବୁହା ଗାଡି ଆସିଲେ ସେଥରେ ପକାଇବେ। ଯଦି ଏଥି ପ୍ରତି ଜିଏ ଅବହେଳା କରିବ ତା'ଠାରୁ ୫ହଜାର ଫାଇନ୍ ଆଦାୟ କରାଜିବ ବୋଲି ତହସିଲଦାର୍ ଶ୍ରୀଯୁକ୍ତ ନାୟକ କହିଥିଲେ। ଆଗାମି ଦିନରେ ବଜାର ଉପରେ ଡଷ୍ଟବିନ୍ ଗୁଡିକ ରଖାଜିବ ସେଥିରେ ସମସ୍ତେ ଅଳିଆ ଗୁଡିକ ପକାଇବେ ବୋଲି ବିଡିଓ ରଥ କହିଥିଲେ। ହେଲେ ଉକ୍ତ ଘଟଣାକୁ ଏକ ମାସ ପୁରିବାକୁ ବସିଲାଣି ହେଲେ ପଞ୍ଚାୟତ ସମିତି ତରଫରୁ ଏଜାଏଁ କୌଣସି ଡଷ୍ଟ୍ ବିନ୍ ଦିଆ ଜାଇନି। ମାସେ ନପୁରୁଣୁ ବଜାର ଉପରେ ଜେମିତି ଅଳିଆକୁ ସେମିତି ଅଳିଆ ପୁଣି ଭର୍ତ୍ତି ହେଲାଣି। ପ୍ରଶାସନ କହିଦେଲା ଫାଇନ୍ ଆଦାୟ କରାଜିବ ହେଲେ କିଛି ଫରକ ପଡିଲାନି। ତେଣୁ ଆଗକୁ ବର୍ଷା ଦିନ ଆସିବା ପୂର୍ବରୁ ତୁରନ୍ତ ଏଥି ପ୍ରତି ପ୍ରଶାସନକୁ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

ବାଇକ ଦୁର୍ଘଟଣାରେ ବୃଦ୍ଧା ଗୁରୁତର

ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଜେଣ୍ଡା ପାର୍ତ୍ତିଙ୍ଗି ଗ୍ରାମ ଠାରେ ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ସମେତ ବାଇକ୍ ଚାଳକ ଗୁରୁତର ଆହାତ ହୋଇଥିବା ଜଣା ପଡିଛି। ଦୁହିଁଙ୍କୁ ସ୍ଥାନିୟ ଲୋକେ ବନ୍ଧୁଗାଁ ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ଗୁରୁତର ବୃଦ୍ଧାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ପାଇଁ ପରାମର୍ଶ ଦେଇଛନ୍ତି। ଖବର ନେବାରେ ଜଣା ପଡିଛିକି ବାଉଁଶପଟରୁ ଏକ ବସ ଯୋଗେ ବୃଦ୍ଧା ଜଣକ ନିଜ ଗ୍ରାମ ଜେଣ୍ଡା ପାର୍ତ୍ତିଙ୍ଗିକୁ ଆସି ଚାଲି ଚାଲି ଜାଉଥୁବା ବେଳେ ବାଇକ୍ ଚାଳକ ବନ୍ଧୁଗାଁରୁ ବାହୁଡା ଯାତ୍ରା ଦେଖି ନିଜ ଗ୍ରାମ ଲୋପେଟାକୁ ଫେରୁ ଥିବା ବେଳେ ବୃଦ୍ଧାଙ୍କୁ ଧକ୍କା ଦେଇଥିଲା। ଏନେଇ ବନ୍ଧୁଗାଁ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ପୋଲିସ କହିଛି।

ବୋଲରୋ ସହ ବାଇକ୍ ଧକ୍କା, ଦୁଇ ଗୁରୁତର

କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଡ଼ାଗୁଡା ପଞ୍ଚାୟତର ସେବାଶ୍ରମ ସମ୍ମୁଖରେବୋଲେର ସହ ବାଇକ ଧକ୍କା ଦୁଇ ଗୁରୁତର ହୋଇଥିବା ସୂଚନା ମିଳିଛି। ଖବର ଅନୁଯାୟୀ ସିକରପାଇ ପଞ୍ଚାୟତର ବେଳକଣାଗୁଡା ଗାଁର ଦୁଇ ଜଣ ନବୀନ ମିଣିଆକା ଓ ଦିଲ୍ଲୀପ ମିଣିଆକା ଏକବାଇକରେ କଲ୍ୟାଣସିଂହପୁର ବାହୁଡା ଯାତ୍ରା ଦେଖି ସନ୍ଧ୍ୟାରେ ନିଜ ଗାଁକୁ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ବୋଲରୋ ସହ ବୁଡ଼ାଗୁଡା ସେବାଶ୍ରମ ସମ୍ମୁଖରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ବାଇକ୍‌ରେ ଥିବା ଯୁବକମାନେ ଫିଙ୍ଗି ହୋଇଯାଇଥିଲେ। ଉକ୍ତ ଖବର ରୋଗୀ ବୁହା ପାଇଁ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରିବା ପରେ ଦୁହିଁଙ୍କ ଅବସ୍ଥା ଗୁରୁତର ହୋଇଥିବାରୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିବା ସୂଚନା ମିଳିଛି। ଉକ୍ତ ବୋଲରୋଟି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳର ବୋଲି ଜଣାପଡିଛି।

ଗୋପାଳକୃଷ୍ଣଙ୍କ ଜୀବନୀ ଓ ସାହିତ୍ୟ କୃତି ଉପରେ ସ୍ମୃତି ଚାରଣ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଓ ଭକ୍ତି ସଙ୍ଗୀତ ସଂସଦର ମିଳିତ ସହଯୋଗରେ କବି କଳହଂସ ଗୋପାଳକୃଷ୍ଣଙ୍କ ଜୟନ୍ତୀ ପାରଳା ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଦେବୀ ମଠର ମହନ୍ତ ରାମାନନ୍ଦ ଦାସଜୀ ଉଦ୍‌ଘାଟନ କରିଥିଲେ। ଭକ୍ତି ସଙ୍ଗୀତ ସଂସଦର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ବୃନ୍ଦ ବିରେନ୍ଦ୍ର କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଜ୍ଞାନ ରଞ୍ଜନ ମାଝୀ, ଡେପୁଟି କଲେକ୍ଟର, ସୁଶ୍ରୀ ଅର୍ଚ୍ଚନା ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ, ନିର୍ମଳା ସେଠୀଅଧ୍ୟକ୍ଷା, ପାରଳା ପୌର ପରିଷଦ,ବନମାଳୀ ଶତପଥୀ ନିର୍ବାହୀ ଅଧିକାରୀ, ପାରଳା ପୌର ପରିଷଦ, ଯୋଗ ଦେଇ ଗୋପାଳକୃଷ୍ଣଙ୍କ ଜୀବନୀ ଓ ତାଙ୍କର ସାହିତ୍ୟ କୃତି ଉପରେ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ନରେନ୍ଦ୍ରପୁରସ୍ଥିତ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଡ଼ା ହୃଷିକେଶ ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଗୋପାଳକୃଷ୍ଣଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ମଧ୍ୟ ଯୁଗୀୟ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ଉପସ୍ଥାପନ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତୀର୍ଥବାସୀ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଭା ଶେଷରେ କାର୍ଯ୍ୟକାରୀ ସମ୍ପାଦକ ରାଜେନ୍ଦ୍ର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜଗନ୍ନାଥ ଓଡିଶୀ କଳା କେନ୍ଦ୍ରର ନୃତ୍ୟ ଗୁରୁ ସୁଶ୍ରୀ ଡି ପ୍ରିୟଙ୍କା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଗୁରୁ ରଘୁନାଥ ପାତ୍ର ଓ ଗୁରୁ ମାଧବ ପାତ୍ରଙ୍କ ସଂଯୋଜନାରେ କବି କଳହଂସ ଗୋପାଳକୃଷ୍ଣଙ୍କ ରଚିତ ପଦ୍ୟାବଳୀରୁ ସଂଗୃହୀତ ସଙ୍ଗୀତ ଭକ୍ତି ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ବବିତା ପୁରୋହିତ ପରିଚାଳନା କରିଥିଲେ।

ଜିଲ୍ଲା ଦୌରାଜଜ୍ କୋର୍ଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ

କନ୍ଧମାଳ,(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ସ୍ଥିତ ଦାଦପାଜୁ ଠାରେ ହେବାକୁ ଥିବା ନୂତନଜିଲ୍ଲା ଦୌରାଜଜ୍ କୋର୍ଟ କମ୍ପ୍ଲେକ୍ସର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡଃ ଏସ ମୁରଲୀଧର ଭର୍ଚ୍ଚୁଆଲ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ଗାନ୍ଧୀ ସ୍ମୃତି ଭବନ ଠାରେ ନୂତନଜିଲ୍ଲା ଦୌରାଜଜ୍ କୋର୍ଟ କମ୍ପ୍ଲେକ୍ସର ଭିତ୍ତି ପ୍ରସ୍ତର ସ୍ଥାପନ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଶୁଭ ଉଦ୍‌ଘାଟନ ମଞ୍ଚରେ ମଞ୍ଚାସୀନ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ଜଷ୍ଟିସ୍ ଏବଂ ବିଲଡିଂ କମିଟି ଅଧ୍ୟକ୍ଷ ଡଃ ବି ଆର ଷଡଙ୍ଗୀ ଓ ମାନ୍ୟବର ଜଷ୍ଟିସ୍ ଏମ୍ ଏସ୍ ସାହୁ ଏଡମିନିଷ୍ଟ୍ରେଟିଭ୍ ଜଜ୍ କନ୍ଧମାଳର, ଜିଲ୍ଲା ଦୌରାଜଜ୍ ସତ୍ୟପିର ମିଶ୍ର, ଫୁଲବାଣୀ ଓକିଲ ସଂଘର ସଭାପତି ଭଗବାନ ମହାନ୍ତି, ସମ୍ପାଦକ କମଳ କୁମାର ବେହେରା ମଞ୍ଚାସୀନ ରହି ସେବା କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ଏହା ପରେ ସଭାପତି ଭାଗବାନ ମହାନ୍ତି ଖୁସି ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଅତିଥିଙ୍କୁ ହୃଦୟର ସହିତ ଶୁଭେଚ୍ଛା ଜଣାଇ ଥିଲେ। ସେହିପରି ଜିଲ୍ଲା ଦୌରାଜଜ୍ ମୁଖ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମାନ୍ୟବର ବିଚାରପତି ଏମ ସାହୁ ଜିଲ୍ଲାରେ ହେବାକୁ ଥିବା ଜିଲ୍ଲା ଦୌରାଜଜ୍ କୋର୍ଟ କମ୍ପ୍ଲେକ୍ସର ଭିତ୍ତି ପ୍ରସ୍ତର ସ୍ଥାପନ ଉପରେ ସୂଚନା ଦେଇଥିଲେ। ଏହା ସହିତ ମାନ୍ୟବର ବିଚାରପତି ବି ଆର ଷଡଙ୍ଗୀ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ପ୍ରଶାସନ ସହଯୋଗକୁ ଧନ୍ୟବାଦ ଦେବା ସହିତ ମୁଖ୍ୟ ବିଚାରପତିଙ୍କର ନିଷ୍ଠାପର କାର୍ଯ୍ୟ ଭୂୟସୀ ପ୍ରଶଂସା କରିଥିଲେ। ପରେ ନୂତନ ଭାବରେ ହେବାକୁ ଥିବା କୋର୍ଟ କମ୍ପ୍ଲେକ୍ସର ଏକ ଡକୋମେଣ୍ଟ୍ ଚଳଚ୍ଚିତ୍ର ଉପସ୍ଥାପନ କରାଯାଇଥିଲା। ଏଥି ସହିତ ଜିଲ୍ଲା ଓକିଲ ସଂଘକୁ ମଧ୍ୟ ସାଧୁବାଦ ଜଣାଇଥିଲେ। ଏହାପରେ ଜିଲ୍ଲା ଓକିଲ ସଂଘର ସମ୍ପାଦକ କମଳ ବେହେରା ମାନ୍ୟବର ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନଙ୍କ ପ୍ରଶଂସନୀୟ କାର୍ଯ୍ୟ, ଉତ୍ତମ୍ ଚିନ୍ତାକୁ ପ୍ରସଂଶା କରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶୁଭ ଅବସରରେ ଜିଲ୍ଲା ଦୌରାଜଜଙ୍କ ସମେତ ଅନ୍ୟ ବିଚାରପତି, ଓକିଲ ସଂଘର ସମସ୍ତ ସଦସ୍ୟ ଓ ଜୁଡିସିଆଲ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟକୁ ଯେ ଏମ୍‌ଏଫସି ସୋମ୍ୟଶ୍ରୀ ମହାପାତ୍ର ପରିଚାଳନା କରିଥ

ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ ।

-ପଲ୍ଲୀକବି ନନ୍ଦକିଶୋର ବଳ

ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ

କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼

ମୁଖ୍ୟମନ୍ତ୍ରୀଙ୍କ ଦାବିର ଯଥାର୍ଥତା

ଆମ ରାଜ୍ୟରେ କେନ୍ଦୁପତ୍ର ଏକ ଲଘୁ ବନଜାତ ସାମଗ୍ରୀ ରୂପେ ଗଣ୍ୟ ହେଉଥିବା ବେଳେ ପ୍ରାୟ ଆଠ ଲକ୍ଷ ଲୋକ ଏହା ଉପରେ ନିର୍ଭରଶୀଳ ହୋଇ ପରିବାର ପୋଷଣ କରିଥାନ୍ତି । ସେମାନେ ମୁଖ୍ୟତଃ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଋତୁକାଳୀନ ଶ୍ରମିକ ରୂପେ କାର୍ଯ୍ୟରତ ରହି ଜୀବିକାର୍ଜନ କରନ୍ତି । କେନ୍ଦୁପତ୍ର କାରବାର ଉପରେ ଏତେ ଅଧିକ ସଂଖ୍ୟକ ଲୋକ ଏବଂ ସେମାନଙ୍କ ପରିବାର ନିର୍ଭରଶୀଳ ଥିବାସ୍ଥଳେ ଏହା ଉପରେ ବର୍ତ୍ତମାନ ୧୮ ପ୍ରତିଶତ ଜିଏସ୍‌ଟି ଧାର୍ଯ୍ୟ ହୋଇଛି । ଏହା ସିଧାସଳଖ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ କର୍ମଚାରୀଙ୍କ କାରବାର ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ସହିତ ସେମାନଙ୍କ କଲ୍ୟାଣ ସାଧନ ନିମନ୍ତେ ସରକାରଙ୍କ ପ୍ରତିବଦ୍ଧତା ଉପରେ ମଧ୍ୟ ଏହା ପ୍ରଶ୍ନଚିହ୍ନ ଆଙ୍କୁଛି । କେନ୍ଦୁପତ୍ର କାରବାର ସହ ଜଡିତ ତୋଳାଳି ଓ ଶ୍ରମିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ସଂପୂର୍ଣ୍ଣ ଜିଏସ୍‌ଟି ମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଚାରିବର୍ଷ ଧରି ଲଗାତାର ଭାବରେ କେନ୍ଦ୍ର ସରକାରଙ୍କ ଠାରେ ଦାବି କରିଆସୁଛନ୍ତି । ଅଥଚ କେନ୍ଦ୍ର କର୍ତ୍ତୃପକ୍ଷ ଏ କ୍ଷେତ୍ରରେ କୌଣସି ଅନୁକୂଳ ପଦକ୍ଷେପ ଗ୍ରହଣ କରୁନଥିବା ଲକ୍ଷ୍ୟ କରାଯାଉଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚାରିବର୍ଷ ଭିତରେ ଚାରିଥର ଚିଠି ଲେଖିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୁଣି ଥରେ ନିର୍ମଳାଙ୍କୁ ପତ୍ର ଲେଖି ପୂର୍ବ ଦାବିକୁ ଦୋହରାଇଛନ୍ତି । କେନ୍ଦୁପତ୍ର ଉପରୁ ଜିଏସ୍‌ଟି ସଂପୂର୍ଣ୍ଣ ଛାଡ କରିବାକୁ ଦୃଢ଼ ଯୁକ୍ତି ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ, କେନ୍ଦୁପତ୍ର ଓଡ଼ିଶାର ଆଠ ଲକ୍ଷ ତୋଳାଳି, ବନ୍ଧାଳି ଓ ଋତୁକାଳୀନ ଶ୍ରମିକଙ୍କର ଆର୍ଥିକ ମେରୁଦଣ୍ଡ । ଏହା ସହିତ ଜଡିତ ଅଧିକାଂଶ ଶ୍ରମିକ ହେଉଛନ୍ତି ଆଦିବାସୀ ଓ ମହିଳା । ସେମାନେ ମୁଖ୍ୟତଃ ଆର୍ଥିକ ଅନଗ୍ରସର ବର୍ଗରୁ ଆସିଥାନ୍ତି । ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ ଆଇନ-୨୦୦୬ ଆଧାରରେ ଆଦିବାସୀମାନେ କେନ୍ଦୁପତ୍ର ସଂଗ୍ରହ କରିବାର ଅଧିକାର ପାଇଛନ୍ତି । ଏଭଳି କ୍ଷେତ୍ରରେ କେନ୍ଦୁପତ୍ର ଉପରେ ଏବେ ୧୮ ପ୍ରତିଶତ ଜିଏସ୍‌ଟି ଧାର୍ଯ୍ୟ ହେବା ସିଧାସଳଖ ଏହି କାରବାର ସହ ସଂପୃକ୍ତ ଥିବା ଆର୍ଥିକ ଅନଗ୍ରସର ବର୍ଗ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବାର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଏହା ଆଦିବାସୀ ଶ୍ରମିକଙ୍କ ଜୀବିକାକୁ ପ୍ରଭାବିତ କରିବା ସଂଗେସଂଗେ ସେମାନଙ୍କର ସାମାଜିକ ସୁରକ୍ଷା ଓ କଲ୍ୟାଣମୂଳକ ଯୋଜନାକୁ ବ୍ୟାହତ କରୁଛି । ସବୁ ଦୃଷ୍ଟିରୁ ବିଚାର କଲେ ଆଠ ଲକ୍ଷ ଆର୍ଥିକ ଅନଗ୍ରସର ଲୋକ ସ୍ୱାର୍ଥ ରକ୍ଷା ପାଇଁ କେନ୍ଦୁପତ୍ର ଉପରୁ ସଂପୂର୍ଣ୍ଣ ଜିଏସ୍‌ଟି ଛାଡ କରାଯିବାର ଜରୁରି ଆବଶ୍ୟକତା ରହିଛି । ଗତବର୍ଷ ନଭେମ୍ବର ୨୫ ତାରିଖ ଦିନ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୂପ ପତ୍ର ଲେଖି ଏଥିପାଇଁ ଦାବି ଉପସ୍ଥାପନ କରିଥିବା ସ୍ଥଳେ ବିଜେଡି ସାଂସଦମାନେ ସଂସଦରେ ଏକାଧିକ ବାର ଏହି ପ୍ରଂସଗ ଉତ୍‌ଥାପନ କରିଥିଲେ । ଗତ ୨୦୧୯ ମସିହା ନିର୍ବାଚନ ସମୟରେ ବିଜେପି ନିର୍ବାଚନ ଇସ୍ତାହାରରେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ପ୍ରତିଶ୍ରୁତି ଦେଇଥିଲା । ଏହି ନିର୍ବାଚନରେ ବିଜୟୀ ହୋଇ ବିଜେପି କେନ୍ଦ୍ରରେ ସରକାର ଗଠନ କରିଥିଲେ ହେଁ ନିଜର ପ୍ରତିଶ୍ରୁତି ରକ୍ଷା କରିନାହାନ୍ତି । ଏଥି ଭିତରେ ଚାରିବର୍ଷ ବିତିଯାଇଥିବାବେଳେ ଏବଂ ଆଗକୁ ପୁଣି ନିର୍ବାଚନ ଆସୁଥିବା ଦୃଷ୍ଟିରୁ ଗରିବ କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥରକ୍ଷା ଲାଗି ମୁଖ୍ୟମନ୍ତ୍ରୀଙ୍କ ଦାବିକୁ କେନ୍ଦ୍ର ସରକାର ଗୁରୁତ୍ୱର ସହ ବିଚାର କରିବା ସର୍ବାଦୌ ବାଞ୍ଛନୀୟ ।

ଗୁଣାତ୍ମକ ଶିକ୍ଷା

ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି । ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ । ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା । ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା ।ଶିଶୁ ମାନଙ୍କୁ ଦେଶର ସର୍ବୋଚ ସମ୍ପତ୍ତି କୁହାଯାଏ । ପାଠପଢାରୁ ବଞ୍ଚିତ ଶିଶୁ ଟିଏ ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇନଥାଏ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ । ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି । ଦେଶର ଭବିଷ୍ୟତ ଗଢିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି । ଏହା ସତ୍ତ୍ୱେ ଛାତ୍ରଛାତ୍ରୀ ମାନେ ଅଧାରୁ ପାଠପଢା ଛାଡୁଛନ୍ତି । ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି । କେନ୍ଦ୍ରାପଡାରେ ଏହି ହାର ୮.୯ ପ୍ରତିଶତ ଥିବା ବେଳେ , କଳାହାଣ୍ଡିରେ ୮.୪୬ ପ୍ରତିଶତ ରହିଛି । ଉଚ୍ଚ ପ୍ରାଥମିକରେ ରାୟଗଡାରେ ସର୍ବାଧିକ ୧୭.୧୦ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ, ମାଲକାନଗିରିରେ ୧୩.୭୮ ଓ ଯାଜପୁରରେ ୧୨.୬୩ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ସେହପରି ମାଧ୍ୟମିକ ସ୍ତରରେ ୧୮.୨% ପିଲା ଅଧାରୁ ପାଠ ଛାଡୁଛନ୍ତି । ପୁରୀରେ ସର୍ବାଧିକ ୧୦.୦୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ବାଲେଶ୍ୱରରେ ୮.୭୩ ଓ ସମ୍ବଲପୁରରେ ୮.୧୬ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ଏପରିକି ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବାର ଦଶ ବର୍ଷ ପରେ ବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରି ନାହିଁ ।

ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବା ବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ । ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭,୬୪୫ ସ୍କୁଲରେ ଖେଳ ପଡିଆ ନାହିଁ । ୧୬,୩୬୮ ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ ଏଥିସହିତ ୩୭,୬୩୫ରେ ଖେଳ ପଡିଆ ନ ଥିବା ବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ । ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ୍ୟ ନାହିଁ । ଆହୁରି ମଧ୍ୟ ରାଜ୍ୟର ୯୦ ଟି ବିଦ୍ୟାଳୟରେ କଳାପଟ୍ଟା ବ୍ୟବସ୍ଥା ନାହିଁ ।ଏଥିରୁ ରାଜ୍ୟରେ ଥିବା ସ୍କୁଲ ମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠପଢା ଚାଲିଛି ତାହା ସ୍ପଷ୍ଟ ଭାବେ ଅନୁଭବ କରିହେଉଛି । ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ କରି ଶିକ୍ଷକ ନାହାନ୍ତି । ସେହିପରି ୧୭,୭୨୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୨,୪୬୬ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ କରି ଶିକ୍ଷକ ନାହାଁନ୍ତି । ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନଥିବାବେଳେ ୧୧,୭୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ । କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟଗୁଡିକରେ ୨,୫୮୫ଟି ସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି ।

ଏଥି ସହିତ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି । ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପାନୀୟ ଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୁରଣ କରାଯାଇପାରିନାହିଁ । ଫଳ ସ୍ୱରୂପ, ଛାତ୍ରଛାତ୍ରୀ ମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି । ନିକଟରେ ଘରୋଇ ସଂସ୍ଥା "ଆସର" ପକ୍ଷରୁ ଗ୍ରାମାଞ୍ଚଳ ବିଦ୍ୟାଳୟ ଓ ଶିକ୍ଷାସ୍ତର ସ୍ଥିତି ଉପରେ କରାଯାଇଥିବା ସର୍ଭେ ତଥ୍ୟ ଅନୁଯାୟୀ ଆହୁରି ଉଦ୍‌ବେଗର ବିଷୟ ହେଲା ପ୍ରଥମ ଶ୍ରେଣୀରେ ପଢୁଥିବା ୩୮ % ପିଲା ଓଡିଆ ଅକ୍ଷର ପଢିପାରୁ ନାହାଁନ୍ତି । ୨୯.୩ % ପିଲା ଅକ୍ଷର ପଢୁଥିଲେ ମଧ୍ୟ ଚିହ୍ନିପାରୁ ନାହାଁନ୍ତି । ସେହିପରି ଅଷ୍ଟମ ଶ୍ରଣୀରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ । ସ୍କୁଲମାନଙ୍କରେ ଅଧିକ ଉପସ୍ଥାନ ପାଇଁ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହ ଅଣ୍ଡା, କଦଳୀ, ବାଳିକାଙ୍କୁ ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲେ ବି ଉପସ୍ଥାନ ସଂଖ୍ୟା ସନ୍ତୋଷଜନକ ହୋଇପାରିନାହିଁ ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେପରି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟି ସୁପାରିସ ହେଉଛି ଶିକ୍ଷା ବାବଦରେ ରାଷ୍ଟ୍ର ବ୍ୟୟବରାଦ ବୃଦ୍ଧି କରିବା ପାଇଁ । ଏସବୁ କମିଶନ ଓ କମିଟିର ସୁପାରିସ ଶୀତଳ ଭଣ୍ଡାରରେ ପଡିରହିଛି । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିସ କରିଥିଲେ । କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟର ୪ ଭାଗ ଓ ରାଜ୍ୟ ବଜେଟର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । ବରଂ ଶିକ୍ଷା ବଜେଟ ବର୍ଷକୁବର୍ଷ ହ୍ରାସ ପାଇବାରେ ଲାଗିଛି । ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତିକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି ।

ପ୍ରାଥମିକ ଶିକ୍ଷା ଶିକ୍ଷାବ୍ୟବସ୍ଥାର ମୂଳଦୁଆ । ମାତ୍ର ଏହି ମୂଳଦୁଆ କ୍ରମଶଃ ଭୁଶୁଡିବାରେ ଲାଗିଛି । ଏହାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ । ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୨ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଅଛନ୍ତି ୧ଲକ୍ଷ ୧୫ହଜାର ୮୩୩ଜଣ ନିୟମିତ ଶିକ୍ଷକ । ବଳକା ୧ ଲକ୍ଷ ୮ହଜାର ୪୯୭ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ହଜାର ୭୩୬ ଜଣ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷା ବ୍ୟବସ୍ଥା ଚାଲିଛି । ଏବେ ୩୪,୭୭୯ ଶିକ୍ଷକ ପଦବୀ ଖାଲି ପଡିଛି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା କେଉଁଠି ପାଞ୍ଚଟି ଶ୍ରେଣୀକୁ ଜଣେ ତ କେଉଁଠି ୭ଟି ଶ୍ରେଣୀକୁ ୨/୩ଜଣ ଶିକ୍ଷକରେ ସ୍କୁଲ୍ ଚାଲିଛି ।

ବାଇଶି ପାହାଚ

ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର
ମୋ -୯୯୩୭୬୯୧୪୭୫

ଦାରୁ ଦେବତା ଶ୍ରୀଜଗନ୍ନାଥ ଚାରି ଦିଗରେ ଚାରି ଧାମ ମଧ୍ୟରେ ଶ୍ରେଷ୍ଠ । ବିଶ୍ୱର ପ୍ରାଚୀନ ଦେବତା ରୂପେ, ପରଂବ୍ରହ୍ମ ରୂପୀ ଶ୍ରୀଜଗନ୍ନାଥ ମହାପ୍ରଭୁ ସର୍ବ ଜନ ବନ୍ଦିତ । ତେଣୁ ବୈଷ୍ଣବ, ଶୈବ, ଶାକ୍ତ, ଗାଣ ପତ୍ୟ, ବୌଦ୍ଧ, ଜୈନ୍ୟ, ଆର୍ଯ୍ୟ, ଅନାର୍ଯ୍ୟ, ଦ୍ରାବିଡ ଆଦି ବିଭିନ୍ନ ସମାଜ ଓ ଧର୍ମାବଲମ୍ବୀ ମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଆରାଧ୍ୟ ସର୍ବ ବ୍ରହ୍ମମୟ କର୍ତ୍ତା ରୂପେ ସ୍ୱୀକାର କରି ଆସିଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ତ୍ୱମୟ, ରହସ୍ୟମୟ ଓ ବୈଚିତ୍ର୍ୟମୟ ଦେବତା । ଶକ୍ଷେତ୍ରରେ ତାଙ୍କର ଲୀଳା ଅତି ବିଚିତ୍ର । ତାଙ୍କର ବାଇଶି ପାହାଚ ଅଗମ୍ୟ ତତ୍ତ୍ୱମୟ । ଶ୍ରୀମନ୍ଦିରକୁ ଯିବାକୁ ହେଲେ ବାଇଶି ପାହାଚ ଅତିକ୍ରମ କରିବାକୁ ହୁଏ । ବାଇଶି ପାହାଚ ଶ୍ରୀଜଗନ୍ନାଥ ଚେତନାର ଅତି ରହସ୍ୟମୟ । ବାଇଶି ପାହାଚ ଲୋକ ସାଧାରଣରେ ପରିଚିତ ହେଉଥିଲେ ମଧ୍ୟ, କେତେକ ସମୟରେ ମରାମତି ଯୋଗୁ ସଂଖ୍ୟାରେ ପ୍ରଭେଦ ଥିବାର ପରିଲକ୍ଷିତ ହୁଏ । କେତେକ କହନ୍ତି ଏହି ପାହାଚର ସଂଖ୍ୟା ୨୨, ଅନ୍ୟ କେତେକ ମତରେ ଏହାର ସଂଖ୍ୟା ୨୪,୧୭.୧୫ ଏହିପରି ବିଭିନ୍ନ ଗବେଶକ ଭିନ୍ନ ଭିନ୍ନ ମତ ରଖିଛନ୍ତି । ଏହାର ସଂଖ୍ୟା ବର୍ତ୍ତମାନ ୨୧ ରହିଛି । ଆଉ ଗୋଟିଏ ପାହାଚ ଗୋପ୍ୟ ରହିଛି । ପ୍ରତ୍ୟେକ ପାହାଚର ଓସାର ପ୍ରାୟ ୬ ଫୁଟ ଉଚ୍ଚତା ୬ ଇଞ୍ଚ, ଲମ୍ବ ପ୍ରାୟ ୭୦ ଫୁଟ । ଏହି ପାହାଚ ଉପରେ ମହାଳୟା ଅମାବାସ୍ୟା ଦିନ ଲୋକେ ଶ୍ରାଦ୍ଧ ଓ ଦୀପ ଦାନ କରନ୍ତି । ମାନସିକ ଅନୁସାରେ ଭକ୍ତମାନେ ମହାପ୍ରସାଦ ସେବା କରନ୍ତି । ପିଲାମାନଙ୍କୁ ଦୀର୍ଘଜୀବୀ କରିବା ଆଶାରେ ବାପ ମା' ବାଇଶିଟିଯାକ ପାହାଚରେ ଗଡେଇ ଉପରୁ ତଳକୁ ସିଂହ ଦ୍ୱାର ପର୍ଯ୍ୟନ୍ତ ଆଣନ୍ତି । ବାଇଶି ପାହାଚ କାହାର ପ୍ରତୀକ, ବିଭିନ୍ନ ଗବେଷକ ଭିନ୍ନମତ ପୋଷଣ କରନ୍ତି ଯଥା- ପଞ୍ଚମହାଭୂତ, ଦଶଇନ୍ଦ୍ରିୟ, ପଞ୍ଚତନ୍ତ୍ର,କ୍ଷେତ୍ର ଓ କ୍ଷେତ୍ରଜ୍ଞ ଏହି ସମସ୍ତଙ୍କର ପ୍ରତୀକ ହୋଇଚି ବାଇଶି ପାହାଚ । ସପ୍ତଲୋକ, ସପ୍ତପାତାଳ, ଅଷ୍ଟବୈକୁଣ୍ଠ ହେଉଛି ବାଇଶି ପାହାଚ । ସେହିପରି ସପ୍ତ ପୁରୁଷ, ଦଶ ବିଶ୍ୱଦେବ, ଓ ଚତୁଶନଃ ବାଇଶି ପାହାଚର ପ୍ରତୀକ । ପଞ୍ଚମାତ୍ରା, ପଞ୍ଚମହାଭୂତ, ପଞ୍ଚଜୀବ, ପଞ୍ଚଦେବ, ଜୀବାତ୍ମା ଓ ପରମାତ୍ମା ହେଉଛି ବାଇଶି ପହାଚ । ପଞ୍ଚରସ, ଅଷ୍ଟସ୍ୱାତ୍ତିକଭାବ, ତ୍ରାବିଜ, ତ୍ରାଶକ୍ତି ଓ ତ୍ରିଗୁଣ ଏହି ଭାବର ସ୍ୱରୂପ ହେଉଛି ବାଇଶି ପାହାଚ । ଭାଗବତର ଦ୍ୱାଦଶ ସ୍କନ୍ଧ ଓ ଦଶତ୍ୱ ହେଉଛି ବାଇଶି ପାହାଚ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସପ୍ତ ପୁରୁଷ ହେଉଛି ଏକୋଇଶି ଏବଂ ଶ୍ରୀଜଗନ୍ନାଥ ଯେ କି ପୁରୁଷରୁ ଅତୀତ ତାହାକୁ ମିଶାଇ ହେଉଛି ବାଇଶି ପାହାଚ । ଆଉ କେତେକ ମତ ଦିଅନ୍ତି ବାଇଶି ଗୋଟି ଗୁଣର ପ୍ରତୀକ, ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତୃପ୍ତି, ମାତୃ, ଭ୍ରାନ୍ତି, ଜ୍ଞାନ, ପ୍ରଜ୍ଞା, ଏହି ବାଇଶି ଗୁଣର ପ୍ରତୀକ ବାଇଶି ପାହାଚ । ଅଷ୍ଟାଦଶ ପୁରାଣ ଓ ଚାରିବେଦ ହେଉଛି ବାଇଶି ପାହାଚ । ଶଙ୍ଖ ବା ସଙ୍ଗୀତର ବାଇଶିଟି ମୌଳିକ ରାଗର ପ୍ରତୀକ ବାଇଶି ପାହାଚ । ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚମହାଭୂତ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍

ସରପଞ୍ଚ ବୋହୂଙ୍କ ଚୌକିରେ ଶ୍ୱଶୁରଙ୍କ ରାଜ୍

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ସରକାର ମହିଳାମାନଙ୍କୁ ପ୍ରାଧାନ୍ୟ ଦେଇ ସମାଜ ଓ ରାଜନୀତି କ୍ଷେତ୍ରର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ପଞ୍ଚାୟତ ନିର୍ବାଚନ ବେଳକୁ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ବ୍ୟବସ୍ଥା ଅନୁଯାୟୀ ଅନେକ ମହିଳା ନିର୍ବାଚନରେ ନିର୍ବାଚିତ ହୋଇ ସମ୍ମାନଜନ ପଦପଦବୀ ରହିଛନ୍ତି। ହେଲେ ସେହି ପଦପଦବୀର କ୍ଷମତା ବ୍ୟତିକ୍ରମ ହୋଇ କ୍ଷୁର୍ଣ୍ଣ ହେବା ଭଳି ଅନେକ ସ୍ଥାନରେ ଦେଖାଦିଏ। ଏଭଳି ଏକ ମହିଳା ନିର୍ବାଚିତ ସରପଞ୍ଚଙ୍କ

କ୍ଷମତା ଏବେ ନିଜ ଶଶୁର ବ୍ୟବହାର କରୁଥିବା ନେଇ ଚର୍ଚ୍ଚା ପରିସରକୁ ଆସିଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ବଡଚେରଗାଁ ଗ୍ରାମ ପଞ୍ଚାୟତରେ ଏଭଳି ଅଭିଯୋଗ ଉଠିଛି। ପଞ୍ଚାୟତର ନିର୍ବାଚନରେ ମିରାମଞ୍ଜରୀ ସା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ସରପଞ୍ଚ ପଦବୀ ତାଙ୍କ ନାମକ ମାତ୍ରକେ ଥିବା ବେଳେ ପଞ୍ଚାୟତର ସବୁ ଦାୟିତ୍ୱ ତାଙ୍କ ଶଶୁର ତୁଲାଉ ଥିବା ଅଭିଯୋଗ ହେଉଛି। ଏପରିକି ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କ ସମ୍ମାନ ଜନକ ଚୌକିରେ ଶଶୁର ବସୁଥିବା ଓ ପ୍ରତେକ ଉନ୍ନୟନ ମୂଳକ କାମରେ ହସ୍ତକ୍ଷେପ କରୁଥିବା ଭଳି ଏକ ସାଂଘାତିକ ଅଭିଯୋଗ ଉଠିଛି। ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଭିନ୍ନ କାର୍ଯ୍ୟକ୍ରମ ହେଉ ଅବା ମାସିକ ବୈଠକ ଅଥବା ସରକାରୀ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସ୍ୱତନ୍ତ୍ର ଚୌକିରେ ଶଶୁର ଆସନ ମାରି ବସିବା ନୀତିକୁ ପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟା ନା ପସନ୍ଦ କରୁଥିବା ବେଳେ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରୁଛନ୍ତି। ଏପରିକି ଗାରିମା ପଦକୁ ଅସମ୍ମାନ କରାଯାଉଥିବା ବେଳେ ମହିଳା ସରପଞ୍ଚଙ୍କ ସମ୍ମାନ କ୍ଷୁର୍ଣ୍ଣ ହେଉଥିବା ଅଞ୍ଚଳରେ ଆଲୋଚନା ହେଉଛି। ସବୁଠି ବଡ଼ ଆଶ୍ଚର୍ଯ୍ୟ ବିଷୟ ବ୍ଲକ୍ ପ୍ରଶାସନ ଶଶୁର କୁଶ ସା'ଙ୍କ ଏଭଳି ନୀତି ଆଚରଣକୁ ଜାଣିଶୁଣି ଚୁପ ରହିବା ଭିତରେ କୋଉଠି ନା କୋଉଠି ନେତା ମନ୍ତ୍ରୀଙ୍କ ଚାପ ଓ ଶ୍ରୀ ସା'ଙ୍କ ଉପର ମହଲାରେ ହାତ ଥିବା ସୂଚିତ କରେ। ତେବେ ଗୋଳାମୁଣ୍ଡା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏହି ବିଷୟ ନେଇ ପଚାରିବାରୁ ତଦନ୍ତ କରାଯିବ ବୋଲି ସଫେଇ ଦେଇଥିବା ବେଳେ ସରପଞ୍ଚ ମିରା ମଞ୍ଜରୀ ସା'ଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ଟମାଟୋ ଦର ଆକାଶ ଛୁଆଁ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ପୁଣି ଦରଦାମ ଆକାଶ ଛୁଆଁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢିଛି। ଲୋକେ ଅତିଷ୍ଠ ହେବା ସାଙ୍ଗକୁ ରୋଷେଇ ଘର ଏବେ ଖାଖା ଦେଖା ଦେଲାଣି। ପନିପରିବାକୁ ଛୁଇଁଲେ ଲୋକଙ୍କୁ ଦେଉଛି ଝଟକା। କିଛି ଦିନ ତଳେ ଯେଉଁ ପନିପରିବା ମୂଲ୍ୟ କିଛି ମାତ୍ରାରେ ନିୟନ୍ତ୍ରଣ ଥିବା ବେଳେ ତାହା ଏବେ ହୁହୁଁ ବଢିଚାଲିଛି। ବିଶେଷ କରି ଟମାଟୋ ଉପରେ ହାତ ମାରିବା ମୁସ୍କିଲ ହୋଇ ପଡିଛି। ଗତ କିଛି ସପ୍ତାହ ତଳେ କେଜି ପ୍ରତି୧୦-୨୦ ଟଙ୍କା ଥିବା ବେଳେ ବର୍ତ୍ତମାନ ତାହା ୧୨୦ଟଙ୍କା ପାର ହୋଇ ସାରିଛି। ହଠାତ୍ ଟମାଟୋ ଦରଦାମ ବୃଦ୍ଧିକୁ ନେଇ ଏବେ ଚିନ୍ତାରେ ଖାଉଟି। ନୀତି ଆବଶ୍ୟକ ପନିପରିବା ମଧ୍ୟରେ ଟମାଟୋ ଅତି ଜରୁରୀ ଥିବା ବେଳେ ତାହା ଲୋକଙ୍କ ପାଇଁ ମହଙ୍ଗା ପଡିଛି। ଚଳଣି ପାଇଁ ୧କେଜି ନେବା ବଦଳରେ ପାଏ ନେବାକୁ ପଡୁଥିବା ଖାଉଟିମାନେ ପ୍ରକାଶ କରନ୍ତି। ଟମାଟୋ ବ୍ୟତୀତ ଅନ୍ୟାନ୍ୟ ପନିପରିବା ମଧ୍ୟ ଲୋକଙ୍କୁ କ୍ରୟ କରିବାରେ ବାଧୁଥିବା ଦେଖା ଦେଇଛି। ବିଗତ ଦିନମାନଙ୍କରେ କାଙ୍କଡ଼ କେଜି ପ୍ରତି ୩୦ ଟଙ୍କା ଥିବାବେଳେ ବର୍ତ୍ତମାନ ୮୦ ଟଙ୍କାରେ ବଜାରରେ ବିକ୍ରି ହେଉଥିବା ଜଣାପଡ଼ିଛି। ସେହିପରି ଫୁଲକୋବି ୫୦-୧୦୦ ଟଙ୍କା ପୋଟଳ ୪୦-୬୦, କରଳା ୪୦-୮୦, ଭେଣ୍ଡି ୨୦-୬୦, ପତ୍ରକୋବି ୧୦-୩୦, ବାଇଗଣ ୧୦-୪୦, ଆଳୁ ୧୫-୩୦, ପିଆଜ ୨୦-୪୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି। ବର୍ତ୍ତମାନ ଏସବୁ ପନିପରିବା ବାହାର ରାଜ୍ୟରୁ ଆସୁଥିବା ଯୋଗୁଁ ଏହାର ଦରଦାମ ବୃଦ୍ଧି ପାଉଥିବା ବେପାରୀମାନେ କହୁଥିବା ବେଳେ ଅଞ୍ଚଳରେ କୃଷିବିଭାଗର ପ୍ରୋତ୍ସାହ ଅଭାବ ଯୋଗୁଁ ଚାଷୀ ପନିପରିବା ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ବିଭିନ୍ନ ଜିନିଷର ଦରଦାମ ବୃଦ୍ଧି ସାଙ୍ଗକୁ ଏବେ ପନିପରିବା ଦାମ ଆକାଶ ଛୁଆଁ ଯୋଗୁଁ ମଧ୍ୟବିତ୍ତ ଓ ଗରିବ ଲୋକଙ୍କ ଅର୍ଥନୈତିକ ଉପରେ ପ୍ରଭାବ ପଡିବା ସମ୍ଭାବନା ଢେର ଥିବା ବେଳେ ଏହାକୁ ସରକାର ନିୟନ୍ତ୍ରଣକୁ ଆଣିବା ଜରୁରୀ ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। କେବେ ଏହି ଦରଦାମ ନିୟନ୍ତ୍ରଣକୁ ଆସିବ ସମୟ ସାପେକ୍ଷ।

ଶିଶୁ ଓ କିଶୋର ଶ୍ରମିକ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ କାର୍ଯ୍ୟଶକ୍ତି ଓ ସଚେତନତା ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ପ୍ଲାନିଂ (ଡିପିଏମ୍ୟୁ) ସମ୍ମିଳନୀ ଗୃହରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, କଳାହାଣ୍ଡିଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ପାଇଁ ଏକ ଟାସ୍କ ଫୋର୍ସ ଓ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁବ୍ରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସମ୍ବନ୍ଧୀୟ ଟାସ୍କଫୋର୍ସ ଏବଂ ସଚେତନତା ଉପରେ ବିଶେଷ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ରୂପେ ଜିଲ୍ଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ଶାରୀରିକ ନିରୀକ୍ଷକ ସଞ୍ଜୟ ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ) ଅଂଶୁମାନ ବାବୁ ଯୋଗ ଦେଇଥିଲେ। ବୈଠକରେ ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ଲଗାଇବା, ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ ବିପଦସଂକୁଳ କାମରେ ନିୟୋଜନ ଏବଂ ଏପରି ଅପରାଧ ପାଇଁ କାରାଦଣ୍ଡ, ଜୋରିମାନା ତଥା ସ୍ପାର୍ଡ୍ ଦ୍ୱାରା ଶିଶୁ ଶ୍ରମିକ ଉଦ୍ଧାର, ସଚେତନତା, ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲାର ସଂକଳ୍ପ ଉପରେ ଜିଲ୍ଲା ଶ୍ରମ ଅଧିକାରୀ ଆଲୋକପାତ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଜିତମ ମାଝୀ ସଭା ପରିଚାଳନା କରିଥିଲେ। ବୈଠକରେ 'ଶକ୍ତି', କର୍ତ୍ତବ୍ୟ ଏବଂ ଏଡ୍‌ଏଟ୍ ଏକ୍ସନ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ଶିଶୁ ଶ୍ରମିକ ନିରାକରଣ ଉପରେ କାର୍ଯ୍ୟ କରିଥିବା ଅନୁଭୂତିକୁ ପ୍ରକାଶ କରିବା ସହ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବିଶେଷ ଭାବେ ଗ୍ରାମାଞ୍ଚଳରେ ଦାଦନ ଶ୍ରମିକ ଯୋଗୁଁ ତାଙ୍କର ସନ୍ତାନ ଯେପରି ଶିଶୁ ଶ୍ରମିକ ନ ହୁଅନ୍ତୁ ଏବଂ ତାଙ୍କର ଶିକ୍ଷା ବ୍ୟବସ୍ଥା କିଭଳି ହୋଇପାରିବ ତା' ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବାଣିଜ୍ୟିକ ଅନୁଷ୍ଠାନ, ହୋଟେଲ, ଶିଳ୍ପାନୁଷ୍ଠାନ ମାନଙ୍କରେ 'ଏଠାରେ ଶିଶୁ ଶ୍ରମିକ ନିୟୋଜନ କରାଯାଇନାହିଁ' ହୋର୍ଡିଂ ବା ବୋର୍ଡ ଲଗାଇବେ ବୋଲି ନିଷ୍ପତ୍ତି ନିଆଗଲା। କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସାମ୍ବାଦିକମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା।

ଉମରକୋଟ ଏସ୍‌ଡିପିଓଙ୍କୁ ଭେଟିଲେ ବନ ସୁରକ୍ଷା ମହାସଂଘ

କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବନାଞ୍ଚଳ ଅଧିନ ସାହାଜଖୋଲ ବନ ସୁରକ୍ଷା ମହାସଂଘ ପକ୍ଷରୁ ମଙ୍ଗଳବାର ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଯେ' କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଧର୍ମଗଡ଼ ରେଞ୍ଜ ଅଧୀନ ବେହେରା ସେକ୍ସନର ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅନଧିକୃତ ଭାବରେ ନବରଙ୍ଗପୁର ଅଞ୍ଚଳର ଲୋକେ ରହି ଜଙ୍ଗଲ ନଷ୍ଟ କରିବା ସହ ମକା ଚାଷ କରି ଆସୁଛନ୍ତି। ଏହାକୁ ନେଇ ଗତ ୨୦୨୧ ମସିହାରେ ବନ ବିଭାଗ ଓ ଜଙ୍ଗଲ ସୁରକ୍ଷା ସମିତି ପକ୍ଷରୁ ସେମାନଙ୍କୁ ଜଙ୍ଗଲରୁ ବିତାଡିତ କରିଥିବାପରେ ମାମଲା ଥାନାକୁ ଯାଇ ଗମ୍ଭୀର ରୁପ ନେଇ ଅନେକ ବାଦ ବିବାଦ ଦେଖାଦେଇ ଥିଲା। ଏହି ଘଟଣାର ପରେ ନବରଙ୍ଗପୁର ଓ

କଳାହାଣ୍ଡି ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହିତ କୋକସରା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହଠାରେ ଉଭୟ ଜିଲ୍ଲାର ଅଧିକାରୀଙ୍କ ଉପସ୍ଥିତିରେ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା। ଏଥିରେ ବିତାଡିତ ପରିବାର, ଜଙ୍ଗଲ ସୁରକ୍ଷା ସମିତି ଓ ବନବିଭାଗର ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କଳାହାଣ୍ଡି ଓ ନବରଙ୍ଗପୁର ପ୍ରଶାସନ ପକ୍ଷରୁ ଆଲୋଚନା ପରେ ନବରଙ୍ଗପୁର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଜଙ୍ଗଲରୁ ନେଇ ଆସନ୍ତା ୬ମାସ ମଧ୍ୟରେ ତାଙ୍କର ରାଜସ୍ୱ ଗାଁରେ ଥଇଥାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାପରେ ସମସ୍ତଙ୍କ ବୁଝାମଣାରେ ଘଟଣା ସାନ୍ତ ପଡ଼ିଥିଲା। ତେବେ ଘଟଣାକୁ ଦୀର୍ଘ ଦୁଇ ବର୍ଷ ପାଖାପାଖି ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ନବରଙ୍ଗପୁର ପ୍ରଶାସନ ଗଠନ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନାହିଁ। ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଆଗାମୀ ମକାଚାଷ କରିବା ପୂର୍ବରୁ ସେମାନଙ୍କୁ ଉଚ୍ଛେଦ କରିବା ସହିତ ସେମାନଙ୍କୁ ସହଯୋଗ କରୁଥିବା ମକାମାଫିଆମାନଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନେଇ ସାହାଜଖୋଲ ବନ ସୁରକ୍ଷା ମହାସଂଘ ଧର୍ମଗଡ଼ ବନାଞ୍ଚଳ ପକ୍ଷରୁ ଉମରକୋଟ ଉପଖଣ୍ଡ ପୁଲିସ ଅଧିକାରୀ ସୁଭେନ୍ଦୁ ଶବରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଉଭୟ ଜିଲ୍ଲାର ପ୍ରଶାସନ ଓ ବନ ବିଭାଗ ସହିତ ଆଲେଚନା କରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏପଟେ ଆଗାମୀ ଦିନରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହୁଏ ତେବେ ରାଜରାସ୍ତାକୁ ଓହ୍ଲେଇ ଆଇନକୁ ହାତକୁ ନେବା ପାଇଁ ସଂଘ କଡ଼ା ଚେତାବନୀ ଦେଇଛନ୍ତି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ସାହାଜଖୋଲ ବନ ସୁରକ୍ଷା ମହାସଂଘ ସଭାପତି ଭୁଜବଲ ସୋରି, କୋଷାଧ୍ୟକ ନିରଞ୍ଜନ ବାଗ, ହେମାଙ୍ଗିନୀ ହଂସ, ସୁବାଷ ଖର୍ସେଲ, ପରକ୍ଷିତ ବେଶ୍ରା, ଭଜମନ ନାଏକ, କ୍ଷେତ୍ର ମାଝୀ ସମେତ ଅନେକ ସଭ୍ୟ ଉପସ୍ଥିତ ଥିଲେ।

ନିଖିଳ ଓଡ଼ିଶା ପଣ୍ଡରା ସମାଜର କାର୍ଯ୍ୟକାରୀ କମିଟି ବୈଠକ

କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରସ୍ଥିତ ପଣ୍ଡରା ଭବନଠାରେ ନିଖିଳ ଓଡ଼ିଶା ପଣ୍ଡରା ସମାଜର କାର୍ଯ୍ୟକାରୀ ବୈଠକ ସଭାପତି ରସରାଜ ସା'ଙ୍କ ସଭାପତିତ୍ୱରେ ଉଁଗୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷ କରି ସମାଜର ବିବାହ, ମୃତାହ ଓ ସଂସ୍କାରର ବିଧିବ୍ୟବସ୍ଥା ଉପରେ ସଂଶୋଧନ ପାଇଁ ବିଚାର ବିମର୍ଶ କରାଯାଇ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏଥିରେ ଉପସଭାପତି ସୁରେନ୍ଦ୍ର ଖମାରୀ ଓ ଉପେନ୍ଦ୍ର ଭୋଇ, ବୁଦ୍ଧଦେବ ବିଶି ସମ୍ପାଦକ, ଗୋବର୍ଦ୍ଧନ ସାହୁ ଓ ସୁଜାତା ଦିଶ୍ରୀ ସହ ସମ୍ପାଦକ, ବିରେନ୍ଦ୍ର ପ୍ରସାଦ ଦେହୁରି ସାଙ୍ଗଠନିକ ସମ୍ପାଦକ, ପଞ୍ଚାନନ ଦଳପତି କୋଷାଧ୍ୟକ୍ଷ, ମୋହନ ବିଶି ଯୁଗ୍ମ କୋଷାଧ୍ୟକ୍ଷଙ୍କ ସହ ସମାଜର ସଦସ୍ୟ/ସଦସ୍ୟା ଗୋପବନ୍ଧୁବାରିକ, ଚିତ୍ତରଞ୍ଜନସା, ଦିନବନ୍ଧୁ ବିଶି, ଖଗେଶ୍ୱର ବୁଢ଼େକ, ଅନ୍ତର୍ଯ୍ୟାମୀ ମଲ୍ଲିକ, ପୁରନ୍ଦର ଭୋଇ, ହଳଧର ସାହା, ପଙ୍କଜ ବାରିକ, ବିନୋଦ ବିହାରୀ ଭୋଇ, ଲକ୍ଷ୍ମଣ ମହଲା, କବିତା ସାହୁ, ତୃପ୍ତି ଦ୍ୱାରୀଙ୍କ ସହ ଉପଦେଷ୍ଟା ଷଡ଼ାନନ ବାରିକ ସୋହେଲା, ଦୟାସାଗର ସାହା, କଳାହାଣ୍ଡି, ପରମାନନ୍ଦ ସାହା ରାଜବୋରାସମ୍ବର, ମୋହନ ଦ୍ୱାରୀ ସମ୍ବଲପୁର, ରଞ୍ଜନ ମହଲା ସୋନପୁର, ଶିବ ଥନାପତି ବକଟି, ଜୟ କୁମାର ଦେହୁରୀ ବୌଦ୍ଧ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ କଳାହାଣ୍ଡି ବଲାଙ୍ଗୀର ପଣ୍ଡରା ସମାଜର ସାଧାରଣ ସମ୍ପାଦକ ପୁରନ୍ଦର ଭୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବିରେନ୍ଦ୍ର ପ୍ରସାଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଶାନ୍ତିଶୃଙ୍ଖଳା ସହିତ ଶେଷହେଲା ମହାପ୍ରଭୁଙ୍କ ବାହୁଡା ଯାତ୍ରା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସହରରେ ଶ୍ରୀ ଜଗନ୍ନାଥ ଜୀଉଙ୍କ ପବିତ୍ର ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାରେ ୨୮ ତାରିଖ ବୁଧବାର ଦିନ ମାଉସୀ ମା' ମନ୍ଦିରରେ ଅପରାହ୍ନ ୪ଟା ୩୦ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପବିତ୍ର ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ସୁଦର୍ଶନ ମହାପ୍ରଭୁଙ୍କୁ ସେବାୟତମାନେ ପହଣ୍ଡି କରି ରଥାରୁଢ କରିଥିଲେ। ମହାରାଜା ଅନନ୍ତ ପ୍ରତାପ ଦେଓ ଛେରାପହଁରା କରିବା ସହିତ ପାଟ ଦଉଡି ଧରି ପହଣ୍ଡି ବିଜେ ସେବା ସଂପାଦନ କରିଥିଲେ। ଶ୍ରୀଜିଉମାନଙ୍କୁ ଧାଡି ପହଣ୍ଡିରେ ଅଣାଯାଇ ମାଣିକେଶ୍ୱରୀ ମନ୍ଦିର ନିକଟରେ ଥିବା ରଥ ଚାରିପଟେ ପରିକ୍ରମା କରାଯିବା ପରେ ରଥାରୁଢ କରାଯାଇଥିଲା। ରଥରେ ତିନି ଠାକୁରଙ୍କୁ ବନ୍ଦାପନା ଓ ଆଳତୀ ପରେ ମହାରାଜା ଶ୍ରୀ ଦେଓ ନିଜ ଉଆସକୁ ଫେରିଥିଲେ। ମୁଖ୍ୟ ପୂଜକ ଅଜୟ

ମହାପାତ୍ରଙ୍କ ସହ ସଂଜୟ ମହାପାତ୍ର, ଧବଳେଶ୍ୱର ମହାପାତ୍ର, ଭାଗବତ ମହାପାତ୍ର, ବିଜୟ ମହାପାତ୍ର, ପ୍ରେମଚାନ୍ଦ ମହାପାତ୍ର, ବିପ୍ଳବ ମହାପାତ୍ର, ସୁବ୍ରତ ମହାପାତ୍ର, ସୁରଜ ମହାପାତ୍ର, ଦିନେଶ ମହାପାତ୍ର ପ୍ରମୁଖ ତିନି ମହାପ୍ରଭୁଙ୍କ ସମସ୍ତ ପୂଜାକାର୍ଯ୍ୟ ଓ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ। ପରେ ରଥଟଣା ଆରମ୍ଭ ହୋଇଥିଲା। ସଂଧ୍ୟାରେ ରଥ ମୁଖ୍ୟ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ଥିଲା। ବିଳମ୍ବିତ ରାତି ଯାଏଁ ଦିଅଁମାନଙ୍କୁ ଭକ୍ତମାନେ ଦର୍ଶନ କରିଥିଲେ। ଭବାନୀପାଟଣା ସହରରେ ହେଉଥିବା ବାହୁଡା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ୨ ଜଣ ଅତିରିକ୍ତ ଏସ୍‌ପି, ୪ ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର, ୪୫ ଜଣ ଅନ୍ୟ ପୋଲିସ ଅଧିକାରୀଙ୍କ ସହିତ ୧୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ବାହୁଡ଼ା ଯାତ୍ରା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ଥାନୀୟ ପୌର ପରିଷଦ ପକ୍ଷରୁ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ରଥରେ ତିନି ଠାକୁରଙ୍କୁ ଟାଣିଲେ କୁନି ଭକ୍ତ

କୋକସରା, (ଭାସ୍କର ନ୍ୟୁଜ୍): ପବିତ୍ର ବାହୁଡା ଯାତ୍ରା ପାଇଁ ଚଳ ଚଞ୍ଚଳ ହୋଇ ପଡିଛି ସହର ଠାରୁ ପୁରପଲ୍ଲୀ। କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକ ଲଡୁଗାଁ ଠାରେ ପ୍ରତିବର୍ଷ ଏକ ନିଆଁରା ରଥଯାତ୍ରା ପାଳନ କରାଯାଏ। କୁନି ରଥ ରେ ତିନି ଠାକୁର ଙ୍କୁ କୁନି କୁନି ଭକ୍ତ ମାନେ ରଥ ଟାଣି ନେଇଥାନ୍ତି। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ବାସ ଭବନରୁ ତିନି ଠାକୁରଙ୍କ ପହଣ୍ଡି ବିଜେ କରିବା ପରେ ରଥରେ କୁନି ଗଜପତି ମହାରାଜା ଭାବେ ଶ୍ରେୟାଂଶ ଅଗ୍ରୱାଲ ଛେରାପହଁରା କରିଥିଲେ। ପରେ ରୀତିନୀତି ଅନୁସାରେ ରଥଟଣା ଆରମ୍ଭ ହୋଇଥିଲା। ଲଡୁଗାଁ ସହରର କୁନି କୁନି ଶ୍ରଦ୍ଧାଳୁମାନେ ଏହରଥ ଟଣାରେ ସାମିଲ ହୋଇଥିଲେ। ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ ଦଳର ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। କୋକସରା ବ୍ଲକ୍ ଅଧ୍ୟକ୍ଷା ରିତା ଅଗ୍ରୱାଲ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ଲଡୁଗାଁ ଗ୍ରାମବାସୀମାନେ ବାହୁଡା ଯାତ୍ରାରେ ସାମିଲ ହୋଇ ରଥ ଟାଣିଥିଲେ।

ଆରଣ୍ୟକ ବାରିକ ସମାଜର ନୂତନ କମିଟି ଚୟନ

ନର୍ଲା, (ଭାସ୍କର ନ୍ୟୁଜ୍): ଆରଣ୍

ବୋଲଗଡ,(ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ବଡ଼କୁମାରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଜସୁନାଖଳା କାଉଁରୀପାଟଣା ସାହିଛକ ଠାରେ ବାହୁଡ଼ା ଯାତ୍ରା ଉପଲକ୍ଷେ ଆର୍ଶୀବାଦ ପରିବାର ଓ ୟୁନିକ କୋଚିଙ୍ଗ ସେଣ୍ଟରର ମିଳିତ ଆନୁକୂଲ୍ୟରେ ବୁଧବାର ଦିନ ଶ୍ରଦ୍ଧାଳୁ ଭକ୍ତ ତଥା ଲୋକମାନଙ୍କୁ ଦହିପଣା ବଣ୍ଟନ କରାଯାଇଅଛି । ସମାଜ ସେବୀ ତଥା ଅଧ୍ୟାପକ ଜୀତେନ୍ଦ୍ର କୁମାର ବସ୍ତି, ସମାଜସେବୀ ବ୍ରଜବନ୍ଧୁ ସୁବୁଦ୍ଧି ଓ ସୁବ୍ରତ କୁମାର ବେହେରାଙ୍କ ମିଳିତ ଆବାହକତ୍ୱରେ ଏହି ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ଜନସାଧାରଣ ଓ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ଭକ୍ତମାନେ ବାହୁଡ଼ା ଯାତ୍ରାର ରଥ ଟଣା ସମୟରେ ଦହିପଣା ପିଇ ଆତ୍ମସନ୍ତୋଷ ଲାଭ କରିଥିଲେ । ଏଭଳି ଜନକଲ୍ୟାଣ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷାବିତ, ସମାଜ ସେବୀ, ବୁଦ୍ଧିଜୀବୀ ଓ ଜନସାଧାରଣମାନେ ଉଚ୍ଚ ପ୍ରଂଶସା କରିଅଛନ୍ତି । ଏହିକାର୍ଯ୍ୟକ୍ରମକୁ ୟୁନିକ କୋଚିଙ୍ଗ ସେଣ୍ଟରର ଛାତ୍ରଛାତ୍ରୀମାନେ ସହଯୋଗ କରି ପରିଚାଳନା କରିଥିଲେ । ପରିଶେଷରେ ରାଜସୁନାଖଳା ଗ୍ରାମପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଦହି ପଣା ବଣ୍ଟନ କାର୍ଯ୍ୟକ୍ରମର ସହଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବିପର୍ଯ୍ୟସ୍ତ ନଦୀବନ୍ଧ ମରାମତି ପାଇଁ ରଘୁନାଥପୁରବାସୀଙ୍କ ଦାବି

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଆଖୁଆପଦା ଜଳସେଚନ ଡିଭିଜନ ଅନ୍ତର୍ଗତ ବୈତରଣୀ ବାମପାର୍ଶ୍ୱ ନଦୀବନ୍ଧ ବଳିଘାଇ ଠାରୁ ରଘୁନାଥପୁର ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଛି । ଏହାର ମରାମତି ପାଇଁ ଗ୍ରାମବାସୀଙ୍କ ଗୁହାରୀ ବିଭାଗ ଶୁଣୁନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ନଦୀବନ୍ଧକୁ ଗ୍ରାମବାସୀମାନେ ଯାତାୟତ ପାଇଁ ବ୍ୟବହାର କରିଥାନ୍ତି । ମାତ୍ର ଗତ ୫ ବର୍ଷ ପୂର୍ବେ ନଦୀବନ୍ଧକୁ ଉନ୍ନତିକରଣ କରାଯାଇଥିଲା । ଉପରିଭାଗରେ ନାମକୁ ମାତ୍ର ମୋରମ ପକାଯାଇଥିଲା । ଏବେ ନଦୀବନ୍ଧ ସାରା ଛୋଟବଡ ଖାଲରେ ପରିପୂର୍ଣ୍ଣ ହୋଇ କର୍ଦ୍ଦମାକ୍ତ ହୋଇଛି । ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହୋଇଛି । ଏହା ସହ ବର୍ଷାରେ ନଦୀବନ୍ଧ ବହୁ ସ୍ଥାନରେ ଧୋଇଯାଇଛି । ନଦୀବନ୍ଧର ଏହି ବିପର୍ଯ୍ୟସ୍ତ ପ୍ରତି ବିଭାଗ ଦୃଷ୍ଟି ଦେଉନାହିଁ । ଗ୍ରାମର ୱାର୍ଡ ସଦସ୍ୟ ଭରତ ଚନ୍ଦ୍ର ନାଥଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ନଦୀବନ୍ଧ ମରାମତି ପାଇଁ ଲିଖିତ ଭାବେ ବିଭାଗକୁ ଜଣାଇଛନ୍ତି । ଏହି ଡିଭିଜନ ଯାଜପୁରରୁ ପରିଚାଳିତ ହେଉଥିବାରୁ ନଦୀ ବାମପାର୍ଶ୍ୱ ଅଞ୍ଚଳବାସୀଙ୍କ ସ୍ୱାର୍ଥ ପ୍ରତି ଅବହେଳା କରୁଛି ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଏହି ଘଟଣା ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି ବିଭାଗ ଏଡାଇ ଯାଉଥିବାରୁ ଜନଅସନ୍ତୋଷ ସୃଷ୍ଟି ହୋଇଛି । ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ଏହାର ପ୍ରତିକାର କରିବାକୁ ପଛଘୁଞ୍ଚା ଦେଉଥିବାରୁ ଅଞ୍ଚଳବାସୀ କଷଣ ଭୋଗୁଛନ୍ତି । ସ୍ଥାଣୁ ପାଲଟିଥିବା ଆଖୁଆପଦା ଡିଭିଜନକୁ କାର୍ଯ୍ୟକ୍ଷମ କରାନଗଲେ ବାମପାର୍ଶ୍ୱର ସ୍ୱାର୍ଥ ସୁରକ୍ଷିତ ରହିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତୁରନ୍ତ ନଦୀବନ୍ଧକୁ ମରାମତି କରିବା ସହ ଯାତାୟତ ଉପଯୋଗୀ କରିବା ପାଇଁ ଦାବି ହୋଇଛି । ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀସୂଚନା ଦେଇଛନ୍ତି ।

ଲୋକ ପ୍ରଶାସନ ଅନର୍ସରେ ସୁଦେଷ୍ଣା ବିଶ୍ୱବିଦ୍ୟାଳୟ ଟପ୍ପର

ତିହିଡ଼ି,(ଭାସ୍କର ନ୍ୟୁଜ୍): ଫକୀରମୋହନ ବିଶ୍ୱବିଦ୍ୟାଳୟର ଯୁକ୍ତତିନି ଶେଷବର୍ଷ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି । ଏଥିରେ ତିହିଡ଼ି ବ୍ଲକ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ-ଅର୍ଜୁନ ମହାବିଦ୍ୟାଳୟର ଲୋକପ୍ରଶାସନ ବିଭାଗର ଛାତ୍ରୀ ସୁଦେଷ୍ଣା ସାହୁ ସର୍ବାଧିକ ୮୨.୨୨% ମାର୍କରଖି 'ଏ' ଗ୍ରେଡରେ ଫାଷ୍ଟକ୍ଲାସ ଡିଷ୍ଟିଙ୍କସନ୍ ହାସଲ କରିବା ସହିତ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସୁଦେଷ୍ଣା ବନ୍ତ ବ୍ଲକ୍ ନିବାସୀ ଚିଲୋ ଗ୍ରାମର ଦିଲୀପ୍ କୁମାର ସାହୁ ଓ ମଞ୍ଜୁଲତା ସାହୁଙ୍କ ଜ୍ୟେଷ୍ଠା କନ୍ୟା ଅଟନ୍ତି । ତାଙ୍କର ଏହି ସଫଳତା ପଛରେ ପିତାମାତାଙ୍କ ସମେତ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟ କୁମାର ପରିଡା, ବିଭାଗମୁଖ୍ୟ ଅଧ୍ୟାପକ ମୃତ୍ୟୁଞ୍ଜୟ ନାରାୟଣ ଦାସ ଓ ଅଧ୍ୟାପକ ଅଜୟ କୁମାର ପାତ୍ରଙ୍କ ଅବଦାନ ରହିଛି ବୋଲି ସ୍ୱୀକାର କରିବା ସହ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀରେ ନାମଲେଖାଇ ପରବର୍ତ୍ତୀ ଜୀବନରେ ଅଧ୍ୟାପିକା ହେବାକୁ ସ୍ୱପ୍ନ ଦେଖିଛନ୍ତି ବୋଲି ସେ କହିଛନ୍ତି ।

ମାଟିଆସାହି ସେତୁ ପାଇଁ ଜମି ଦେଇ ପାଇଲେନି ପଟ୍ଟା

ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ କରିବେ ଜମି ମାଲିକ

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ତହସିଲ ସୟା ପଞ୍ଚାୟତ ଅଧୀନ ମାଟିଆସାହି ଗ୍ରାମର ଗୋଟିଏ ପରିବାରର ଜମି ମାଲିକ ମାଟିଆସାହି ସେତୁ ନିର୍ମାଣ ପାଇଁ ଜମି ସରକାରଙ୍କୁ ଦେଇଥିଲେ । ପ୍ରତିବଦଳରେ ସରକାର ଜମି ମାଲିକଙ୍କୁ ଅନ୍ୟତ୍ର ଜମି ଯୋଗାଇ ଦେଇ ପଟ୍ଟା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଜମି ମାଲିକଙ୍କୁ ଜମି ମିଳିଥିଲେ ହେଁ ପଟ୍ଟା ମିଳିନାହିଁ । ଯେଉଁ ସରକାରୀ ଜମି ମାଲିକଙ୍କୁ ଦିଆଯାଇଥିଲା ସେହି ଜମି ମଧ୍ୟରୁ ୧୨ ଡେସିମିଲ୍ କେତେକ ଭୂମିହୀନଙ୍କୁ ଦିଆଯାଇଛି । ଯାହାଫଳରେ ସେତୁ ପାଇଁ ଜମି ଦେଇଥିବା ମାଲିକ ସରକାରୀ ଜମି ପାଇବାରୁ ବଞ୍ଚିତ ହୋଇଛନ୍ତି । ଯେଉଁଥିପାଇଁ ଜମି ମାଲିକ ଅସନ୍ତୋଷ ପ୍ରକାଶ କରି ଜିଲାପାଳ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଦ୍ୟାବଧି କୌଣସି ସୁଫଳ ନମିଳିବାରୁ ପୁଣି ମଙ୍ଗଳବାର ଜମି ମାଲିକ ଅକ୍ଷୟ (ମହେଶ୍ୱର) ପରିଡା ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବା ସହିତ ଚାଲିଥିବା ସେତୁ ଆପ୍ରୋଚରୋଡ଼ କାର୍ଯ୍ୟକୁ ବୁଧବାର ଠାରୁ ବନ୍ଦ କରିବେ ବୋଲି ମାଲିକମାନେ ଚେତାବନୀ ଦେଇଥିବା ବେଳେ ତୁରନ୍ତ ଜମିର ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ୨୦୧୩ରେ ମନ୍ତେଇ ନଦୀ ଉପରେ ମାଟିଆସାହି ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ । ପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ସେତୁ ନିର୍ମାଣ ସ୍ଥଳରେ ମାଟିଆସାହି ଗ୍ରାମର ଅକ୍ଷୟଙ୍କ ପରିବାରର ୭୭ଡେସିମିଲ ବ୍ୟକ୍ତିଗତ ଜମି ଥିବାରୁ ଏହି ଜମିର ଆବଶ୍ୟକତା ପଡିଥିଲା । ପରେ ତତକାଳୀନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଏବଂ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଏହି ସମସ୍ୟାର ସମାଧାନ କରାଯାଇ ଅକ୍ଷୟଙ୍କ ପରିବାରକୁ ବ୍ୟକ୍ତିଗତ ଜମି ବଦଳରେ ୭୭ଡେସିମିଲ ସରକାରୀ ଜମି ପ୍ରଦାନ କରାଯିବାକୁ କୁହାଯିବା ପରେ ଅକ୍ଷୟଙ୍କ ପରିବାର ନିଜ ଜମି ସେତୁ ପାଇଁ ସରକାରଙ୍କ ନାମରେ କରିଦେବାକୁ ରାଜି ହୋଇଥିଲେ । ତେବେ ଅକ୍ଷୟଙ୍କ ପରିବାରକୁ ମିଳିଥିବା ସରକାରୀ ଜମି ମଧ୍ୟରୁ ତହସିଲ କାର୍ଯ୍ୟାଳୟରୁ ୬୫ଡେସିମିଲ ଜମିର ପଟ୍ଟା ମିଳିଥିଲେ ମଧ୍ୟ ଅବଶିଷ୍ଟ ୧୨ଡେସିମିଲ ଜମିର ପଟ୍ଟା ମିଳି ପାରିନାହିଁ । ବୀରବରପୁର ମୌଜାରେ ଅକ୍ଷୟଙ୍କ ପରିବାରକୁ ପ୍ଲଟ ନଂ ୬୦୯ରେ ୧୨ଡେସିମିଲ ଜମି ମିଳିଥିଲେ । ମାତ୍ର ଭୂଦାନ ଯୋଜନାରେ ସେହି ଜମିକୁ ତହସିଲ କାର୍ଯ୍ୟାଳୟରୁ ୩ଜଣ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ଜାଣିବା ପରେ ଅକ୍ଷୟଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଭୂମିହୀନଙ୍କୁ ଦିଆଯାଇଥିବା ଜମି ତାଙ୍କ ପରିବାରକୁ କେମିତି ପ୍ରଦାନ କରାଗଲା ସେନେଇ ଅକ୍ଷୟ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କରେ ତହସିଲଦାର ପ୍ରତୀକ ସାହୁଙ୍କୁ ପଚାରିବାରୁ ଏହି ସମସ୍ୟାର ସମାଧାନ ଦିଗରେ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି ।

ବଳଦେବଜିଉଙ୍କ ବାହୁଡ଼ା ଯାତ୍ରାରେ ବ୍ୟତିକ୍ରମ ନେଇ ସାଧାରଣରେ ଅସନ୍ତୋଷ

ଜଗତସିଂହପୁର,(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର ସିଦ୍ଧଳସ୍ଥିତ ଶ୍ରୀ ଶ୍ରୀ ବଳଦେବଜିଉ ମହାପ୍ରଭୁଙ୍କ ପବିତ୍ର ବାହୁଡ଼ାଯାତ୍ରା ମହା ସମାରୋହରେ ସମାପନ୍ନ ହୋଇଛି କିନ୍ତୁ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷଙ୍କ ଦାୟୀତ୍ୱହୀନତା ଓ ଅପସଂସ୍କୃତି ସମ୍ପନ୍ନ କାର୍ଯ୍ୟକଳାପକୁ ନେଇ ଅଗଣିତ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଆଜି ପୂର୍ବାହ୍ନରେ ମହାପ୍ରଭୁମାନଙ୍କ ସମସ୍ତ ଦେବନୀତି ସମ୍ପର୍ଣ୍ଣ ପରେ ପରିଚାଳନା କର୍ତ୍ତୃପକ୍ଷମାନଙ୍କ ତରଫରୁ ଲାଭଖୋର ମନୋବୃତି ନେଇ କୁଡୁଆରେ ପୂର୍ବ ବର୍ଷ ମାନଙ୍କରେ ପ୍ରସାଦ ବିକ୍ରି ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଚଳିତ ବର୍ଷ କୁଡୁଆ ବଦଳରେ ପଲିଥିନ ପ୍ୟାକେଟରେ ପ୍ରସାଦ ବିକ୍ରି କରାଯାଉଥିବାରୁ ଭକ୍ତ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । କେବଳ ସେତିକି ନୁହେଁ ରଥ ଉପରେ ନିଜକୁ ପାଣ୍ଡିତ୍ୟ ବୋଲାଉଥିବା ପଣ୍ଡିତ ମାନଙ୍କ ଦ୍ୱାରା ପାଞ୍ଚରୁ ଊର୍ଦ୍ଧ୍ୱ ଅସଞ୍ଚତ ମହିଳାଙ୍କୁ ଡାକି ପ୍ରଥମ ଥର ପାଇଁ ରଥ ଉପରେ ପୁରସ୍କାର ପ୍ରଦାନ କରାଯିବା ଘଟଣା କେତେଦୂରୁ ଠିକ ତାହା ପଣ୍ଡିତମାନଙ୍କ କାର୍ଯ୍ୟକଳାପ ପ୍ରତି ସାଧରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପର ପକ୍ଷରେ ହଜାର ହଜାର ଭକ୍ତ ରଥ ଉପରେ ଶ୍ରୀଜିୟୁମାନଙ୍କୁ ଦର୍ଶନ କରିବା ସହିତ ପର୍ଯ୍ୟପ୍ତ ଟଙ୍କା ପକାଇବା ଦ୍ୱାରା ଜୈନେକ ଅଦିନିଆ ନନା ଟଙ୍କା ବ୍ୟାଗ ନେଇ ହଠାତ କେଉଆଡେ ଉଭାନ ହୋଇଗଲା ତାହା ସନ୍ଦେହ ସୃଷ୍ଟି କରିଛି । ଏବଂ ନନା ସେବାୟତ ମାନଙ୍କ ଦ୍ୱରା ଚାରି ବସ୍ତା ଗୋଟା ନଡ଼ିଆ ରଥ ଉପରୁ ଚୋରି ହୋଇ କେଉଁ ଆଡ଼େ କିଏ ନେଲା ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି । ଏଭଳି କାର୍ଯ୍ୟକଳାପ ସେଠାରେ ବିବାଦମାନ ପରିସ୍ଥିତି ସୃଷ୍ଟି କରିଛି । ଏଭଳି ହିନମାନ୍ୟତା କାର୍ଯ୍ୟକ୍ରମକୁ ନେଇ ହଜାର ହଜାର ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପ୍ରକୃତ ପକ୍ଷେ ରଥଯାତ୍ରା ଭକ୍ତ ଭଗବାନଙ୍କ ମଧ୍ୟରେ ଭକ୍ତିର ସେତୁ ନାଁ ବ୍ୟବସାୟିକ ମାଇଲଖୁଣ୍ଟ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଜିଲ୍ଲାପାଳ କଲେ ଛେରାପହଁରା, ଶ୍ରୀଜିଉଙ୍କୁ ଦର୍ଶନ କଲେ ସାଂସଦ

ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ମୋଡ଼ସାହି ସ୍ଥିତ ମାଉସୀମା' ମନ୍ଦିରରୁ ଚତୁର୍ଦ୍ଧ ମୂର୍ତ୍ତୀ ଭଦ୍ରକ ବ୍ଲକ ଅଧୀନ କେଶପୁର ସ୍ଥିତ ହରିବୋଲ କ୍ଷେତ୍ରକୁ ବାହୁଡ଼ିଛନ୍ତି । ଚତୁର୍ଦ୍ଧା ମୂର୍ତ୍ତି ତିନିରଥକୁ ବିଜେ କରିବା ବେଳେ ଭକ୍ତମାନେ ଭାବ ବିହ୍ୱଳ ହୋଇ ପଡ଼ିବା ସହିତ ଭଗବାନ-ଭକ୍ତ ଏକାକାର ହୋଇ ଯାଇଥିଲେ । ବାହୁଡ଼ା ଯାତ୍ରା ପାଇଁ ମାଉସୀମା' ମନ୍ଦିରରେ ପ୍ରାତଃକାଳରୁ ପୂଜକଙ୍କଦ୍ୱାରା ବିଭିନ୍ନ ପୂଜା ବିଧି ଅନୁସାରେ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୧୨ଟା ୩୦ରେ ପହଣ୍ଡି ବିଜେ ପରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପାଲିଙ୍କିରେ ବସାଇ ତିନିରଥପାଖକୁ ନିଆଯାଇଥିଲା ଓ ସେଠାରେ ସମସ୍ତ ବିଧିମୁତାବକ ତିନି ରଥ ଉପରେ ଜିଲାପାଳ ଛେରା ପହଁରା କରିଥିଲେ । ମହନ୍ତ ଭାଗବତ ମିଶ୍ର ପୂଜକ କଳ୍ପତରୁ ଉଦ୍‌ଗାତା, ଦେବେନ୍ଦ୍ର ଉଦ୍‌ଗାତା, ଜନ୍ନାଥ ପଣ୍ଡା ପ୍ରମୁଖ ଶ୍ରୀଜୀୟୁଙ୍କ ନୀତିକାନ୍ତୀ ସମ୍ପନ୍ନ କରିଥିଲେ । ଆଖପାଖ ଅଞ୍ଚଳ ସମେତ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ଭକ୍ତଙ୍କ ସମାଗମରେ ପୂରି ଉଠିଥିଲା ମୋଡ଼ସାହି ଶ୍ରୀଗୁଣ୍ଡିଚା କ୍ଷେତ୍ର । ମଧ୍ୟାହ୍ନରେ ତିନି ରଥ ଗଡ଼ିଥିଲା କେଶପୁର ସ୍ଥିତ ହରିବୋଲ କ୍ଷେତ୍ର ଅଭିମୁଖେ । ମୋଡ଼ସାହି ମାଉସୀମା ମନ୍ଦିର କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ରବିନାରାୟଣ ସାମଲ, କୋଷାଧ୍ୟକ୍ଷ ସନାତନ ଜେନା, ଦୋଳ ଗୋବିନ୍ଦ ପୃଷ୍ଟି, ଭରତ ଚନ୍ଦ୍ର ସାହୁ, ଅତୁଲ୍ୟ ବେହେରା, ସନ୍ତୋଷ ସାମଲ, କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ମନୋରଞ୍ଜନ ଖୁଣ୍ଟିଆ, ବଂଶୀଧର ପୃଷ୍ଟି, ଦିପ୍ତୀକାନ୍ତ ଖୁଣ୍ଟିଆ, ପ୍ରକାଶ ଖୁଣ୍ଟିଆ, ଭାଗିରଥି ଖୁଣ୍ଟିଆ, ନିରାକାର ପରିଡ଼ା, ପ୍ରଶାନ୍ତ ଖୁଣ୍ଟିଆ, ପ୍ରିୟରଞ୍ଜନ ବେହେରା, ରାଜକିଶୋର ନାୟକ, କେଶପୁର ରଥ ପରିଚାଳନା କମିଟି ସଭାପତି ନଗେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ପତିତପାବନ ପଣ୍ଡା, ଶ୍ରୀଧର ପୁହାଣ, ସନ୍ତୋଷ ନାୟକ, ସରୋଜ କୁମାର ପଣ୍ଡା, ଅମର ବେହେରା, ସଞ୍ଜୟ ସାହୁ, ବିଜୟ ସାହୁ, ପ୍ରକାଶ ସାହୁ, ମହେନ୍ଦ୍ର ମୁଦୁଲି, ରବିନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ମିଶ୍ର, ବସନ୍ତ ବେହେରା, ସତ୍ୟରଂଜନ ସେନାପତି, ଆଶୀଷ ପଣ୍ଡା ଏବଂ ପ୍ରମୁଖ ବାହୁଡ଼ା ଯାତ୍ରା ପରିଚାଳନା କରିଥିଲେ । ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତ୍‌ଲତା ନାୟକ ଓ ରୁଜାତା ପଣ୍ଡା, ସରପଞ୍ଚ ମାମିନା ଜେନା, ପୂର୍ବତନ ସରପ□ ପ୍ରଦୀପ ପଣ୍ଡା, ସମିତିସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଚିନ୍ତାମଣି ଦାସ, ପୂର୍ବତନ ଜିଲାପରିଷଦ ସଭ୍ୟା ଇତିଶ୍ରୀ ସାମଲ ପ୍ରମୁଖଙ୍କ ସହିତ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରୀ ଜିଉଙ୍କୁ ଦର୍ଶନ କରିଥିଲେ । ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଶରତ କୁମାର ସାହୁ, ସୁଧାରକ ଧନୀ, ସୁଶ୍ରୀ ତପସ୍ୱିନୀ ପାଢ଼ୀ, ବିଶ୍ୱମୈତ୍ରୀ ନାୟକ, ଲଳିତ ମୋହନ ମିଶ, ପୁଷ୍ପଲତା ପଣ୍ଡା, ହରିହର ଦାସ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର ସହିତ ଉତ୍କଳ ପ୍ରସଂଗ ପୁସ୍ତକ ବିକ୍ରୟର ବ୍ୟବସ୍ଥା କରାଯାଇଥିଲା । ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ତିହିଡ଼ି ପୁଲିସ ପକ୍ଷରୁ ଥାନା ଅଧିକାରୀ ଏମଡି ହାଫିଜଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଅରୁନ୍ଧତୀ ବେହେରା, ଏଏସଆଇ ଦିଲୀପ ଦେହୁରୀ ଓ କମଳାକାନ୍ତ ଶତପଥିଙ୍କ ସମେତ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ଏଥି ସହ ତିହିଡି ଓ ଗୁଆମଳା ଡାକ୍ତରଖାନା ପକ୍ଷରୁ ଡା. ସଞ୍ଜୀବ ମିଶ୍ର, ଡା. ମମତା ବେହେରା, ଡା. ପ୍ରଣବ ମହାନ୍ତି, ଡା. ମଧୁସ୍ମିତା ଦାସ, ଫାର୍ମାସିଷ୍ଟ ଅମରେଶ ତ୍ରିପାଠୀ, ଅଶୋକ କୁମାର ମହାପାତ୍ର, ଏଏନଏମ ବିଜୟଲକ୍ଷ୍ମୀ ସେଠୀ ପ୍ରମୁଖ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ରହି ସେବା ଯୋଗାଇଥିଲେ । ସେହିପରି ତିହିଡ଼ି ବ୍ଲକର ପୀରହାଟ, ଚାରିତରଫ, ତିହିଡ଼ି, ମଙ୍ଗରାଜପୁର, ମୃଷାଙ୍ଗ, କୋହ୍ନ, ତାଳପଦା, କାଳିମେଘା, ନୂଆନନ୍ଦ ଇତ୍ୟାଦି ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ଦିବ୍ୟାଙ୍ଗ ବରର ହାତ ଧରିଲେ ମଞ୍ଜୁବାଳା

ବୋଲଗଡ଼,(ଭାସ୍କର ନ୍ୟୁଜ): ବିବାହ ଜୀବନର ପୂର୍ଣ୍ଣତା ଆଣେ, ଏହା କବିର ଲେଖାରେ ନୁହେଁକି ଭାବନାରେ ନୁହେଁ । କେବଳ ଦୁଇ ପ୍ରାଣର ମିଳନହିଁ ପୂର୍ଣ୍ଣତା ଆଣେ । ତେବେ ଦିବ୍ୟାଙ୍ଗ କାରଣରୁ ଅନେକଙ୍କ ଏଥିରୁ ବଞ୍ଚିତ ହୋଇ ସେମାନଙ୍କ ଜୀବନ ଗତିଟା ଅଧାରେ ଅଟକି ଯାଏ । ଏହା ମଧ୍ୟରେ ଅନେକ ଦିବ୍ୟଙ୍ଗ ବିଭାହ କରିଛନ୍ତି । ଏପରି ଏକ ଦୃଶ୍ୟ ଆଜି ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମରେ ଦେଖିବାକୁ ମିଳିଛି । ଜଣେ କନ୍ୟା ଦିବ୍ୟଙ୍ଗ ଜଣେ ବରଙ୍କୁ ବିଭାହ କରି ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି । ସୂଚନା ଅନୁଯାୟୀ ନିକଟସ୍ଥ ବୟାପଲ୍ଲୀ ଗ୍ରାମର ଅଭିମନ୍ୟୁ ବଳିୟାର ସିଂହ ପୁଅ ଆଲୋକ ବଳିୟାରସିଂହ (୨୪ବର୍ଷ) ଜନ୍ମରୁ ଗୋଡ଼ ୨ଟି ପାଦ ଠାରୁ ବଙ୍କା ହୋଇ ଦିବ୍ୟାଙ୍ଗ ଜୀବନ ବିତାଉଥିଲେ । ମଧ୍ୟ ସେ ଏକ ସେ ଢ଼ାବାରେ କାର୍ଯ୍ୟ କରି ସ୍ୱାବଲମ୍ବୀ ହୋଇ ପାରିଥି

ଟାଙ୍ଗୀ, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଏବଂ ଆଖପାଖ ଅଞ୍ଚଳରେ ଥିବା ମୁସଲମାନ ସମ୍ପ୍ରଦାୟର ବସ୍ତି ମାନଙ୍କରେ ଇଦ୍ ଉଲ୍ ଜୁହା ପର୍ବ ପାଳିତ ହୋଇଯାଇଛି । ପବିତ୍ର ରମଜାନ ମାସ ଶେଷ ହେବାର ୭୦ ଦିନ ପରେ ଏହି ବକ୍ରୀଇଦ୍ ପାଳନ କରାଯାଏ । ଏହି ଦିନ ମୁସଲମାନ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଛନ୍ତି । ଇଦ୍ ପାଇଁ ଘରେ ଘରେ ଜୋରଦାର ପ୍ରସ୍ତୁତି ଚାଲିଛି । ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ । ଲାଛା, ସର୍ବତ, ବିରିୟାନୀ ଓ ହାଲୱାରେ ମହକୁଛି ପରିବେଶ । ବଳିଦାନ ଓ ସ୍ୱାର୍ଥତ୍ୟାଗର ଅନନ୍ୟ ପର୍ବ ହେଉଛି 'ଇଦ୍-ଉଲ୍-ଜୁହା' । ଅନ୍ତରର ସମସ୍ତ ଲୋଭ ଓ ସ୍ୱାର୍ଥକୁ ବଳି ଦେଇ ଈଶ୍ୱର ଭକ୍ତିରେ ଲୀନ ହୋଇଯିବାର ପର୍ବ ହେଉଛି 'ଇଦ୍-ଉଲ୍-ଜୁହା' । ଆଲ୍ଲାଙ୍କର ପୈଗମ୍ବର ଇବ୍ରାହିମ୍ ?ଙ୍କ ସମର୍ପଣ ଭାବକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ମୁସଲମାନମାନେ ଏହି ପର୍ବ ପାଳନ କରିଥାଆନ୍ତି । ଆଜି ପବିତ୍ର ଇଦ ଉଲ-ଫିତର । ଏହି ଅବସରରେ ମସ ଜିଦ୍ ରେ ନମାଜ ପାଠ କରୁଛନ୍ତି ମୁସଲମାନ ସମ୍ପ୍ରଦାୟ । ସେହି ବଳିଦାନକୁ ମନେପକାଇ କୁରୁବାନୀ (ପଶୁବଳି) ଦିଆଯାଏ । ପବିତ୍ର ଇଦ-ଉଲ୍ -ଅଜହା ହେଉଛି ତ୍ୟାଗ ଓ ବଳିଦାନର ପର୍ବ । ଏହି ଅବସରରେ ଚଳଚଞ୍ଚଳ ସାରା ଦେଶର ବିଭିନ୍ନ ମସଜିଦ । ବକ୍ରିଇଦ ଭାବେ ମଧ୍ୟ ଏହା ଜଣାଶୁଣା । ଏହି ଅବସରରେ ହିଂସା, ଘୃଣା, ଅହଂକାର ଭେଦଭାବ ଭୁଲି ସମସ୍ତେ ମିଳିମିଶି ରହିବାପାଇଁ ବାର୍ତ୍ତା ଦିଆଯାଇଛି ।

ମହାନଦୀ ଟ୍ରିବ୍ୟୁନାଲ ଅବଧି ଆଉ ଦୁଇ ବର୍ଷ ବୃଦ୍ଧି

୪ ନଦୀର ଜଳସ୍ତର ରିପୋର୍ଟ ମାଗିଲେ ରାଜ୍ୟ ସରକାର

ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ) : ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅବଧିକୁ କେନ୍ଦ୍ର ସରକାର ଆଉ ଦୁଇବର୍ଷ ବୃଦ୍ଧି କରିଛନ୍ତି । ଅର୍ଥାତ୍ ଟ୍ରିବ୍ୟୁନାଲର ଅବଧି ୨୦୨୬ ଏପ୍ରିଲ ୧୩ ପର୍ଯ୍ୟନ୍ତ ବଳବତ୍ତର ରହିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ଟ୍ରିବ୍ୟୁନାଲ ଛତିଶଗଡ ଓଡ଼ିଶା ମଧ୍ୟରେ ମହାନଦୀ ଜଳକୁ ନେଇ ଲାଗି ରହିଥିବା ବିବାଦର ସମାଧାନ କରିବାରେ ସକ୍ଷମ ହୋଇପାରି ନଥିବାରୁ ଟ୍ରିବ୍ୟୁନାଲଙ୍କ ଅନୁରୋଧକ୍ରମେ ଏହି ଅବଧି ବୃଦ୍ଧି କରାଯାଇଛି । ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ଏହି ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା । ପୂର୍ବରୁ ଏହାର ଅବଧି ମଧ୍ୟ ଆଉ ୨ବର୍ଷ ବୃଦ୍ଧି କରାଯାଇଥିଲା । କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆନ୍ତଃରାଜ୍ୟ ନଦୀ ଜଳବିବାଦ ଆଇନ-୧୯୫୬ର ଧାରା-୫ (୨) ଅନୁସାରେ ଟ୍ରିବ୍ୟୁନାଲ ତାଙ୍କ ରିପୋର୍ଟ ୩ବର୍ଷ ମଧ୍ୟରେ ଦାଖଲ କରିବା ଜରୁରୀ । କିନ୍ତୁ ୨୦୨୧ ମାର୍ଚ୍ଚ ୧୧ତାରିଖ ମଧ୍ୟରେ ଟ୍ରିବ୍ୟୁନାଲ ରିପୋର୍ଟ ଦେବାରେ ଅସମର୍ଥ ହୋଇଥିଲେ । ଫଳରେ ସରକାର ୨୦୨୩ ମାର୍ଚ୍ଚ ୧୧ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିଥିଲେ । କୋଭିଡ ମହାମାରୀ ଯୋଗୁଁ ୨୦୨୦ ମାର୍ଚ୍ଚରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ ଟ୍ରିବ୍ୟୁନାଲ ତାଙ୍କ କାର୍ଯ୍ୟ କରିପାରିନଥିଲେ । ଛତିଶଗଡ ଓ ଓଡ଼ିଶା ମଧ୍ୟରେ ଏହି ବିବାଦ ଦୀର୍ଘଦିନ ହେବ ଲାଗି ରହିଥିବା ବେଳେ ଗତ କିଛିଦିନ ତଳେ ଟ୍ରିବ୍ୟୁନାଲର ଏକ ଟିମ୍ ଓଡ଼ିଶା ଓ ଛତିଶଗଡ ଆସି ବାସ୍ତବସ୍ଥିତି ଅନୁଧ୍ୟାନ କରିଥିଲେ । ଅନ୍ୟପକ୍ଷରେ ରାଜ୍ୟ ସରକାର ଗୁରୁବାର ରାଜ୍ୟରେ ପ୍ରବାହିତ ୪ ପ୍ରମୁଖ ନଦୀ ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଓ ଋଷିକୁଲ୍ୟାର ୫ଦିନର ଜଳସ୍ତର କେଉଁ ସ୍ଥାନରେ କେତେ ରହିଛି ସେ ନେଇ ରିପୋର୍ଟ ପଠାଇବାକୁ ନିଜର କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ କହିଛନ୍ତି ଯେ, ମହାନଦୀ ପ୍ରବାହିତ ହେଉଥିବା ସରଡ଼ିହି, ହୀରାକୁଦ, ବେଲଗାଁ, ଖଇରମାଳ, ବରମୂଳ, ପଥରଳା ଓ ମୁଣ୍ଡଳୀଠାରେ ନଦୀର ଜଳସ୍ତର ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବ୍ରାହ୍ମଣୀ ନଦୀର ପାନପୋଷ, ରେଙ୍ଗାଲି,ତାଳଚେର ଓ ଯେନାପୁର ଠାରେ ଜଳସ୍ତର, ବୈତରଣୀର ଚମ୍ପୁଆ, ଆନନ୍ଦପୁର, ଆଖୁଆପଦା ଓ ସାଳନ୍ଦି ଏବଂ ଋଷିକୁଲ୍ୟାର ପୁରୁଷୋତ୍ତମପୁରଠାରେ ୫ଦିନ ଧରି ଜଳସ୍ତର କ'ଣ ରହିଛି ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି ।

ଜଗତସିଂହପୁରରେ ୫-ଟି ସଚିବ

ବିକାଶମୂଳକ କାର୍ଯ୍ୟର ସମୀକ୍ଷା

ଶିଆଳି ବେଳାଭୂମି ସୁରକ୍ଷା ଅନୁଧ୍ୟାନ
୭୦ ଡିଗ୍ରୀ କଲେଜ ହେବ ୫-ଟିରେ ରୂପାନ୍ତର
ମିଶନଶକ୍ତି ମହିଳାମାନଙ୍କ ସହ ଆଲୋଚନା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଦୁଇଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଯାଇଥିବା ୫-ଟି ସଚିବ ଭି.କେ.ପାଣ୍ଡିଆନ ତାଙ୍କ ପ୍ରଥମ ଦିନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ ପ୍ରଥମେ ଶିଆଳି ବେଳାଭୂମିରେ ଓହ୍ଲାଇ ଶିଆଳି ବେଳାଭୂମି ସୁରକ୍ଷା ଅନୁଧ୍ୟାନ କରିଥିଲେ । ଏହାପରେ ସେ ସଭାସ୍ଥଳକୁ ଯାଇଥିଲେ । ୫ ହଜାରରୁ ଅଧିକ ଲୋକ ତାଙ୍କୁ ସ୍ୱାଗତ କରିଥିଲେ । ମିଶନଶକ୍ତି ମା' ଓ ସ୍ଥାନୀୟ ଲୋକ ଫୁଲ ଓ ହୁଳହୁଳି ପକାଇ ସ୍ୱାଗତ କରିଥିଲେ । ଲୋକଙ୍କଠାରୁ ମିଳିଥିବା ଅଭିଯୋଗର ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ । ସେ ସଭାସ୍ଥଳରେ ୧୯୯୯ ମହାବାତ୍ୟା କଥା ମନେ ପକାଇ କହିଥିଲେ ଯେ ଏହି ବାତ୍ୟାରେ ଏରସମା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ଭବିଷ୍ୟତରେ ଏଭଳି ମହାବାତ୍ୟା ଆସିଲେ ସେଭଳି କ୍ଷତି ଯେପରି ନ ହୁଏ ସେ ନେଇ ମୁଖ୍ୟମନ୍ତ୍ରୀ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ କହିଥିଲେ । ଶିଆଳି ବେଳାଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୪୦ କୋଟି ଟଙ୍କା ମଞ୍ଜୁର କରିଥିବା ସେ ସୂଚନା ଦେଇଥିଲେ । ଏଥିସହ ବାଲିକୁଦାରେ ଏକ କୋର୍ଟ ସ୍ଥାପନ ପାଇଁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଏଠାକାର ଅଧିବାସୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ସବୁପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହାପରେ କୋର୍ଟ ସାଇଟ୍‌ରେ ଥିବା ମିଶନଶକ୍ତି କାଫେକୁ ଯାଇ ମିଶନଶକ୍ତି ମହିଳାଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ବଜାର ସୁବିଧା ପାଇଁ ଅଧିକ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ପାରାଦୀପ ଆଇଟିଆଇ ଯାଇ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରିଥିଲେ । କୁଜଙ୍ଗ ବ୍ଲକର ଫତେପୁରଠାରେ ଥିବା ଜୀବନଜ୍ୟୋତି ଟେରାକୋଟା ପ୍ରଡ୍ୟୁସର ଗ୍ରୁପର ସଭ୍ୟଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଗଡ଼କୁଜଙ୍ଗର କୁଞ୍ଜବିହାରୀ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ଠାକୁରଙ୍କ ଆଶିଷ ଭିକ୍ଷା କରିଥିଲେ । ଏଥିସହ ସେବାୟତ ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ସେ କୁଜଙ୍ଗର ବିବି ହାଇସ୍କୁଲ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀ, ଶିକ୍ଷକମାନଙ୍କ ସହ ଆଲୋଚନା କରି ସେମାନଙ୍କ ଲକ୍ଷ୍ୟ ଓ ଅଭିପ୍ସା ପୂରଣ ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ସେ ବିଭିନ୍ନ ଡିଗ୍ରୀ କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ସଂସ୍କୃତ କଲେଜର ଛାତ୍ରଛାତ୍ରୀମାନଙ୍କ ସହ ଏସଭିଏମ୍ ଅଟୋନମସ କଲେଜ ଗ୍ରାଉଣ୍ଡରେ ଆଲୋଚନା କରିଥିଲେ । ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ୭୦ଟି କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ୫-ଟିରେ ରୂପାନ୍ତରଣ କରିବା ପାଇଁ ମଞ୍ଜୁରି ପ୍ରଦାନ କରିଛନ୍ତି । ପାଣ୍ଡିଆନ୍‌ଙ୍କ ଗସ୍ତ ସମୟରେ ତାଙ୍କ ସହ କ୍ରୀଡ଼ା ଓ ଯୁବବ୍ୟାପାର ସଚିବ ଆର.ଭିନୀଲକ୍ରିଷ୍ଣା, ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟୱାରୀ, ଏସ୍‌ପି ରାହୁଲ ପିଆର ଏବଂ ଜଗତସିଂହପୁର ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବାହୁଡ଼ାଯାତ୍ରା ମୃତକଙ୍କ ପାଇଁ ସହାୟତା ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୁଧବାର ବାହୁଡ଼ାଯାତ୍ରା ସମୟରେ ଦୁର୍ଘଟଣାରେ ମୃତକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏଥିସହିତ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । କେନ୍ଦୁଝର ଜିଲ୍ଲା କେନ୍ଦୁଆ ଗ୍ରାମରେ ୨ଜଣ ଓ କୋରାପୁଟ ଜିଲ୍ଲା କୋଲାବ ନଗରରେ ଜଣେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିଲେ । ଏଥିସହ ଦୁର୍ଘଟଣାରେ ଆହତମାନଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।।

ଏସିବିରେ ଆଉ ଜଣେ ମୃତ

କଟକ, (ଭାସ୍କର ନ୍ୟୁଜ) : ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ ଏସ୍‌ସିବି ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ହେଉଥିବା ମନିଷ କୁମାରଙ୍କ ଗୁରୁବାର ମୃତ୍ୟୁ ଘଟିଛି । ତାଙ୍କ ଘର ବିହାର ଜାମୁଇ ବୋଲି ସୂଚନା ମିଳିଛି । ଗତ ୨ତାରିଖ ସନ୍ଧ୍ୟାରେ ଟ୍ରେନ୍ ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ । ଏବେ ବି ଏସ୍‌ସିବିରେ ଆଉ ୨୨ଜଣ ଆହତ ଚିକିତ୍ସିତ ହେଉଛନ୍ତି । ମନିଷଙ୍କ ମୃତ୍ୟୁ ପରେ ଟ୍ରେନ୍ ଟ୍ରାଜେଡି ମୃତ୍ୟୁ ସଂଖ୍ୟା ୨୯୩ ଛୁଇଁଛି ।

ନିମାପଡା ପୌର ଅଞ୍ଚଳରେ ସ୍ୱଚ୍ଛ ଭାରତ ଯୋଜନା ପ୍ରହସନ

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ପୌରପରିଷଦ ଅଞ୍ଚଳରେ ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା ବାଟବଣା ହେଉଥିବା ବେଳେ ପୌରଅଧିକାରୀ ଓ ଅଧକ୍ଷା ନୀରବ ରହିବା ପଛରେ କି କାରଣ ରହିଛି, ଲୋକମାନେ ପୌର ଅଧିକାରୀଙ୍କ ପ୍ରଶ୍ନ କରିଛନ୍ତି । କଣ ପାଇଁ ସହରରେ ସ୍ୱଚ୍ଛତା ରହୁନାହିଁ ତାହା ଅନେକ ପ୍ରଶ୍ନ ଉଙ୍କିମାରୁଥିବା ବେଳେ ବେଫିକର ଭାବରେ ପୌର କର୍ମଚାରୀ କାର୍ଯ୍ୟ କରିବା ସେମାନଙ୍କ କାର୍ଯ୍ୟଦକ୍ଷତା ପ୍ରତି ସନ୍ଦେହ ପ୍ରକଟ ହୋଇଛି । ଲୋକଦେଖାଣିଆ ଭାବେ ସହରକୁ ସ୍ୱଚ୍ଛ ରଖିବା ପୌରପରିଷଦ ପ୍ରଚାର କରୁଥିବା ବେଳେ ଚାରିଆଡେ ଆବର୍ଜନା ଜମି ରହିଛି । ମୁଖ୍ୟ ରାସ୍ତାରେ ଅଳିଆ ଗାଡି ବୁଲୁଥିବା ବେଳେ କଲୋନୀ ରାସ୍ତାକୁ କାଁ ଭାଁ ଗାଡି ଯାଉଥିବା କାରଣରୁ ପୌରବାସୀଙ୍କ ଠାରୁ ଅଳିଆ ଯାଇପାରୁ ନାହିଁ । ମାଛ ମାର୍କେଟ ସାପ୍ତାହିକ ହାଟ ମୁସ୍‌ଲିମ୍ ବସ୍ତି ନିକଟ ପାଟପୁର ଛକ ପାଟପୁର ପଞ୍ଚାୟତ ସ୍କୁଲ ଭୋବନିପୁର ରାସ୍ତା ଆଦି ଅନେକ ସ୍ଥାନରେ ଆବର୍ଜନା ଜମା ହୋଇରହିଛି । ଡେଲଟା ଛକ ବ୍ରିଜ× ଠାରୁ ଜୟଗୁରୁ ଆଶ୍ରମ ପର୍ଯ୍ୟନ୍ତ ରାସ୍ତାରେ ହୋଟେଲ ପାନଦୋକନ ଇତ୍ୟାଦି ବିଭିନ୍ନ ଦୋକାନୀ କେନାଲକୁ ଡଷ୍ଟବିନ ଭାବେ ବ୍ୟବହାର କରୁଛନ୍ତି । କେତେକ ବ୍ୟକ୍ତି ପୌରପରିଷଦ ଅଞ୍ଚଳରେ ମଟନ କାଟି ବିଭିନ୍ନ ଅଂଶ ଫୋପାଡୁଛନ୍ତି । ଅନେକ ମାଛ ବ୍ୟବସାୟୀ ମାଛକାଟି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଫୋପାଡୁଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ।

ପୁଣି କୁମ୍ଭୀର ଆତଙ୍କ

ବୃଦ୍ଧଙ୍କୁ ଟାଣି ନେଇ ମାରିଦେଲା

ରାଜନଗର (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡାରେ ଥମୁନି କୁମ୍ଭୀର ଆତଙ୍କ । ଜଣଙ୍କ ପରେ ଜଣଙ୍କୁ ଟାଣି ନେଇ ମାରି ଦେଉଛି କୁମ୍ଭୀର । ନିକଟରେ ଜଣେ ୧୨ବର୍ଷର ନାବାଳକଙ୍କୁ କୁମ୍ଭୀର ଟାଣି ନେଇ ମାରିଦେଇଥିବା ବେଳେ ଏହାର କିଛିଦିନ ପରେ ବାସନ ମାଜୁଥିବା ବେଳେ ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇ ମାରିଦେଇଥିଲା । ତେବେ ଗୁରୁବାର ସକାଳେ ଶୌଚ ହେବା ପାଇଁ ବ୍ରାହ୍ମଣୀ ନଦୀକୁ ଯାଇଥିବା ଜଣେ ବୃଦ୍ଧଙ୍କୁ କୁମ୍ଭୀର ଟାଣି ନେଇ ମାରି ଦେଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲା ତରଡିପାଳ ପଞ୍ଚାୟତ ଭାଗରଡିଆଁ ଗାଁରେ ଗଙ୍ଗାଧର ତରାଇ ଗୁରୁବାର ସକାଳେ ସ୍ଥାନୀୟ ବ୍ରାହ୍ମଣୀ ନଦୀକୁ ଶୌଚ ହେବାପାଇଁ ଯାଇଥିବା ବେଳେ ତାଙ୍କୁ କୁମ୍ଭୀର ଟାଣି ନେଇଥିଲା । ଦୀର୍ଘ ସମୟ ଧରି ସେ ଘରକୁ ନଫେରିବାରୁ ପରିବାରବର୍ଗ ଖୋଜାଖୋଜି କରି ନଦୀ କୂଳରେ ତାଙ୍କ ଚପଲ ପଡିଥିବାର ଦେଖିବାକୁ ପାଇଥିଲେ । ଏହି ଘଟଣା ପରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରି ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ସୂଚନାଯୋଗ୍ୟ ଯେ ଚଳିତ ମାସରେ ଏହା ହେଉଛି ତୃତୀୟ ଘଟଣା । ୧୬ଦିନ ମଧ୍ୟରେ ବ୍ରାହ୍ମଣୀ ନଦୀରେ ୩ଜଣଙ୍କ ଜୀବନ ନେଲାଣି କୁମ୍ଭୀର । ଗତ ରଜ ସମୟରେ ମା' ସହ ନଦୀକୁ ଯାଇଥିବା ଜଣେ ନାବାଳକଙ୍କୁ କୁମ୍ଭୀର ଟାଣି ନେଇ ମାରିଦେଇଥିବା ବେଳେ ଗତ ୨୨ତାରିଖରେ ରାଜନଗର ହାତିଆଗଡ ଗାଁର ଜଣେ ମହିଳା ବାସନ ମାଜୁଥିବା ବେଳେ କୁମ୍ଭୀର ଟାରି ନେଇଥିଲା । ଗୁରୁବାର ପୁଣି ଜଣେ ବୃଦ୍ଧକୁ କୁମ୍ଭୀର ଟାଣିନେବା ପରେ ଏ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ବାରମ୍ବାର ଦାବି ପରେ ବନବିଭାଗ ଏନେଇ କୌଣସି ପଦକ୍ଷେପ ନେଉନଥିବାରୁ ବିଭିନ୍ନ ମହଲାରେ ଅସନ୍ତୋଷ ପ୍ରକାଶ ପାଇଛି । ଲୋକମାନେ ନଦୀକୁ ଯିବା ପାଇଁ ଭୟ କରୁଛନ୍ତି ।

ଆରପାରିରେ ବରିଷ୍ଠ ସାମ୍ବାଦିକ ଜଗନମୋହନ ମହାପାତ୍ର

ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବରିଷ୍ଠ ସାମ୍ବାଦିକ ଡକ୍ଟର ଜଗନମୋହନ ମହାପାତ୍ରଙ୍କ ଗୁରୁବାର ସକାଳେ ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ୩୦ ବର୍ଷ ଧରି ପ୍ରତ୍ୟକ୍ଷ ସାମ୍ବାଦିକତା ସହ ଜଡ଼ିତ ରହିଥିଲେ । ୧୯୯୩ ମସିହାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ସ୍ନାତକୋତ୍ତର ପାସ୍ କରିବା ପରେ ସାମ୍ବାଦିକତାକୁ ପେଶା ଭାବେ ଗ୍ରହଣ କରିଥିଲେ । ବ୍ରହ୍ମପୁର ସମେତ ଗଞ୍ଜାମ ଜିଲ୍ଲାର ଜଣେ ଲୋକପ୍ରିୟ ସାମ୍ବାଦିକ ଭାବେ ସେ ସୁନାମ ଅର୍ଜନ କରିଥିଲେ । ସେ ଦୈନିକ 'ସକାଳ'ର ଦକ୍ଷିଣ ଓଡ଼ିଶା ସଂସ୍କରଣର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ । ଏଥିସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଭ୍ରାମ୍ୟମାଣ ଅଧ୍ୟାପକ ଭାବେ ମଧ୍ୟ ଶିକ୍ଷାଦାନ କରୁଥିଲେ । ବ୍ରହ୍ମପୁରରେ ଆଞ୍ଚଳିକ କେବୁଲ ଟେଲିଭିଜନ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଏକ ପ୍ରମୁଖ ଭୂମିକା ରହିଥିଲା । ସେ ଜଣେ ମେଳାପୀ, ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତିଭାବେ ବେଶ୍ ଜଣାଶୁଣା ଥିଲେ । ବିଶିଷ୍ଟ ଜ୍ୟୋତିଷ ବିଶାରଦ ବାଇକୋଳି ମହାପାତ୍ରଙ୍କର ସେ ନାତି ଭାବେ ବେଶ ପରିଚିତ ରହିଥିଲେ । ତାଙ୍କ ବିୟୋଗରେ ରାଜ୍ୟର ସାମ୍ବାଦିକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

ବାହାନଗା ଟ୍ରେନ୍ ଟ୍ରାଜେଡି

୨୮ଦିନ ପରେ ଖୋଲିଲା ଦକ୍ଷିଣ କେବିନ୍ ଗେଟ୍

ବାହାନଗା (ଭାସ୍କର ନ୍ୟୁଜ୍) : ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଦୁର୍ଘଟଣାର ୨୮ଦିନ ପରେ ଷ୍ଟେସନରେ ଦକ୍ଷିଣ କେବିନ୍ ଗେଟ୍ ଖୋଲାଯାଇଛି । ଫଳରେ ଗୁରୁବାର ଠାରୁ ବାହାନଗା-ଗୋପାଳପୁର ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଛି । ଟ୍ରେନ୍ ଦୁର୍ଘଟଣା ପରଠାରୁ ଏହି ଗେଟ୍‌କୁ ବନ୍ଦ କରିଦିଆଯାଇଥିଲା । ଫଳରେ ସ୍ଥାନୀୟ ଲୋକମାନେ ୧୦ ରୁ ୧୫କିମି ରାସ୍ତା ଦେଇ ଯାତାୟାତ କରୁଥିଲେ । ତେବେ ଗେଟ୍ ଖୋଲିବା ପରେ ସ୍ଥାନୀୟ ଲୋକେ ଏ ନେଇ ଖୁସି ପ୍ରକଟ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଟ୍ରେନ୍ ଦୁର୍ଘଟଣାର ୨୬ଦିନ ପରେ ଅର୍ଥାତ୍ ଗତ ମଙ୍ଗଳବାର ଠାରୁ ବାହାନଗା ଷ୍ଟେସନରେ ଟ୍ରେନ୍ ରହଣୀ କରୁଛି । ସେହିପରି ବୁଧବାର ଠାରୁ ଯାତ୍ରୀମାନଙ୍କୁ ସ୍ୱଭାବିକଭାବେ ଟ୍ରେନ୍ ଟିକେଟ ମିଳୁଛି । ଯେଉଁ ଲୁପ୍ ଲାଇନରେ ଛିଡାହୋଇଥିବା ଏକ ମାଲବାହୀ ଟ୍ରେନ୍‌କୁ କରମଣ୍ଡଳ ଏକ୍ସପ୍ରେସ୍ ଧକ୍କା ଦେଇଥିଲା ତେବେ ସେହି ଦକ୍ଷିଣ କେବିନ ରେଳ ଲାଇନ ସମ୍ପୂର୍ଣ୍ଣ ଠିକ୍ ହେବା ପରେ ରେଳ ଚଳାଚଳ ସ୍ୱଭାବିକ ହୋଇଛି ।

କରଞ୍ଜିଆ ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୫୦ୟୁନିଟ ରକ୍ତ ସଂଗ୍ରହ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ବିଜୁ ଜନତାଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସଙ୍କ ୫୦ତମ ଜନ୍ମଦିନ ପାଳନ ଅବସରରେ କରଞ୍ଜିଆଠାରେ ବିଜୁ ଯୁବ ଓ ଛାତ୍ର ଜନତାଦଳ ପକ୍ଷର

ବେଗୁନିଆ (ଭାସ୍କର ନ୍ୟୁଜ୍) : ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ପାଚିକା ତଥା ସହାୟିକାମାନଙ୍କ ପାଇଁ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ମା ଉଦଘାଟନ କରିଥିଲେ । ବ୍ଲକର କଣ୍ଟାବାଡ଼, ପୋଡାଡିହ, ସାରୁଅ, ବେଗୁନିଆ ଏବଂ ପଙ୍ଗାରସିଂହ କ୍ଲଷ୍ଟରର ଶହେ ଜଣ ପ୍ରତିଭାଗୀ ଭାଗ ନେଇଥିଲେ । ଶିବିରରେ ଶିକ୍ଷକ ସୁଧାକର ସେଠୀ, ଶିକ୍ଷୟିତ୍ରୀ ନର୍ମଦା ପଣ୍ଡା ଏବଂ ଝୁନୁଲତା ପୃଷ୍ଟି ପାଚିକା ମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ବଣ୍ଟନର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ଼ଃ ମଧୁସୂଦନ ସୁବୁଦ୍ଧି ଯୋଗଦେଇ ପରିଷ୍କାର ପରିଚ୍ଛନ୍ନତା, ଖାଦ୍ୟର ଗୁଣବତ୍ତା ଓ ବଣ୍ଟନ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ଲକ୍ଷ୍ମୀ ଦେବୀ, ଚନ୍ଦ୍ରକାନ୍ତି ନାୟକ ଏବଂ ଦାଶରଥି ପ୍ରଧାନ ନିଜ ନିଜ ବକ୍ତବ୍ୟରେ ଖାଦ୍ୟ ପ୍ରସ୍ତୁତିର ପୂର୍ବ ଏବଂ ପରବର୍ତ୍ତୀ ସମୟରେ ପରିଷ୍କାର ଏବଂ ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ପନିପରିବା ଦର ଆକାଶ ଛୁଆଁ, ଗରିବଙ୍କ ପାଇଁ କାଳ

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ତେଲ ଲୁଣ ସଂସାରରେ ଖଟିଖିଆ ଦିନ ମଜୁରିଆ ନିଜର ପେଟ ଚାଖଣ୍ଡକ ପାଇଁ ଓ ପରିବାରର ଭରଣ ପୋଷଣ ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଅକ୍ଳାନ୍ତ ପରିଶ୍ରମ କରିଥାଏ । ପଖାଳ ଭାତରେ ଲୁଣ ଲଙ୍କା ପିଆଜ ସହିତ ଆଳୁ, ବାଇଗଣ ପୋଡ଼ାରେ ଦିନମଜୁରିଆ ମାନଙ୍କର ଭୋକ ମେଣ୍ଟେ । ବର୍ତ୍ତମାନ ବର୍ଦ୍ଧିତ ପନିପରିବା ଦର ଦିନମଜୁରିଆ ଓ ଲୋକମାନଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ହୋଇଅଛି । ବଜାରରେ ଘୁସୁ ହୋଇ ପନିପାରିବ ଦର ବଢ଼ିବାରେ ଲାଗିଛି । ବର୍ଦ୍ଧିତ ପନିପରିବା ଦର ଗରିବ ଖଟିଖିଆ ଦିନ ମଜୁରିଆଲୋକମାନଙ୍କର ମେରୁଦଣ୍ଡ ଭାଙ୍ଗିଦେଇଛି । ବର୍ତ୍ତମାନ ପନିପରିବା ବଜାରରେ ବାଇଗଣ କିଗ୍ରା ପ୍ରତି ୬୦ଟଙ୍କା, ଟମାଟୋ କିଗ୍ରା ପ୍ରତି ୧୦୦ ଟଙ୍କା, କଲରା କିଗ୍ରା ପ୍ରତି ୮୦ଟଙ୍କା, ପୋଟଳ କିଗ୍ରା ପ୍ରତି ୬୦ଟଙ୍କା, ଅମୃତ ଭଣ୍ଡା କିଗ୍ରା ପ୍ରତି ୪୦ଟଙ୍କା, ସଜନା ଛୁଇଁ କିଗ୍ରା ପ୍ରତି ୧୦୦ଟଙ୍କା, କୁନ୍ଦୁରି କିଗ୍ରା ପ୍ରତି ୪୦ଟଙ୍କା, ପିଆଜ କିଗ୍ରା ପ୍ରତି ୩୦ଟଙ୍କା, ଫୁଲ କୋବି କିଗ୍ରା ପ୍ରତି ୮୦ ଟଙ୍କା, ପତ୍ରକୋବି କିଗ୍ରା ପ୍ରତି ୫୦ଟଙ୍କା, ବିନ କିଗ୍ରା ପ୍ରତି ୮୦ଟଙ୍କା, ଗୁଆଁର କିଗ୍ରା ପ୍ରତି ୬୦ ଟଙ୍କା, ଭେଣ୍ଡି କିଗ୍ରା ପ୍ରତି ୬୦ଟଙ୍କା, ପରିବା ବ୍ୟବସାୟିମାନେ ବିକ୍ରୟ କରୁଅଛନ୍ତି । ବିଭିନ୍ନ ଅଞ୍ଚଳରେ ଆବଶ୍ୟକୀୟ ଶୀତଳ ଭଣ୍ଡାର ନଥିବାରୁ ଚାଷୀମାନେ ହଇରାଣ ହେବା ସଙ୍ଗେସଙ୍ଗେ ପନିପରିବା ଦର ବୃଦ୍ଧି ପାଉଅଛି । ପ୍ରଚୁର ପନିପରିବା ଚାଷ ପାଇଁ ଚାଷୀର ଚାଷ କ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥା ନ ଥିବାରୁ ପନିପରିବା ଚାଷ ଦିନକୁ ଦିନ ହ୍ରାସ ପାଉଅଛି । କୃଷି ବିଭାଗ ତରଫରୁ କୃଷି ଅଧିକାରୀ ଓ କୃଷି ଗ୍ରାମସେବକମାନେ ଗ୍ରାମାଞ୍ଚଳ ଚାଷୀମାନଙ୍କର ଚାଷକ୍ଷେତ୍ର ପରିଦର୍ଶନ କରୁନାହାନ୍ତି ଓ ସେମାନଙ୍କୁ ଉନ୍ନତ ଧରଣର ବିହନ ଯୋଗାଉନାହାନ୍ତି ଏବଂ କୃଷିପରାମର୍ଶ ଦେଉନାହାନ୍ତି । ଫଳରେ ଦିନକୁଦିନ ପନିପରିବା ଉତ୍ପାଦନ କମିବାରେ ଲାଗିଅଛି । ଚାଷ ଓ ଚାଷୀର ବିକାଶ ପାଇଁ ରାଜ୍ୟସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ କୃଷିବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି । ଏଥିପ୍ରତି ରାଜ୍ୟ କୃଷିବିଭାଗ ଦୃଷ୍ଟି ଦେବାକୁ ଜନ ସାଧାରଣମାନେ ଦୃଢ଼ ଦାବି କରିଅଛନ୍ତି ।

ଜରାଜୀର୍ଣ୍ଣ ଅବସ୍ଥାରେ କଳାଙ୍ଗ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ଅନ୍ତର୍ଗତ କଳାଙ୍ଗ ଗ୍ରାମପଞ୍ଚାୟତ ନିକଟରେ ଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହ ଜରାଜୀର୍ଣ୍ଣ ଅବସ୍ଥା ଦେଖିବାକୁ ମିଳିଛି । ଘର ଚର୍ତ୍ତୁଃପାର୍ଶ୍ୱ ପ୍ଲାଷ୍ଟର ଦୁର୍ବଳ ହୋଇ ସିଉଳି ହୋଇ ରହିଛି । ବିଭିନ୍ନ ଜାଗାରେ ଫାଟ ହେବା ସହ ବର୍ଷା ସମୟରେ ଛାତରୁ ପାଣି ଗଳୁଛି । ଫଳରେ ବର୍ଷା ଦିନେ ଏହା ଭିତରେ କାମ କରିବା ସମସ୍ୟା ଦେଖାଦେଇଛି । ଅନ୍ୟ ପଟେ ଏହି ଜରାଜୀର୍ଣ୍ଣ ଗୃହ ଉପରେ ମହଲା କରିବା ପାଇଁ ଅର୍ଥ ମଞ୍ଜୁର ହୋଇଅଛି । ତେବେ ଏହି ଦୁର୍ବଳ ଛାତ ଉପରେ ନୂତନ ଗୃହ ନିର୍ମାଣ କରିବା ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଏହି ଉପର ମହଲା ଗୃହ ନିର୍ମାଣ ଅନ୍ୟତ୍ର ସ୍ଥାନାନ୍ତରଣ କରିବା ପାଇଁ କଳାଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ସରୋଜିନୀ ପରିଡ଼ା, ନାଏବ ସରପଞ୍ଚ ପ୍ରଭାକର ସ୍ୱାଇଁ, ୱାର୍ଡ଼ ସଭ୍ୟା ସରସ୍ୱତୀ ମୁଦୁଲି, ହାରା ଦେଇ, ମମତା ବେହେରା, ରୋଜିନା ସେଠୀ, ରୁନିତା ମନ୍ତ୍ରୀ, ଝୁନା ବେହେରା, ୱାର୍ଡ଼ ସଭ୍ୟ ପ୍ରସନ୍ନ କୁମାର ମହାପାତ୍ର, ବିଜୟ କୁମାର ମହାରଣା, ଗୋପାଳ ଶ୍ରୀଚନ୍ଦନ, ଭରତ ପରିଡ଼ା ପ୍ରମୁଖ ବୋଲଗଡ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଅଛନ୍ତି । ଏଥିପ୍ରତି ବୋଲଗଡ ବିଡିଓ ଓ ଖୋର୍ଦ୍ଧା ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣମାନେ ଦାବି କରିଅଛନ୍ତି ।

ଜୁଏଲ ଓରାମଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି (ଭାସ୍କର ନ୍ୟୁଜ) : ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଅଞ୍ଚଳରେ ଦଳୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ଓରାମ ଜିଲ୍ଲାର ମାଥିଲି ଠାରେ ପହଞ୍ଚିବା ପରେ ମାଥିଲି ବ୍ଲକ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ପରେ ପରେ ମାଥିଲି ଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ବହୁ କେନ୍ଦ୍ରୀୟ ଯୋଜନା ବିଷୟରେ ମତ ରଖିଥିଲେ । ପରେ ପରେ ମାଲକାନଗିରି ବ୍ଲକର ପଦ୍ମଗିରି ଠାରେ ଏକ ଜନ ସମାବେଶରେ ଅଂଶଗ୍ରହଣ କରି ଅନୁରୂପ ବକ୍ତବ୍ୟ ପ୍ରଦାନ କରିଥିଲେ । ପଦ୍ମଗିରି ଠାରେ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ, ଆଦିବାସୀ ପାରମ୍ପରିକ ନୃତ୍ୟ ଏବଂ ବାଦ୍ୟ ସହ ଶ୍ରୀ ଓରାମଙ୍କୁ ପାଛୋଟି ନେଇଥିଲେ । ପରେ ପରେ କୋରୁକୋଣ୍ଡା ବ୍ଲକ କାମବେଡାଠାରେ ଏକ ଦଳୀୟ ଜନ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ଆଦିତ୍ୟ ମାଡି, ଜିଲ୍ଲା ସଭାପତି ନିମାଇ ଚନ୍ଦ୍ର ପାଲ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ରାଜ୍ୟ ଏସ୍‌ଟି ମୋର୍ଚ୍ଚା ସମ୍ପାଦକ ଜଳନ୍ଦର ନାୟକ, ଜିଲ୍ଲାର ସମସ୍ତ କର୍ମକର୍ତ୍ତା ଓ କର୍ମୀ ମାନେ ଯୋଗଦେଇଥିଲେ ।

କାଦୁଅ ପଙ୍କରେ ଉବୁଟୁବୁ ମଣିପୁର ଆଦର୍ଶ ବିଦ୍ୟାଳୟ ରାସ୍ତା

ବୌଦ୍ଧ (ଭାସ୍କର ନ୍ୟୁଜ) : ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରି ସେମାନକର ସୁନେଲି ଭବିଷ୍ୟତ ଗଢିବା ଲକ୍ଷ୍ୟନେଇ ରାଜ୍ୟ ସରକାର ପ୍ରତି ବ୍ଲକରେ ଆବାସିକ ଆଦର୍ଶ ବିଦ୍ୟାଳୟ ଶୁଭାରମ୍ଭ କରିଥିଲେ । ଏହାର ସ୍ମାର୍ଟ ଶ୍ରେଣୀଗୃହ ଠାରୁ ନେଇ ହଷ୍ଟେଲ ଯାଏ ଉନ୍ନତ ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କାଖର୍ଚ୍ଚ କରୁଛନ୍ତି । ହେଲେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ପଞ୍ଚାୟତ ଅନ୍ତର୍ଗତ ମଣିପୁର ଠାରେ ୨୦୧୭ ମସିହା ଏପ୍ରିଲ ୧୨ ତାରିଖରୁ ଚାଲି ଆସୁଥିବା ଆଦର୍ଶ ବିଦ୍ୟାଳୟକୁ ଯିବା ଆସିବା ପାଇଁ କୌଣସି ସ୍ଥାୟି ରାସ୍ତାଟିଏ ନିର୍ମାଣ ହୋଇନାହିଁ । ଫଳରେ ବର୍ଷାଦିନେ ଉକ୍ତ ବିଦ୍ୟାଳୟରେ ବିଦ୍ୟାଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ କାଦୁଅ ପଙ୍କରେ ପରିପୂର୍ଣ୍ଣ ୪କିମି ରାସ୍ତାରେ ଅତି ଦୟନୀୟ ଭାବେ ଯାତାୟାତ କରୁଥିବାର ଚିତ୍ର ସାମ୍ନାକୁ ଆସିଛି । ତେବେ କୋଟି କୋଟି ଟଙ୍କା ବ୍ୟୟକରି ଆଦର୍ଶ ବିଦ୍ୟାଳୟ ନିର୍ମାଣ କରୁଥିବା ସରକାର ଆଜି ସୁଦ୍ଧା ଦୀର୍ଘ ୭ବର୍ଷରୁ ଅଧିକ ସମୟ ଅତିବାହିତ ହୋଇ ସାରିଥିଲେ ମଧ୍ୟ ଗମନାଗମନର ପାଇଁ ସର୍ବନିମ୍ନ ରାସ୍ତାଟିଏ ନକରିବା ଘଟଣା ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକ ମହଲକୁ ବ୍ୟଥିତ କରିଛି । ଏହି ରାସ୍ତା ଦେଇ ନିୟମିତ ଭାବେ ପ୍ରତିଦିନ ପ୍ରାୟ ୪ଶହରୁ ଅଧିକ ଛାତ୍ରଛାତ୍ରୀ ଯିବା ଆସିବା କରିଥାନ୍ତି । ସେହିପରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଏହି ରାସ୍ତାରେ ନେବା ଆଣିବା କରିବା ପାଇଁ ବହୁ ଅଟୋ ଓ ବାଇକ ଯାତାୟତ କରିଥାନ୍ତି । ଟିକିଏ ବର୍ଷା ହେବାମାତ୍ରେ ଏହି ରାସ୍ତା କାଦୁଅ ପଙ୍କରେ ପରିପୂର୍ଣ୍ଣ ହୋଇ ଯାଉଥିବାରୁ ଏହି ରାସ୍ତାରେ ଗମନାଗମନ କଷ୍ଟକର ବ୍ୟାପାର ହୋଇପଡିଥାଏ । ରାସ୍ତାର ଉନ୍ନତି କାରଣ ଦର୍ଶାଇ ପ୍ରତିବର୍ଷ କେତେବେଳେ ସ୍ଥାନୀୟ ପଞ୍ଚାୟତ ତ ଆଉ କେତେବେଳେ ବ୍ଲକଗ୍ରାଣ୍ଟ ତ ଆଉ କେବେ ଜିଲ୍ଲା ପରିଷଦ ଅନୁଦାନରେ ମାଟି ମରମ ବିଛାଇ ମରାମତି ନାଁରେ ଯନ୍ତ୍ରୀ-ଠିକାଦାର ମାନେ ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିବା ଅଭିଯୋଗ ହେଉଛି । ମାତ୍ର ଛାତ୍ରଛାତ୍ରୀ ମାନେ ସବୁବର୍ଷ ବର୍ଷାଦିନେ ହେଲେ ସମଦଶା ଭୋଗୁଥିଲେ ବି ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣକରି ଏହାର ସ୍ଥାୟି ନିରାକରଣ ପାଇଁ ପ୍ରୟାସ ନକରିବା ଘଟଣା ଲୋକଙ୍କୁ ବିସ୍ମିତ କରିଛି । ଏ ସମ୍ପର୍କରେ ବୌଦ୍ଧ ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁଙ୍କୁ ପଚରା ଯିବାରୁ ଆମେ ଏନଏଚ୍‌ରୁ ମଣିପୁର ପର୍ଯ୍ୟନ୍ତ ୪କିମି ରାସ୍ତା ଏବଂ ଆଗକୁ ୩କିମି ଦୂରରେ ଥିବା ଏକ ଗ୍ରାମକୁ ମିଶାଇ ସମୁଦାୟ ୭କିମି ରାସ୍ତା ନିର୍ମାଣ ପାଇଁ ଆର୍‌ଡି ବିଭାଗକୁ ପ୍ରସ୍ତାବ ଦେଇଛୁ ଯଦି ରାଜ୍ୟ ସରକାର ଆର୍‌ଡ଼ି ବିଭାଗକୁ ମଞ୍ଜୁରୀ ପ୍ରଦାନ କରନ୍ତି ତେବେ ଯଥାଶୀଘ୍ର ଏହା ହୋଇଯିବ ବୋଲି କହିଥିଲେ ।

ଆଶୀର୍ବାଦ ପରିବାର ତରଫରୁ ଦହିପଣା ବଣ୍ଟନ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ବଡ କୁମାରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଜସୁନାଖଳା କାଉଁରୀପାଟଣା ସାହିଛକ ଠାରେ ବାହୁଡ଼ା ଯାତ୍ରା ଉପଲକ୍ଷେ ଆର୍ଶୀବାଦ ପରିବାର ଓ ୟୁନିକ କୋଚିଙ୍ଗ ସେଣ୍ଟରର ମିଳିତ ଆନୁକୂଲ୍ୟରେ ବୁଧବାର ଦିନ ଶ୍ରଦ୍ଧାଳୁ ଭକ୍ତ ତଥା ଲୋକମାନଙ୍କୁ ଦହିପଣା ବଣ୍ଟନ କରାଯାଇଅଛି । ସମାଜ ସେବୀ ତଥା ଅଧ୍ୟାପକ ଜିତେନ୍ଦ୍ର କୁମାର ବସ୍ତି, ସମାଜସେବୀ ବ୍ରଜବନ୍ଧୁ ସୁବୁଦ୍ଧି ଓ ସୁବ୍ରତ କୁମାର ବେହେରାଙ୍କ ମିଳିତ ଆବାହକତ୍ୱରେ ଏହି ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ଜନସାଧାରଣ ଓ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ଭକ୍ତମାନେ ବାହୁଡ଼ାଯାତ୍ରାର ରଥ ଟଣା ସମୟରେ ଦହିପଣା ପିଇ ଆତ୍ମସନ୍ତୋଷ ଲାଭ କରିଥିଲେ । ଏଭଳି ଜନକଲ୍ୟାଣ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷାବିତ, ସମାଜ ସେବୀ, ବୁଦ୍ଧିଜୀବୀ ଓ ଜନସାଧାରଣମାନେ ଉଚ୍ଚ ପ୍ରଂଶସା କରିଅଛନ୍ତି । ଏହି କାର୍ଯ୍ୟକ୍ରମକୁ ୟୁନିକ କୋଚିଙ୍ଗ ସେଣ୍ଟରର ଛାତ୍ରଛାତ୍ରୀମାନେ ସହଯୋଗ କରି ପରିଚାଳନା କରିଥିଲେ । ପରିଶେଷରେ ରାଜସୁନାଖଳା ଗ୍ରାମପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଦହି ପଣା ବଣ୍ଟନ କାର୍ଯ୍ୟକ୍ରମର ସହଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପରିବା ଦର ଆକାଶଛୁଆଁ

ଖାଉଟି ହନ୍ତସନ୍ତ

ବାଲିପାଟଣା(ଭାସ୍କର ନ୍ୟୁଜ୍) ଲଘୁଚାପ ବର୍ଷା ପରେ ବାଲିପାଟଣା ଅଞ୍ଚଳରେ ପରିବା ଦର ଆକାଶ ଛୁଆଁ ହୋଇଛ । ଖାଉଟିମାନେ ପରିବା କିଣିବାକୁ ଯାଇ ଦର୍ ଶୁଣି ମୁଣ୍ଡରେ ହାତ ଦେଉଛନ୍ତି । ସୂଚନା ଅନୁସାରେ ବର୍ତ୍ତମାନ ଟମାଟୋ କେଜି ୧୨୦ଟଙ୍କା, ବାଇଗଣ ୮୦ ଟଙ୍କା, ପୋଟଳ ୮୦, ଭେଣ୍ଡି ୬୦, ବିନ ୧୨୦, କଲରା ୧୦୦, କଞ୍ଚା ଲଙ୍କା ୨୦୦, କାକଣ ୧୨୦, ସଜନା ଛୁଇଁ ୧୨୦, କଖାରୁ ୩୦, ଅଦା ୩୦୦, ରସୁଣ ୨୦୦, ରହିଛି । ଦୀର୍ଘ ଦୁଇ ସପ୍ତାହ ହେଲା ହାଟ ଖାଲି ଖାଲି ଲାଗୁଛି, ଲୋକେ ପରିବା ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଏ ସଂପର୍କରେ ସ୍ଥାନୀୟ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟଶ୍ରୀ ମହାରଣା କୁହନ୍ତି, ପ୍ରବଳ ଗ୍ରୀଷ୍ମ ଓ ଅଦିନିଆ ବର୍ଷା ପ୍ରଭାବରେ ପନିପରିବା ଅନେକ ଗଛ ନଷ୍ଟ ହୋଇଯିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି । ତାଙ୍କ ମତରେ ଆଉ କିଛି ମାସ ପରେ ପୁଣି ସ୍ୱଭାବିକ ପରିସ୍ଥିତିକୁ ପରିବା ଦର ଆସିଯିବ । ତେବେ ହାଟରେ ଚାଷୀଙ୍କ ଦେଖା ମିଳୁ ନଥିବା ବେଳେ ଚାରିଆଡ଼େ ଖାଲି ବେପାରୀଙ୍କ ପ୍ରଭାବ ଦେଖିବାକୁ ମିଳୁଛି । ଯାହାକି ପରିବା ଦର ବୃଦ୍ଧି ର ଅନ୍ୟ ଏକ କାରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

୫-ଟି ସଚିବଙ୍କ ଶିଆଳି ଗସ୍ତ

ଏରସମା (ଭାସ୍କର ନ୍ୟୁଜ୍) : ଗୁରୁବାର ୫-ଟି ସଚିବ ଭିକେ ପାଣ୍ଡିଆନ ଦୁଇ ଦିନିଆ ଜଗତସିଂହପୁର ଗ୍ରସ୍ତରେ ଆସି ପ୍ରଥମେ ଶିଆଳି ବେଳାଭୂମିରେ ଓହ୍ଲାଇଥିଲେ । ସେ ହେଲିକ୍ୟାପ୍‌ଟରୁ ଓହ୍ଲାଇ ହେଲିପ୍ୟାଡ ବାରିକେଟ ନିକଟରେ ଥିବା ଲୋକମାନଙ୍କ ସହ ମିଶିଥିଲେ । ପରେ ଶିଆଳି ଭ୍ୟୁ ଟାୱାରକୁ ଯାଇ ସମୁଦ୍ର ଦ୍ୱାରା ବେଳାଭୂମି ଓ ଭ୍ୟୁ ଟାୱାର କିପରି କ୍ଷତିଗ୍ରସ୍ତ ହୋଇଛି ତାହାର ଅନୁଧ୍ୟାନ କରିଥିଲେ । ଆଗକୁ କିଭଳି ସି ୱାଲ ନିର୍ମାଣ କରାଯିବ ତାହାର ନକ୍ସା ଦେଖିଥିଲେ । ପରେ ଆୟୋଜିତ କାର୍ଯ୍ୟକ୍ରମ ସ୍ଥଳରେ ସମବେତ ଜନତାଙ୍କ ଠାରୁ ବୁଲି ବୁଲି ଅଭିଯୋଗପତ୍ର ଗ୍ରହଣ କରିଥିଲେ । ମଞ୍ଚ ଉପରେ ଜୟ ଜଗନ୍ନାଥରୁ ତାଙ୍କ ଅଭିଭାଷଣ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ପଠାଇଛନ୍ତି ବୋଲି କହିଥିଲେ । ଆଉ ମୁଖ୍ୟମନ୍ତ୍ରୀ ଏରସମାବାସୀଙ୍କୁ କିଭଳି ଭାବରେ ଭଲ ପାଆନ୍ତି ସେ ବିଷୟରେ କହିଥିଲେ । ଆଉ ୧୯୯୯ମହାବାତ୍ୟା କଥା ମନେ ପକେଇ କହିଥିଲେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଏରସମାରେ ଆଉ ମହାବାତ୍ୟା ଆସିଲେ ସେଭଳି କ୍ଷତି ହେବନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଥିଲେ । ଶିଆଳି ବେଳାଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁରୀ କରିଛନ୍ତି । ଏହା ସହିତ ବାଲିକୁଦାରେ ଏକ କାର୍ଟ ସ୍ଥାପନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ତୁରନ୍ତ କୋର୍ଟ କାର୍ଯ୍ୟ ଆରମ୍ଭ କରିବା ଦାବି କରାଯାଇଛି । ଆଉ ସମବେତ ଜନତା ଆଉ ମିଶନ ଶକ୍ତିର ମା'ମାନେ ଦେଇଥିବା ଆପତ୍ତି ଅଭିଯୋଗ ଗୁଡ଼ିକ ୭ଦିନ ମଧ୍ୟରେ ପୂରଣ କରାଯିବ ବୋଲି ୫-ଟି ସଚିବ କହିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ୩୦ଗୋଟି ପଞ୍ଚାୟତ ଆଉ ଏରସମା ବ୍ଲକର ୨୫ଗୋଟି ପଞ୍ଚାୟତର ହଜାର ହଜାର ମହିଳା ପୁରୁଷ ସମାଙ୍ଗମ ହୋଇଥିବା ଦେଖିବାକୁ ମିଳିଥିଲା । ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟାୱାର, ଏସ.ପି ରାହୁଲ ପି.ଆର., ତିର୍ତ୍ତୋଲ ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ଏରସମା ଆଇଆଇସି ନିରଞ୍ଜନ ଦାସଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ସୁରୁଖୁରୁରେ ଆପତ୍ତି ଅଭିଯୋଗ ଦେବାରେ ସହଯୋଗ କରିଥିଲେ । ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ତଥା ରାଜ୍ୟ କାଳିଆ ଯୋଜନା ଉପଦେଷ୍ଟା ଓ ଜଗତସିଂହପୁର ଜିଲ୍ଲା ଏକ୍ସପୋର୍ଟ ମେମ୍ବର ସାରଦା ପ୍ରସନ୍ନ ଜେନା, ବାଲିକୁଦା ଏରସମା ଯୁବ ବିଜେଡ଼ି ସଭାପତି ପାର୍ଥସାରଥୀ ରାଉତ, ଏରସମା ବିଡ଼ିଓ ଲମ୍ବୋଦର ଖୁଣ୍ଟିଆ,ଏରସମା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ଗୋଡା ପଞ୍ଚାୟତ ସରପଞ୍ଚ ତଥା ଏରସମା ଅଞ୍ଚଳର ସମାଜସେବୀ ବିଶ୍ୱକଲ

ଜାତୀୟ ଓ ଅନ୍ତର୍ଜାତୀୟ

ଇମ୍ଫାଲ: ଦୀର୍ଘ ଦୁଇ ମାସ ବିଦ୍ରୋହ ନିଆଁରେ ଜଳୁଥିବା ମଣିପୁର ଗସ୍ତ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି । ମଣିପୁରରେ ଅଶାନ୍ତି ସୃଷ୍ଟି ହେବା ପରଠୁ ରାହୁଲ ଗାନ୍ଧି ପ୍ରଥମ ଥର ପାଇଁ ଆଜି ଏହି ଉତ୍ତର- ପୂର୍ବ ରାଜ୍ୟକୁ ୨ ଦିନିଆ ଗସ୍ତରେ ଯାଇଛନ୍ତି । ହିଂସା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଦୁଃଖ ବୁଝିବାକୁ ରାହୁଲ ଗାନ୍ଧି ମଣିପୁର ଯାଇଥିବା ବେଳେ ପୁଲିସ୍ କିନ୍ତୁ ଅଧା ବାଟରେ ଅଟକାଇଥିବା ଜଣାଯାଇଛି । ମଣିପୁର ଦଙ୍ଗାରେ ଶତାଧିକ ଲୋକ ଜୀବନ ହାରିଥିବା ବେଳେ ଏବେ ବି ୫୦ ହଜାର ଲୋକ ୩ଶହ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି । ମଣିପୁରର ଚୁରାଚାନ୍ଦପୁର ଅଞ୍ଚଳ ହିଂସାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବହୁ ସପ୍ତାହ ଧରି ସେଠାରେ ହିଂସା ଥମିବା ନାଁ ଧରିଲାନି । ରାହୁଲ ଗାନ୍ଧି ଆଜି ନିଜ ମଣିପୁର ଗସ୍ତର ପ୍ରଥମ ଦିନରେ ଚୁରାଚାନ୍ଦପୁର ଯିବା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା ।

ବଦଳିବ ମୋଦିଙ୍କ ମନ୍ତ୍ରିମଣ୍ଡଳ

ଜୁଲାଇ ୩ରେ ମନ୍ତ୍ରୀ ପରିଷଦ ବୈଠକ

ନୂଆଦିଲ୍ଲୀ: ପୁଣି ବଦଳିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳ । ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ଆସନ୍ତା ଜୁଲାଇ ୩ ତାରିଖ ସୋମବାର ପ୍ରଧାନମନ୍ତ୍ରୀ ମୋଦି ମନ୍ତ୍ରୀ ପରିଷଦ ବୈଠକର ଅଧ୍ୟକ୍ଷତା କରିବେ । ଏହାପୂର୍ବରୁ କ୍ୟାବିନେଟ ସଂପ୍ରସାରଣର ଖବର ସାମ୍ନାକୁ ଆସିଛି । ଜୁଲାଇ ୩ରେ ନୂଆ କରି ପ୍ରଗତି ମୈଦାନରେ ତିଆରି ହୋଇଥିବା କନଭେସନ କେନ୍ଦ୍ରରେ ମନ୍ତ୍ରୀ ପରିଷଦ ବୈଠକ ବସିବ । ଏଠାରେ ଆସନ୍ତା ସେପ୍ଟେମ୍ବରରେ ଜି-୨୦ ସମ୍ମିଳନୀ ମଧ୍ୟ ଆୟୋଜନ ହେବ । ବୁଧବାର ପ୍ରଧାନମନ୍ତ୍ରୀ ମୋଦି ବିଳମ୍ବିତ ରାତିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଓ ବିଜେପିର ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଥିଲେ । ଏହି ବୈଠକରେ ନଡ୍ଡାଙ୍କ ଯୋଗଦାନ ପରେ କ୍ୟାବିନେଟ ସହ ବିଜେପି ସାଂଗଠନିକ ସ୍ତରରେ ଅଦଳବଦଳ ଚର୍ଚ୍ଚା ଆରମ୍ଭ ହୋଇଛି । ୨୦୨୪ ସାଧାରଣ ନିର୍ବାଚନ ଓ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଏକାଧିକ ରାଜ୍ୟର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ଅଦଳବଦଳ ନିଷ୍ପତ୍ତି ନେଇଥିବା କୁହାଯାଉଛି । ରାଜସ୍ଥାନ, ଛତିଶଗଡ଼, ମଧ୍ୟପ୍ରଦେଶ, ତେଲେଙ୍ଗାନା ଓ ମିଜୋରାମରେ ଚଳିତ ବର୍ଷ

ବିଧାନସଭା ନିର୍ବାଚନ ହେବ । ଏଥିପାଇଁ ବେଶ କିଛି ଦିନ ହେବ ଶାହ, ନଡ୍ଡା ଓ ବିଜେପିର ସାଧାରଣ ସମ୍ପାଦକ(ସଂଗଠନ) ବିଏଲ ସନ୍ତୋଷ ଏକାଧିକ ରାଉଣ୍ଡ ବୈଠକ କରିବାରେ ଲାଗିଛନ୍ତି । ଏହି ବୈଠକରେ ସାଂଗଠନିକ ପରିବର୍ତ୍ତନ ସହ କ୍ୟାବିନେଟ ସଂପ୍ରସାରଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି । ବୁଧବାର ମୋଦିଙ୍କ ସହ ମଧ୍ୟ ଏହି ନେତାମାନେ ସମାନ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡ଼ିଛି । ଜୁଲାଇ ୩ୟ ସପ୍ତାହରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ । ଏହାର କିଛି ଦିନ ପୂର୍ବରୁ ହିଁ ଜୁଲାଇ ୩ରେ ମନ୍ତ୍ରୀ ପରିଷଦ ବୈଠକ ବସିବାକୁ ଯାଉଛି । ୨ ବର୍ଷ ହେଲା ମୋଦିଙ୍କ କ୍ୟାବିନେଟରେ କୌଣସି ପ୍ରକାରର ବଡ଼ଧରଣର ଅଦଳବଦଳ ହୋଇନି । ତେବେ ମେ' ମାସରେ ମୋଦି ସରକାର କିରଣ ରିଜିଜୁଙ୍କୁ ଆଇନ ଓ ନ୍ୟାୟ ମନ୍ତ୍ରୀ ପଦରୁ ହଟାଇଥିଲେ । ତାଙ୍କ ବଦଳରେ ଅର୍ଜୁନ ରାମ ମେଘୱାଲଙ୍କୁ ଦେଶର ଆଇନ ମନ୍ତ୍ରୀ କରାଯାଇଥିଲା । ୨୦୨୧ ଜୁଲାଇ ମାସରେ ମୋଦିଙ୍କ କ୍ୟାବିନେଟରେ ଶେଷଥର ପାଇଁ ବଡ଼ଧରଣର ଅଦଳବଦଳ ହୋଇଥିଲା । ୧୨ ଜଣ ମନ୍ତ୍ରୀଙ୍କୁ ବିଦା କରାଯାଇଥିଲା ଓ ୧୭ ଜଣ ସାଂସଦ ନୂଆ ମନ୍ତ୍ରୀ ଭାବେ ଶପଥ ନେଇଥିଲେ । ରବି ଶଙ୍କର ପ୍ରସାଦ, ହର୍ଷ ବର୍ଦ୍ଧନ, ପ୍ରକାଶ ଜାଭଡେକର, ରମେଶ ପୋଖରିୟାଲ ନିଶଙ୍କ ଓ ସନ୍ତୋଷ ଗଙ୍ଗୱାରଙ୍କ ଭଳି ହେଭିୱେଟ ନେତାଙ୍କୁ ମନ୍ତ୍ରୀ ପଦ ହରାଇବାକୁ ପଡ଼ିଥିଲା । ଜ୍ୟୋତିରାଦିତ୍ୟ ସିନ୍ଧିଆ, ନାରାୟଣ ରାଣେ, ସର୍ବାନନ୍ଦ ସୋନୋୱାଲ ଓ ଅଶ୍ୱିନୀ ବୈଷ୍ଣବଙ୍କୁ ମନ୍ତ୍ରୀ ପଦ ମିଳିଥିଲା । ଏବେ ପୁଣି ସେହି ଜୁଲାଇରେ ମୋଦି ତାଙ୍କ କ୍ୟାବିନେଟ ସଂପ୍ରସାରଣ କରିବାକୁ ଯାଉଥିବା କୁହାଯାଉଛି ।

ବେରୋଜଗାର ଭତ୍ତାର ତୃତୀୟ

କିସ୍ତି ପ୍ରଦାନ କରିବେ ବାଘେଲ

ରାୟପୁର: ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ବେରୋଜଗାର ଭତ୍ତାର ତୃତୀୟ କିସ୍ତି ଟ୍ରାନ୍ସଫର କରିବେ । ଜୁନ୍ ୩୦, ଶୁକ୍ରବାର ଦିନ ୧ ଲକ୍ଷ ୧୬ ହଜାର ୭୩୭ ଯୁବକଙ୍କ ଆକାଉଣ୍ଟକୁ ୩୧.୬୯ କୋଟି ଟ୍ରାନ୍ସଫର କରିବେ ବୋଲି ଜଣାଯାଇଛି । ଗତ ମାସରେ, ୧ ଲକ୍ଷ ୫ ହଜାର ୫୮୬ ହିତାଧିକାରୀଙ୍କୁ ବେକାରୀ ଭତ୍ତା ପ୍ରଦାନ କରାଯାଇଥିଲା ଏବଂ ଏହି ମାସରେ ୧୧ ହଜାର ୧୫୧ ହିତାଧିକାରୀଙ୍କ ବୃଦ୍ଧି ରେକର୍ଡ କରାଯାଇଛି । ଯୁବକମାନଙ୍କୁ ସହାୟତା କରିବା ପାଇଁ ତିନି ମାସରେରାଜ୍ୟ ସରକାର ମୋଟ ୮୦ କୋଟି ୬୪ ଲକ୍ଷ ୨୫ ହଜାର ଟଙ୍କା ଟ୍ରାନ୍ସଫର

କରିସାରିଲେଣି । ଆର୍ଥିକ ସହାୟତା ବ୍ୟତୀତ ସରକାର ବେକାରୀ ଭତ୍ତା ହିତାଧିକାରୀଙ୍କୁ ଦକ୍ଷତା ଭିତ୍ତିକ ତାଲିମ ମଧ୍ୟ ପ୍ରଦାନ କରୁଛନ୍ତି । ସମ୍ପ୍ରତି, ୩୩୧୮ ଯୁବକ ବିଭିନ୍ନ ଅନୁଷ୍ଠାନରେ ତାଲିମ ନେଉଛନ୍ତି ଏବଂ ଅତିରିକ୍ତ ୨୯୧୬ ଯୁବକ ଶୀଘ୍ର ତାଲିମ ଆରମ୍ଭ କରିବାକୁ ଯାଉଛନ୍ତି ।

ମୌସୁମୀ ପ୍ରଭାବରେ ବିଭିନ୍ନ ରାଜ୍ୟରେ ବର୍ଷା ବିପ୍ରାତ

ନୂଆଦିଲ୍ଲୀ : ମୌସୁମୀ ପ୍ରଭାବରେ ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି । ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ବିହାର, ମଧ୍ୟପ୍ରଦେଶ ସମେତ ବହୁ ସ୍ଥାନରେ ପ୍ରବଳ ବର୍ଷା ହେଉଛି । ହିମାଚଳ ପ୍ରଦେଶରେ ଏତେ ମାତ୍ରାରେ ବର୍ଷା ହୋଇଛି ଯେ ଯାତାୟତରେ ଅସୁବିଧା ଦେଖାଦେଇଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶରେ ଅତି ପ୍ରବଳ ବର୍ଷା ନେଇ ଆଶଙ୍କା କରାଯାଇଛି । ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତାଘାଟରେ ପାଣି ଜମି ରହିଛି । ଆସନ୍ତା ୪ ଜୁଲାଇ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି । ବିହାରର ୮ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ନେଇ ସତର୍କ କରାଯାଇଛି । ବର୍ଷା ଯୋଗୁଁ ରାସ୍ତାଘାଟରେରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି । ସେହିପରି ଦିଲ୍ଲୀରେ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା ରହିଛି । ଅନ୍ୟପଟେ ଗୋଆରେ ମଧ୍ୟମ ଧରଣରୁ ପ୍ରବଳ ବର୍ଷା ହେବାର ଆକଳନ କରାଯାଇଛି । ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ବିଦ୍ୟୁତ ସରବରାହରେ ବ୍ୟାଘାତ ଘଟିଛି । ଉତ୍ତର ପଶ୍ଚିମ ଭାରତର ଅଳ୍ପ କିଛି ସ୍ଥାନକୁ ଛାଡ଼ିଦେଲେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷାରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ମଣିପୁରରୁ ପଳାୟନ କରି ମିଜୋରାମ ପହଞ୍ଚିଲେ ୧୨ ହଜାରରୁ ଅଧିକ ଲୋକ

ଇମ୍ଫାଲ: ହିଂସା ପ୍ରଭାବିତ ମଣିପୁରର ୧୨ ହଜାରରୁ ଅଧିକ ଲୋକଙ୍କୁ ନିଜ ପାଖରେ ଶରଣ ଦେବା ପରେ ପଡୋଶୀ ରାଜ୍ୟ ମିଜୋରାମ ଏବେ ଚାପ ଅନୁଭବ କରୁଛି । ଏ ନେଇ ରାଜ୍ୟ ସରକାରଙ୍କ ଅଧିକାରୀ କେନ୍ଦ୍ର ନିକଟରେ ଆର୍ଥିକ ଦାବି କରୁଛନ୍ତି । ମିଜୋରାମ ଗୃହ ଆୟୁକ୍ତ ଗଣମାଧ୍ୟମ ସହ ଆଲୋଚନାରେ ଏ ବାବଦେ ଆମକୁ ଏପର୍ଯ୍ୟନ୍ତ କେନ୍ଦ୍ରରୁ ୧ ପଇସା ମଧ୍ୟ ସହାୟତା ମିଳିନଥିବା କହିଛନ୍ତି । ଆମେ ଚର୍ଚ୍ଚ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଘରୋଇ ଲୋକଙ୍କ ସହଯୋଗରେ ଏତେ ସଂଖ୍ୟକ ଲୋକଙ୍କୁ ଶରଣ ଦେଇଛୁ ବୋଲି ସେ କହିଛନ୍ତି । ଏଥିରେ ଯଦି ତୁରନ୍ତ କେନ୍ଦ୍ରରୁ ଆର୍ଥିକ ସହଯୋଗ ନ ମିଳିଲା ତେବେ ୨ ସପ୍ତାହ ପରେ ଆମ ପାଖରେ ମଧ୍ୟ ସଂସାଧନର ଅଭାବ ଦେଖା ଦେବ ବୋଲି ଗୃହ ବିଭାଗ କମିସନର କହିଛନ୍ତି । ସେ କହିଛନ୍ତି ଯେ ମଣିପୁରରୁ ପଳାୟନ କରିଥିବା ଲୋକଙ୍କ ପିଲାଙ୍କୁ ମିଜୋରାମର ବିଦ୍ୟାଳୟମାନଙ୍କରେ ଆଡମିସନ କରାଯାଇଛି । ଏହା ଛଡା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା ବେଳେ ରିଲିଫ କ୍ୟାମ୍ପମାନଙ୍କରେ ଭୋଜନ ମଧ୍ୟ ଉପଲବ୍ଧ କରାଯାଉଛି । ରାଜ୍ୟର ସୀମିତ ସମ୍ବଳରେ ଏତେ ସଂଖ୍ୟକ ଲୋକଙ୍କ ଭରଣପୋଷଣ ସମ୍ଭବ ନୁହେଁ ବୋଲି ସେ ସ୍ପଷ୍ଟ କହିଛନ୍ତି । ରିପୋର୍ଟ ଅନୁସାରେ ଗତ ମେ ମାସରେ ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥଙ୍ଗା ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଜାତିଗତ ହିଂସା ଯୋଗୁ ବିସ୍ଥାପିତ ଲୋକଙ୍କ ସହାୟତା ନିମନ୍ତେ ରାଜ୍ୟ ନିମନ୍ତେ ଅନୁନ୍ୟ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା କାମନା କରିଥିଲେ । ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀ ରବର୍ଟ ରୟଟଙ୍କ ନେତୃତ୍ୱରେ

ଏକ ପ୍ରତିନିଧି ମଣ୍ଡଳ ଆର୍ଥିକ ସହାୟତା ନିମନ୍ତେ କେନ୍ଦ୍ର ଉପରେ ଚାପ ସୃଷ୍ଟି ଲାଗି ଚଳିତମାସ ପ୍ରାରମ୍ଭରେ ଦିଲ୍ଲୀ ଗସ୍ତ କରିଥିଲେ । ଗତ ମେ ୩ ତାରିଖ ଦିନ ମଣିପୁରରେ ହିଂସା ଉପୁଜିବା ଯୋଗୁ ୩୭ ହଜାରରୁ ଅଧିକ ଲୋକେ ମଣିପୁରର ବିଭିନ୍ନ ରିଲିଫ କ୍ୟାମ୍ପରେ ଶରଣ ନେଇଛନ୍ତି । ଏହା ଛଡା ହଜାର ହଜାର ଲୋକ ପଡୋଶୀ ରାଜ୍ୟମାନଙ୍କୁ ପଳାୟନ କରିଛନ୍ତି । ମଣିପୁର ସହିତ ୯୫ କିଲୋମିଟର ଦୀର୍ଘ ସୀମା ଲାଗି ରହିଥିବା ମିଜୋରାମ ଏହି ଜାତିଗତ ହିଂସାକୁ ବେଶି ଅନୁଭବ କରୁଛି । ମଣିପୁରରେ ମେଇତେଇ ସମୁଦାୟ ସହିତ ସଂଘର୍ଷରେ ଲିପ୍ତ କୁକି-ଜୋମି

ବେଙ୍ଗାଲୁରୁରେ ହେବ ବିରୋଧୀଙ୍କ ବୈଠକ

ବେଙ୍ଗାଲୁରୁ: ବିଜେପି ବିରୋଧରେ ବିରୋଧୀଙ୍କ ପରବର୍ତ୍ତୀ ବୈଠକ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ । ବିହାରର ପାଟନାରେ ବିରୋଧୀ ଦିନିକିଆ ବୈଠକ କରିଥିଲେ । ହେଲେ ବେଙ୍ଗାଲୁରୁରେ ଦୁଇ ଦିନ ଧରି ବୈଠକ ଅନୁଷ୍ଠିତ ହେବ । ଆସନ୍ତା ୧୩ ଓ ୧୪ ତାରିଖରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ଏନସିପି ମୁଖ୍ୟ ଶରଦ ପାୱାର ଆଜି ସୂଚନା ଦେଇଛନ୍ତି । ଏଥିସହ ପାଟନା ବୈଠକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଦ ହଜି ଯାଇଥିବା ମଧ୍ୟ ଶ୍ରୀ ପାୱାର କହିଛନ୍ତି । ପାୱାର କହିଛନ୍ତି, "ପାଟନା ବୈଠକ ପରେ ବିରୋଧୀ ଦଳଗୁଡ଼ିକର ପରବର୍ତ୍ତୀ ଭେଟଘାଟ ବେଙ୍ଗାଲୁରୁରେ ହେବ । ୧୩ ଓ ୧୪ ଦୁଇ ଦିନ ଧରି ବୈଠକ ବସିବ ।

ବାଣିଜ୍ୟ

ନୂଆଦିଲ୍ଲୀ : ଗ୍ୟାସ୍ ସେକ୍ଟରରେ ୨୦ ହଜାର କୋଟି ଟଙ୍କାର ନିବେଶ କରିବ ଆଦାନୀ ଗ୍ରୁପ୍ । ଆଦାନୀ ଟୋଟଲ ଗ୍ୟାସ ଲିମିଟେଡ (ଏଟିଜିଏଲ) ଆଗାମୀ ୧୦ ବର୍ଷରେ ୧୮ ହଜାର କୋଟିରୁ ୨୦ ହଜାର କୋଟି ଟଙ୍କାର ନିବେଶ କରିବ । ରିପୋର୍ଟ ଅନୁଯାୟୀ, ଏହି ନିବେଶ ଦ୍ୱାରା ଗାଡ଼ିରେ ବ୍ୟବହୃତ ହେଉଥିବା ସିଏନଜିର ରିଟେଲ ବିକ୍ରି, ଘରୋଇ ଏବଂ ଶିଳ୍ପ ଉଦ୍ୟୋଗକୁ ପାଇପ୍ ଦ୍ୱାରା ଗ୍ୟାସ ପହଞ୍ଚାଇବା ଭିତ୍ତିଭୂମିକୁ ଆହୁରି ବିସ୍ତାର କରିବ କମ୍ପାନି । ତେବେ ଆଦାନୀ ଗ୍ରୁପ୍‌ର ଏହି ନିଷ୍ପତ୍ତି ଦ୍ୱାରା ମୁକେଶ ଅମ୍ବାନୀଙ୍କ ଆର୍‌ଜିଟିଆଇଏଲ୍ ବଡ଼ ଟକ୍କର ମିଳିବ ବୋଲି କୁହାଯାଉଛି । ବର୍ତ୍ତମାନ ଏଟିଜିଏଲ୍ ଦେଶର ୧୨୪ ଜିଲ୍ଲାରେ ଗାଡ଼ି ପାଇଁ ସିଏନଜିର ରିଟେଲ ବିକ୍ରି ବ୍ୟତୀତ ପାଇପ୍ ଯୋଗେ ଘରୋଇ ରୋଷେଇ ଗ୍ୟାସ୍ ଯୋଗାଉଛି । ଦେଶରେ ଏଟିଜିଏଲର ୪୬୦ ସିଏନଜି ଷ୍ଟେସନ ରହିଛି ଏବଂ ପାଇପ ଯୋଗେ ରୋଷେଇ ଗ୍ୟାସ ପାଉଥିବା ପ୍ରାୟ ୭ ଲକ୍ଷ ଗ୍ରାହକ ରହିଛନ୍ତି । ନୂଆ ବାର୍ଷିକ ରିପୋର୍ଟ ଅନୁଯାୟୀ କମ୍ପାନି ଭିତ୍ତିଭୂମି ନିର୍ମାଣ ଉପରେ ଆର୍ଥିକ ବର୍ଷ ୨୦୨୨-୨୩ରେ ୧,୧୫୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି ।

ଓଡିଏମ୍ ପବ୍ଲିକ୍ ସ୍କୁଲ୍ ସର୍ବୋତ୍ତମ ଶିକ୍ଷା ପ୍ରତିଷ୍ଠାନ ଭାବେ ସମ୍ମାନିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍) : ଦ ଇକୋନୋମିକ୍ ଟାଇମ୍ସ ଆନୁକୂଲ୍ୟରେ ନୂଆଦିଲ୍ଲୀସ୍ଥିତ 'ହ୍ୟାଟ୍‌ରିଜେନ୍ସି' ହୋଟେଲ ପରିସରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌କୁ ୨୦୨୩ ବର୍ଷ ପାଇଁ ସମଗ୍ର ଭାରତର ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଏକ ସର୍ବୋତ୍ତମ ବିଦ୍ୟାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି । ପ୍ରକାଶଯୋଗ୍ୟ ଯେ ଏହି ଭବ୍ୟ ସମାରୋହରେ ଭାରତବର୍ଷର ବହୁ ଖ୍ୟାତିସଂପନ୍ନ ଶିକ୍ଷାନୁଷ୍ଠାନ ଓ ପ୍ରତିଷ୍ଠାନ ଭାଗ ନେଇଥିଲେ । ସମାରୋହର ସମାପନ ଉତ୍ସବରେ ଦ ଇକୋନୋମିକ୍ ଟାଇମ୍ସର ଉଚ୍ଚପଦସ୍ଥ ଅଧିକାରୀ ତଥା ଅନ୍ୟ ବହୁ ଗଣମାନ୍ୟ ବ୍ୟକ୍ତିବିଶେଷଙ୍କ ଗହଣରେ ମୁଖ୍ୟ ଅତିଥି ନାଗାଲାଣ୍ଡର ଶିକ୍ଷା ଓ ପର୍ଯ୍ୟଟନ ମନ୍ତ୍ରୀ ମାନନୀୟ ଶ୍ରୀ ଟେମଜେନ୍ ଇମନା ଆଲଙ୍ଗଙ୍କ ଦ୍ୱାରା ଓଡିଏମ୍ ଶିକ୍ଷାସମୂହର ଚେୟାରମ୍ୟାନ୍ ଡ. ସତ୍ୟବ୍ରତ ମୀନକେତନଙ୍କୁ ଏହି ଗୌରବମୟ ସମ୍ମାନରେ ସମ୍ମାନିତ କରାଗଲା । ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପାଇଁ ଏହି ସୁଖଦ ଓ ସନ୍ତୋଷପୂର୍ଣ୍ଣ ମୁହୂର୍ତ୍ତରେ ଡ. ସତ୍ୟବ୍ରତ ମୀନକେତନ ବିଦ୍ୟାଳୟ ପ୍ରବନ୍ଧନ ସମିତିର ସମସ୍ତ ସଦସ୍ୟ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ର-ଛାତ୍ରୀ ତଥା ଅଭିଭାବକଗଣଙ୍କୁ ଅଭିନନ୍ଦନ ତଥା କୃତଜ୍ଞତା ଜ୍ଞାପନ କରିବା ସହିତ ଭବିଷ୍ୟତରେ ଓଡିଏମ୍ ଏମିତି ନିଜର ଉତ୍କୃଷ୍ଟତା ପ୍ରମାଣିତ କରିଚାଲିଥିବ ବୋଲି ଦୃଢ ଆଶା ବ୍ୟକ୍ତ କରିଅଛନ୍ତି ।

ବେଦାନ୍ତ ଆଲୁମିନିୟମ୍ ବିବିଧ କାର୍ଯ୍ୟକ୍ଷେତ୍ରକୁ ଅଧିକ ସଶକ୍ତ କରିବାକୁ ପ୍ରତିବଦ୍ଧ

ନୂଆଦିଲ୍ଲୀ : ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଏକ ବିବିଧ କାର୍ଯ୍ୟକ୍ଷେତ୍ରକୁ ପ୍ରତିପାଦିତ କରିବା ଲାଗି ଉତ୍ସର୍ଗୀକୃତତାକୁ ଏକ ଉତ୍ସବ ଭାବରେ ପାଳନ ପାଇଁ ଗୌରବ ମାସ ପାଳନ କରିଥିଲା । ନିକଟରେ ଦୁଇଜଣ ଟ୍ରାନସଜେଣ୍ଡର ବୃତିଧାରୀଙ୍କୁ ଓଡ଼ିଶାର ଲାଂଜିଗଡ଼ରେ ଏହାର କାର୍ଯ୍ୟକ୍ଷେତ୍ରକୁ ସ୍ୱାଗତ କରିଥିଲା । କମ୍ପାନିର ଲାଂଜିଗଡ଼, ବାଲକୋ ସଂସ୍ଥାରେ ମଧ୍ୟ ଏହାର କାର୍ଯ୍ୟକାରୀତା କରାଯାଇଥିଲା । ବେଦାନ୍ତ ଆଲୁମିନିୟମ ମିଶନରେ ଏହା ଏକ ମହତ୍ୱପୂର୍ଣ୍ଣ ସଫଳତା ଭାବରେ ପ୍ରମାଣିତ ହୋଇଛି ଯେଉଁଠାରେ ବିବିଧ କାର୍ଯ୍ୟକ୍ଷେତ୍ରକୁ ପ୍ରତପାଦିତ କରିବା, ଭାରତ ତଥା ବିଶ୍ୱର ଉତ୍ପାଦନ ଓ ଭାରୀ ଇଂଜିନିୟରିଂ ଫାର୍ମ ମଧ୍ୟରେ କମ୍ପାନିକୁ ସ୍ଥାନିତ କରି ଏଲଜିବିଟିକ୍ୟୁଏ+ କର୍ମଚାରୀଙ୍କୁ ବିଭିନ୍ନ ଭୂମିକାରେ ସୁରକ୍ଷା, ସାମଗ୍ରୀ ଗତିବିଧି ଓ ଆତିଥ୍ୟଭଳି କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରିଛି । ସର୍ବଭାରତୀୟ ସ୍ତରରେ ଉତ୍ପାଦନ ଓ ଭାରୀ ଇଂଜିନିୟରିଂ ଶିଳ୍ପରେ ଲିଙ୍ଗ ନିର୍ବିଶେଷରେ ଅନୁପାତ କମ ରହୁଥିବାରୁ ଏହି ତାରତମ୍ୟକୁ ଦୂର କରିବା ଜରୁରୀ ଅଟେ । ବହୁମୁଖୀ ଚିନ୍ତାଧାରା ଓ ରଣନୀତିକ ନିଷ୍ପତି ନେବାରେ ବିବିଧତାର ପରିବର୍ତନଶୀଳ ଶକ୍ତିକୁ ସ୍ୱୀକୃତି ଦେଇ ବେଦାନ୍ତ ଆଲୁମିନିୟମ ଉତ୍ପାଦନ ଶିଳ୍ପ ଲାଗି ଏକ ମିଶନ ଆରମ୍ଭ କରିଛି ଓ ଲିଙ୍ଗ ନିର୍ବିଶେଷରେ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରୁଛି । ଆର୍ଥିକ ବର୍ଷ ୨୩ ପରଠାରୁ କମ୍ପାନିଗୁଡ଼ିକ କର୍ମକ୍ଷେତ୍ରରେ ଏଲଜିବିଟିକ୍ୟୁଆଇଏ+ ଗୋଷ୍ଠୀର ସଦସ୍ୟମାନଙ୍କୁ ସକ୍ରିୟ ଭାବେ କାର୍ଯ୍ୟସୁଯୋଗ ଦେବା ପାଇଁ ଆଗଭର ହେଉଛନ୍ତି । ଏହାର ବିବିଧ କାର୍ଯ୍ୟ ସଂସ୍କୃତିକୁ ମଜବୁତ କରିବା ଲାଗି କମ୍ପାନିର ପ୍ରୟାସ ଉପରେ ବେଦାନ୍ତ ଲିମିଟେଡ- ସିଇଓ ଆଲୁମିନିୟମ ବିଜିନେସ ଶ୍ରୀ ରାହୁଲ ଶର୍ମା କହିଛନ୍ତିଯେ- ଆମର ବିଶ୍ୱ ବଜାର ଓ

ଗ୍ରାହକଙ୍କ ବିବିଧ ତଥା ଜଟିଳ ଦୃଶ୍ୟକୁ ନେଭିଗେଟ କରିବା ବେଳେ ଏହାର ବିବିଧତାକୁ ଗ୍ରହଣ କରିବାର ଅମୂଲ୍ୟ ଅବଦାନକୁ ଆମେ ଜାଣିପାରିଛୁ । ଆମେ ଭବିଷ୍ୟତ ପାଇଁ ଏହି ଉଦ୍ୟମ ଜାରୀ ରଖିବୁ ଯେଉଁଠାରେ ବିବିଧତା ନୂତନତା ଓ ସଫଳତାର ଏକ ଅନୁକ୍ରମଣିକା ଭାବେ ପାଳିତ ହେବ । ତାଙ୍କ ଅଭିଜ୍ଞତାକୁ ବାଂଟି ଲାଞ୍ଜିଗ

ନୂଆଦିଲ୍ଲୀ: ଜୁଲାଇ ୧୨ ତାରିଖରୁ ଅନୁଷ୍ଠିତ ହେବାକୁ ଯାଉଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଅଜିଙ୍କ୍ୟ ରାହାଣେଙ୍କୁ ଭାରତୀୟ ଟେଷ୍ଟ ଦଳର ଉପ-ଅଧିନାୟକ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଅଧିନାୟକ ତଥା ବିସିସିଆଇର ସଭାପତି ସୌରଭ ଗାଙ୍ଗୁଲି। ସଂପ୍ରତି ଇଂଲଣ୍ଡ ଗସ୍ତରେ ଥିବ । ଗାଙ୍ଗୁଲି କହିଛନ୍ତି ଯେ ରାହାଣେ ଫର୍ମ ହରାଇବା ଯୋଗୁଁ ଗତ ୧୮ ମାସ ଧରି ସେ ଭାରତୀୟ ଦଳ ଠାରୁ ଦୂରେଇ ରହିଥିଲେ। ମାତ୍ର ଘରୋଇ କ୍ରିକେଟ ଓ ଆଇପିଏଲରେ ଭଲ ପ୍ରଦର୍ଶନ କରିବା ଯୋଗୁଁ ତାଙ୍କୁ ନିକଟରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ଖେଳିବା ସୁଯୋଗ ମିଳିଥିଲା। ଅବଶ୍ୟ ଏହି ମ୍ୟାଚରେ ଭାରତୀୟ ଦଳର ଅନ୍ୟ ସମସ୍ତ ବ୍ୟାଟର ସମ୍ପୂର୍ଣ୍ଣ ଫେଲ ମାରି ଥିବା ବେଳେ ରାହାଣେ ଏକମାତ୍ର ବ୍ୟାଟର ଭାବେ ୮୯ ଓ ୪୬ ରନ କରିଥିଲେ। ତେଣୁ ତାଙ୍କର ଅଭିଜ୍ଞତା ଦୃଷ୍ଟିରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ କରିବା ଉପଯୁକ୍ତ ନିଷ୍ପତ୍ତି। ମାତ୍ର ୧୮ ମାସ ବ୍ୟବଧାନରେ ଦଳକୁ ଫେରି ଗୋଟିଏ ମ୍ୟାଚ ଖେଳିବା ପରେ ଉପ ଅଧିନାୟକ ନିଯୁକ୍ତି କରିବା ଅନେକଙ୍କୁ ବିସ୍ମିତ କରିଛି। କାରଣ ଶୁବମନ ଗିଲ୍, ରବିନ୍ଦ୍ର ଜାଡେଜା ଓ ଚେତେଶ୍ୱର ପୂଜାରା ପରି ଖେଳାଳି ଉପ ଅଧିନାୟକ ହୋଇ ପାରିଥାନ୍ତେ। ସେହିପରି ପୂଜାରାଙ୍କୁ ଦଳରୁ ବାଦ କରିବା ଅତି ଦୁଃଖର ବିଷୟ। ଚୟନକର୍ତ୍ତା ମାନେ କେଉଁ ମାନଦଣ୍ଡକୁ ଆଧାର କରି ଏପରି ନିଷ୍ପତ୍ତି ନେଉଛନ୍ତି ତାହା ବୁଝା ପଡୁନି।

ବିଦେଶୀ ଟି-୨୦ ଲିଗରେ ଅବସରପ୍ରାପ୍ତ ଭାରତୀୟ ଖେଳାଳିଙ୍କ ସାମିଲ

ସମୀକ୍ଷା କରି ନିଷ୍ପତ୍ତି ନେବ ବିସିସିଆଇ

ନୂଆଦିଲ୍ଲୀ: ବିସିସିଆଇ ପକ୍ଷରୁ ଆୟୋଜିତ ହୋଇ ଆସୁଥିବା ଇଣ୍ଡିଆନ ପ୍ରିମିୟର ଟି-୨୦ ଲିଗରେ ବାହାର ଦେଶ ଖେଳାଳି ଭାଗ ନେଉଛନ୍ତି। ମାତ୍ର ଭାରତୀୟ କ୍ରିକେଟରଙ୍କୁ କୌଣସି ବିଦେଶୀ ଟି-୨୦ ଲିଗ କ୍ରିକେଟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ବିସିସିଆଇ ଅନୁମତି ଦେଉନାହିଁ। ତେବେ ଦିନକୁ ଦିନ ବାହାର ଦେଶରେ ଟି-୨୦ ଲିଗର ଚାହିଦା ବଢ଼ି ଚାଲିଛି। ଭାରତ ପରେ ପାକିସ୍ତାନ,ଶ୍ରୀଲଙ୍କା ,ବାଂଲାଦେଶ ସହିତ ଇଂଲଣ୍ଡ,ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜରେ ଏହି ଲିଗ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷୟ ୟୁନାଇଟେଡ ଆରବ ଏମିରେଟ୍ସ ଓ ଦକ୍ଷିଣ ଆଫ୍ରିକାରେ ମଧ୍ୟ ଟି-୨୦ ଲିଗ ପ୍ରତିଯୋଗିତା ଆରମ୍ଭ ହୋଇଛି। ସେହିପରି ଚଳିତ ବର୍ଷ ଆମେରିକାରେ ମଧ୍ୟ ମେଜର ଟି-୨୦ ଲିଗ। ଏଥିରେ ସମସ୍ତ ଦେଶର ଅଗଣିତ ପ୍ରମୁଖ କ୍ରିକେଟର ଅଂଶ ଗ୍ରହଣ ପାଇଁ ଅନୁବନ୍ଧିତ ହୋଇଛନ୍ତି। ଏହା ବ୍ୟତିତ ସାଉଦି ଆରବରେ ମଧ୍ୟ ଏବ ବଡ ଟି-୨୦ ଲିଗ ଆୟୋଜନ କରିବା ନେଇ ପ୍ରସ୍ତୁତି ଚାଲିଛି। ତେବେ ଭାରତୀୟ କ୍ରିକେଟରଙ୍କ ପ୍ରତି ବାହାର ଦେଶ ଲିଗରେ ଯଥେଷ୍ଟ ଚାହିଦା ରହିଥିଲେ ହେଁ ବିସିସିଆଇର କଡା କଟକଣା କଠୋର ଆଭିମୁଖ୍ୟ ଯୋଗୁଁ ସେମାନେ ଭାଗ ନେଇ ପାରୁ ନାହାନ୍ତି। ମାତ୍ର ଭାରତର କେତେକ ଅବସର ପ୍ରାପ୍ତ ଖେଳାଳିଙ୍କୁ ବାହାର ଦେଶ ଲିଗରେ ଭାଗ ନେବା ପାଇଁ ଅଫର ଆସିଛି। ତେଣୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଏହା ଉପରେ ସମୀକ୍ଷା କରିବ ବୋଲି ଜଣା ପଡିଛି। ଚଳିତ ବର୍ଷ ଆଇପିଏଲ ଫାଇନାଲରେ ଏକ ଦମଦାର ଇନିଂସ ଖେଳି ଚେନ୍ନାଇ ସୁପର କିଙ୍ଗସକୁ ପଞ୍ଚମ ଥର ପାଇଁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅମ୍ବାଟି ରାଇଡୁ ଆଇପିଏଲରୁ ଅବସର ଘୋଷଣା କରିଛନ୍ତି। ତେବେ ଆମେରିକାରେ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ମେଜର ଟି-୨୦ ଲିଗରେ ଖେଳିବା ସୁଯୋଗ ପାଇଛନ୍ତି। ଆଇପିଏଲ ଫ୍ରାଞ୍ଚାଇଜ ଚେନ୍ନାଇ ସୁପର କିଙ୍ଗସର ମାଲିକ ଆମେରିକା ମେଜର ଲିଗର ଅନ୍ୟତମ ଫ୍ରାଞ୍ଚାଇଜ ଟେକ୍ସାସ ସୁପର କିଙ୍ଗସ ଦଳ କିଣିଛି। ତେଣୁ ଅମ୍ବାଟି ରାଇଡୁଙ୍କୁ ଏଥିରେ ଖେଳିବା ସୁଯୋଗ ଦେଇଛି। ତେବେ ବିସିସିଆଇ ଏହି ନୀତି ଉପରେ ସମୀକ୍ଷା କରିବା ପାଇଁ ବାଧ୍ୟ ହେବ। କାରଣ କେବଳ ଆଇପିଏଲ.ଘରୋଇ ଓ ଅନ୍ତର୍ଜାତୀୟ ମ୍ୟାଚ ସହିତ ଜଡିତ ଥିବା ସକ୍ରିୟ ଖେଳାଳିଙ୍କ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ବାହାର ଦେଶ ଲିଗରେ ଖେଳିବା ସୁଯୋଗ ମିଳୁନି। ମାତ୍ର ଅବସର ନେଇଥିବା ଖେଳାଳିଙ୍କୁ ରିଲିଜ କରିବା ପାଇଁ ସମୟ ଆସିଛି।

ଅମ୍ବାଟି ରାଇଡୁଙ୍କୁ ନେଇ ଚର୍ଚ୍ଚା

ଏସିଆନ ଗେମ୍ସରେ ଭାରତୀୟ କ୍ରିକେଟ ଦଳର ଅଂଶ ଗ୍ରହଣ ପ୍ରସଙ୍ଗ

ଆପେକ୍ସ କାଉନ୍‌ସିଲ ବୈଠକରେ ଚୂଡାନ୍ତି

ନୂଆଦିଲ୍ଲୀ: ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଚୀନର ହାଙ୍ଗଝୋୟୁ ଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ ଦଳର ଅଂଶ ଗ୍ରହଣ ନେଇ କୌଣସି ନିଷ୍ପତ୍ତି ହୋଇ ପାରିନାହିଁ। ତେବେ ଆସନ୍ତା ଜୁଲାଇ ୭ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ବିସିସିଆଇ ଆପେକ୍ସ କାଉନସିଲ ବୈଠକରେ ଏହି ପ୍ରସଙ୍ଗ ନେଇ ସବିଶେଷ ଆଲୋଚନା ହେବ। ଏହା ସହିତ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ବିସିସିଆଇ ସୂତ୍ରରୁ ସୂଚନା ମିଳିଛି। ତେବେ ଭାରତୀୟ ପୁରୁଷ ଦଳ ଯଦି ଅଂଶ ଗ୍ରହଣ କରିବେ ତେବେ ଦ୍ୱିତୀୟ ଗ୍ରେଡ ଦଳ ପଠାଇବାକୁ ବିଚାରବିମର୍ଷ ଚାଲିଛି। କାରଣ ସେହି ସମୟରେ ଭାରତୀୟ ଦଳ ଦିନିକିଆ ବିଶ୍ୱକପରେ ବ୍ୟସ୍ତ ରହିବ। ସେପ୍ଟେମ୍ବର ୨୩ରୁ ଆକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ଚୀନରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ସେହିପରି ଅକ୍ଟୋବର ୫ ତାରିଖରୁ ଭାରତରେ ଆରମ୍ଭ ହେବ ୫୦ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟ ବିଶ୍ୱକପ। ଭାରତ ଅକ୍ଟୋବର ୫ ତାରିଖ ଦିନ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ବିଶ୍ୱକପର ପ୍ରଥମ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ତେଣୁ ଏସିଆନ ଗେମ୍ସ ପାଇଁ ବିସିସିଆଇ ଏକ ଦ୍ୱିତୀୟ ଗ୍ରେଡ ଦଳ ଗଠନ କରିବା ପାଇଁ ବାଧ୍ୟହେବ। ତେବେ ଏସିଆନ ଗେମ୍ସ ସମୟରେ ଭାରତୀୟ ମହିଳା ଦଳର କୌଣସି କାର୍ଯ୍ୟକ୍ରମ ନ ଥିବାରୁ ଭଲ ଖେଳାଳିଙ୍କୁ ନେଇ ଦଳ ଗଠନ କରାଯିବ ବୋଲି ବିସିସିଆଇ କହିଛି। ସୂଚନା ଯୋଗ୍ୟ ଯେ ୨୦୧୦ , ୨୦୧୪ ଏସିଆନ ଗେମ୍ସରେ କ୍ରିକେଟ ଇଭେଣ୍ଟ ସାମିଲ ହୋଇ ନ ଥିଲା। ସେହିପରି ୨୦୧୮ ଏସିଆନ ଗେମ୍ସରେ ମଧ୍ୟ କ୍ରିକେଟ ସ୍ଥାନ ପାଇ ନ ଥିବା ବେଳେ ଚଳିତ ବର୍ଷର ହାଙ୍ଗଝୋୟୁ ଏସିଆନ ଗେମ୍ସକୁ ପୁଣି ଫେରିଛି କ୍ରିକେଟ ଇଭେଣ୍ଟ। ଅବଶ୍ୟ ୨୦୨୮ ଲସଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ ଇଭେଣ୍ଟ ସାମିଲ କରିବା ପାଇଁ ବିସିସିଆଇ ବଡ ଉଦ୍ୟମ ଜାରି ରଖିଥିବା ବେଳେ ଏସିଆନ ଗେମ୍ସରେ କ୍ରିକେଟ ଇଭେଣ୍ଟ ସ୍ଥାନ ପାଇବା ନେଇ ବିସିସିଆଇର କୌଣସି ଆପତି ନାହିଁ। ମାତ୍ର ଦିନିକିଆ ବିଶ୍ୱକପ ସମୟରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବା ପାଇଁ ଥିବାରୁ ଭାରତୀୟ ଦଳର ଅଂଶ ଗ୍ରହଣ ନେଇ ଆପେକ୍ସ କାଉନସିଲ ବୈଠକରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ସେହିପରି ଆପେକ୍ସ କାଉନସିଲ ବୈଠକରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲେଚନା ହେବ।

ଦିନିକିଆ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ସୁପରସିକ୍ସ ମ୍ୟାଚ୍, ଓମାନ୍‌କୁ ହରାଇଲା ଜିମ୍ବାୱେ

ବୁଲାୱେ (ଜିମ୍ବାୱେ) : ଗୁରୁବାର ଏଠାରେ ଅନୁଷ୍ଠିତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାର ପ୍ରଥମ ସୁପରସିକ୍ସ ମ୍ୟାଚ୍‌ରେ ଓମାନକୁ ୧୪ରନ୍‌ରେ ପରାସ୍ତ କରି ଜିମ୍ବାୱେ ବିଶ୍ୱକପ୍ ଖେଳିବା ଆଶା ଉଜ୍ଜୀବିତ କରିଛି। ପ୍ରଥମେ ବ୍ୟାଟିଂ କରି ସିଆନ ୱିଲିୟମ୍ସଙ୍କ ୧୪୨ରନ୍ ବଳରେ ଜିମ୍ବାୱେ ୭ୱିକେଟ ହରାଇ ୩୩୨ରନ୍ କରିଥିବା ବେଳେ ଓମାନ ପକ୍ଷରୁ ଫାୟାଜ ବଟ ସର୍ବାଧିକ ୪ୱିକେଟ ଦଖଲ କରିଥିଲେ। ପଛରେ ବ୍ୟାଟିଂ କରି ଓମାନ ଓପନର କାଶ୍ୟପ ପ୍ରଜାପତିଙ୍କ ୧୦୩ରନ୍ ବଳରେ ୫୦ଓଭରରେ ୯ୱିକେଟ ହରାଇ ୩୧୮ ରନ୍ କରି ପରାଜିତ ହୋଇଛି।

ଆଶେସ ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ, ସ୍ମିଥଙ୍କ ଶତକ, ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୪୧୬

ଲଣ୍ଡନ: ସ୍ଥାନୀୟ ଲର୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଚଳିତ ଆଶେସ ଟେଷ୍ଟ କ୍ରିକେଟ ସିରିଜର ଦ୍ୱିତୀୟ ମ୍ୟାଚ ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୪୧୬ ରନ କରି ଅଲଆଉଟ ହୋଇ ଯାଇଛି। ଗତକାଲି ପ୍ରଥମ ଦିନ ଖେଳରେ ଅଷ୍ଟ୍ରେଲିଆ ୫ ୱିକେଟ ହରାଇ କରିଥିଲା ୩୩୯ ରନ। ଆଜି ଦ୍ୱିତୀୟ ଦିନ ଖେଳରେ ଦଳର ପୁରୁଖା ବ୍ୟାଟର ଷ୍ଟିଭେନ ସ୍ମିଥ୍ ଶତକ ଅର୍ଜନ କରିବା ସହିତ ଅଷ୍ଟ୍ରେଲିଆ ଏକ ବଡ ସ୍କୋର କରିବାରେ ସଫଳ ହୋଇଛି। ପୂର୍ବରୁ ଓପନର ଡେଭିଡ ୱାର୍ନର ୬୬, ମାର୍ନସ ଲାବୁସେନେ ୪୭ ଓ ଟ୍ରେଭିସ ହେଡ ୭୭ ରନ ଯୋଗ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସକୁ ଅଧିକ ଦୃଢ଼ କରି ପାରିଛନ୍ତି। ଷ୍ଟିଭେନ ସ୍ମିଥ୍ ୧୫ ଚୌକା ସହାୟତାରେ ୧୮୪ ବଲରୁ ୧୧୦ ରନ କରି ଛନ୍ତି। ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ଯୁବ ତାରକା ଜୋଶ୍ ଟୋଙ୍ଗୁ ଓ ଓଲି ରବିନସନ ପ୍ରତ୍ୟେକ ୩ ଲେଖାଏଁ ୱିକେଟ ଅକ୍ତିଆର କରିଥିବା ବେଳେ ଜୋ ରୁଟ ୨ ଏବଂ ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ ପ୍ରତ୍ୟେକ ୧ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ଦ୍ୱିତୀୟ ଦିଖେଳ ସମାପ୍ତ ସୁଦ୍ଧା ୪ ୱିକେଟ ହରାଇ ୨୭୮ ରନ କରିଛି। ସୂଚନା ଯୋଗ୍ୟ ଯେ ଏଜବାଷ୍ଟନରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡକୁ ପରାସ୍ତ କରି ଅଷ୍ଟ୍ରେଲିଆ ୧-୦ରେ ସିରିଜ ଅଗ୍ରଣୀ ହୋଇଛି।

ଓସିଏ ପକ୍ଷରୁ ପେସ୍ ବୋଲର ଅନ୍ୱେଷଣ ଶିବିର

କଟକ(ଭାସ୍କର ନ୍ୟୁଜ): ଓଡିଶା କ୍ରିକେଟ ଆସୋସିଏସନ (ଓସିଏ)ପକ୍ଷରୁ ଜୁଲାଇ ୫ରୁ ୭ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏଠାରେ ଅନୁଷ୍ଠିତ ହେବ ପ୍ରତିଭା ପେସ୍ ବୋଲର ଚୟନ ଶିବିର। ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଯୁବ ପେସ ବୋଲର ମାନେ ଓସିଏ ପକ୍ଷରୁ ଯୋଗାଇ ଦିଆ ଯାଇଥିବା ଗୁଗଲ ଫର୍ମ ଲିଙ୍କ ଦ୍ୱାରା ଅନଲାଇନ ଜରିଆରେ ଆବେଦନ କରି ପାରିବେ। ଏଥିରେ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ ସବିଶେଷ ବିବରଣୀ ଉଲ୍ଲେଖ କରା ଯାଇଛି। ଏଥିରେ ଭାଗ ନେବାକୁ ଥିବା କ୍ରିକେଟରଙ୍କ ବୟସ ୧୬ରୁ ୨୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଏହା ସହିତ ସେମାନେ ପୂର୍ବରୁ କୌଣସି ଓଡିଶା ରାଜ୍ୟ କ୍ରିକେଟ ଟିମ ପକ୍ଷରୁ ୧୮,୧୯,୨୩ ,୨୫ ଏଜ ଗ୍ରୁପ ଓ ସିନିୟର ଦଳରେ ପ୍ରତିନିଧିତ୍ୱ କରି ନ ଥିବେ। ଏହି ଶିବିରରେ ସର୍ବାଧିକ ୩୦୦ ଖେଳାଳିଙ୍କୁ ପଞ୍ଜିକୃତ କରିବା ଯୋଜନା ରହିଛି। ତେବେ 'ଫାଷ୍ଟ କମ, ଫାଷ୍ଟ ସର୍ଭଡ' ଭିତିରେ ଖେଳାଳିଙ୍କ ନାମ ଏହି ଶିବିର ପାଇଁ ତାଲିକା ଭୁକ୍ତ କରାଯିବ। ଏହି ଶିବିରକୁ ବରିଷ୍ଠ ,ଜୁନିୟର ଚୟନକର୍ତ୍ତା ଓ ନୂତନ ଭାବେ ନିଯୁକ୍ତ ଓଡିଶା ସିନିୟର ପୁରୁଷ ଦଳ ମୁଖ୍ୟ କୋଚ ଦିନେଶ ମୋଙ୍କିଆ(ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର) ପରିଚାଳିତ କରିବେ। ଏହି ଶିବିରରୁ ମନୋନୀତ ଖେଳାଳିଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବର ଆୟୋଜନ କରାଯିବ। ଏହାକୁ ପରିଚାଳିତ କରିବେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି।

ଟର୍ମସ, କଣ୍ଡିସନସ ଓ ଅନ୍ୟାନ୍ୟ ସବିଶେଷ ବିବରଣୀ

- ଓସିଏ ପକ୍ଷରୁ ଯୋଗାଇ ଦିଆ ଯାଇଥିବା ଲିଙ୍କ ଜରିଆରେ ଗୁଗଲି ଫର୍ମରେ ପୂରଣ କରି ଖେଳାଳି ନିଜକୁ ପଞ୍ଜିକୃତ କରି ପାରିବେ।
- ଅନଲାଇନ ଯୋଗେ ଜୁଲାଇ ୩ ତାରିଖ ଅପରାହ୍ନ ୧:୦୦ ସୁଦ୍ଧା ଆବେଦନ ଫର୍ମ ଦାଖଲ କରି ପାରିବେ।
- ଖେଳାଳିଙ୍କ ପଞ୍ଜିକରଣ ସଂଖ୍ୟାକୁ ଦେଖି ଜୁଲାଇ ୫,୬ ଓ ୭ ତାରିଖ ଦିନ ଏହି ଶିବିର ଅନୁଷ୍ଠିତ ହେବ।
- ଶିବିର ଯୋଗଦେବା ପାଇଁ ଆସିବା ବେଳେ ସଙ୍ଗରେ ନିଜର କ୍ରିକେଟ ଯୋତା ଓ ହ୍ୱାଇଟସ(ଅପର ଓ ଲୋୟର) ଆଣିବା ଉଚିତ
- ନିଜର ପରିଚୟ ପ୍ରମାଣ ପତ୍ର, ଜନ୍ମ ସାର୍ଟିଫିକେଟ ଓ ରେସିଡେନ୍ସ ସାର୍ଟିଫିକେଟ ଆଣିବାକୁ ପଡିବ।
- ଖେଳାଳି ମାନେ ୧୬ରୁ ବର୍ଷରୁ କମ କିମ୍ବା ୨୫ ବର୍ଷରୁ ବୟସରୁ ଅଧିକ ହୋଇ ନ ଥିବେ।
- ସୁନ୍ଦର ପେସ ଓ କ୍ଲିନ ବୋଲିଂ ଆକ୍ସନ ଥିବା ଖେଳାଳିଙ୍କୁ ପ୍ରତିଭା ଚୟନ ଶିବିରରେ ଅଂଶ ବିଶେଷ ହେବା ପାଇଁ ଅନୁମତି ମିଳିବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି।

ରାଜ୍ୟ ଆଥ୍‌ଲେଟିକ ମିଟ୍ : ବିଷ୍ଣୁପ୍ରିୟାଙ୍କୁ ରୌପ୍ୟ ପଦକ

କଣିହାଁ (ଭାସ୍କର ନ୍ୟୁଜ) : ଭୁବନେଶ୍ୱରର କିଟ୍ ଓ କିସ୍ ପରିସରସ୍ଥିତ ଦୂତୀ ଚାନ୍ଦ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ୬୯ତମ ଓଡ଼ିଶା ରାଜ୍ୟ ଆଥେଲେଟିକ୍ ମିଟ୍‌ରେ ସଫଳ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛନ୍ତି ବିଷ୍ଣୁପ୍ରିୟା। ଏଥିରେ ୨୦ବର୍ଷରୁ କମ୍ ବର୍ଗରେ କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସି ପ୍ରକଳ୍ପ କର୍ମଚାରୀ ପିକେ ସେଠୀଙ୍କ ଝିଅ ବିଷ୍ଣୁପ୍ରିୟା ସେଠୀ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେ ୧୦୦ ଓ ୨୦୦ମିଟର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତାକୁ ନେଇ କଣିହାଁ ଅଞ୍ଚଳ ସହିତ ଏନ୍‌ଟିପିସି ପ୍ରକଳ୍ପର ବହୁ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାରୁ ଜଣାଯାଏ, ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ପଦକ ପାଇଥିବା ବିଷ୍ଣୁ ପ୍ରିୟା କଣିହାଁ ଅଞ୍ଚଳରେ ଜନ୍ମ ହୋଇ ଦଶମ ପର୍ଯ୍ୟନ୍ତ ପ୍ରକଳ୍ପ ଅଧିନ ବିଦ୍ୟାଳୟରେ ପାଠ ପଢିଥିଲେ। ମ୍ୟାଟ୍ରିକ୍ ପାସ୍ ପରେ କିଟ୍ ୟୁନିଭରସିଟ୍‌ରେ ପାଠ ପଢ଼ା ଜାରି ରଖିଛନ୍ତି। ତାଙ୍କ ପ୍ରକୃତ ଗ୍ରାମ କେନ୍ଦ୍ରାପଡ଼ା ଜିଲ୍ଲା ପାଖଡ ଗ୍ରାମ ହୋଇଥିବା ବେଳେ କଣିହାଁ ମାଟି ସୁଯୋଗ୍ୟ କରିବାର ଅବଦାନ ଭୁଲିହେବ ନାହିଁ ବୋଲି ପରିବାରବର୍ଗ କହିଛନ୍ତି। ବାପାଙ୍କ ସହଯୋଗରେ ବିଷ୍ଣୁପ୍ରିୟାଙ୍କୁ ଯୋଗାଯୋଗ କରିବାରେ କହିଥିଲେ ପାଠ ସହିତ ଆଥ୍‌ଲେଟିକ୍‌କୁ ଗୁରୁତ୍ୱ ଦେଉଛି। ଆଗକୁ ନୂତନ ଦୌଡ଼ ରାଣୀ ହୋଇ ରାଜ୍ୟ ଓ ଦେଶ ପାଇଁ ନୂଆ ରେକର୍ଡ କରିବାର ଅଭିଳାଷ ରହିଛି।

ଦୁଲିପ ଟ୍ରଫି: ନିଶାନ୍ତ ସିନ୍ଧୁ ଓ ହର୍ଷିତ ରାଣାଙ୍କ ଶତକ

ବେଙ୍ଗାଲୁରୁ: ସ୍ଥାନୀୟ ଚିନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ଘରୋଇ ଦୁଲିପ ଟ୍ରଫି କ୍ରିକେଟ କ୍ୱାର୍ଟରଫାଇନାଲ ମ୍ୟାଚରେ ନିଶାନ୍ତ ସିନ୍ଧୁ ଓ ହର୍ଷିତ ରାଣାଙ୍କ ଶତକ ବଳରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୫୦୪ ରନ କରିବା ପରେ ପାଳି ସମାପ୍ତି ଘୋଷଣା କରିଛି। ସେହିପରି ଅନ୍ୟ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ପୂର୍ବାଞ୍ଚଳକୁ ୧୨୨ରନ୍‌ରେ ଧରାଶାୟୀ କରିଛି କେନ୍ଦ୍ରାଞ୍ଚଳ। ଗତକାଲି ପ୍ରଥମ ଦିନ ଖେଳରେ କେନ୍ଦ୍ରାଞ୍ଚଳ ପ୍ରଥମ ପାଳିରେ ୧୮୨ରନ୍ କରି ଅଲ୍‌ଆଉଟ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଦମ୍‌ଦାର ବୋଲିଂ କରି ପୂର୍ବାଞ୍ଚଳକୁ ୧୨୨ରେ ସୀମିତ କରି ୧୨୪ରନ୍‌ର ଅଗ୍ରଣୀ ହୋଇଛି।

ଓସିଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍

ଯାଜପୁର, ମାଲକାନାଗିରି, କଟ୍, ଗଞ୍ଜାମ, ରାଉରକେଲା ଓ ଜଗତ୍‌ସିଂହପୁର ବିଜୟୀ

୪ୱିକେଟ ନେଇଥିବା ଭାଗ୍ୟଶ୍ରୀ ନାଲାରାପୁ

ଅଲରାଉଣ୍ଡ ପ୍ରଦର୍ଶନକାରୀ ଡି ଜାନକୀ ରେଡ୍ଡୀ

ଯାଜପୁରର ସଫଳ ବୋଲର କଳାଂସି ଦୂତିଆ

ସସ୍ମିତା ସେନାପତି

ନମ୍ରତା ରଘୁବଂଶୀ

ଲକ୍ଷ୍ମୀପ୍ରିୟା ନାୟକ

ବିବିଧବର୍ଣ୍ଣା

ବହୁ ଲୋକ ଅଛନ୍ତି ଯେଉଁମାନେ ଜହ୍ନିକୁ ପସନ୍ଦ କରନ୍ତି ନାହିଁ । ଜହ୍ନି ଏକ କମ୍ କ୍ୟାଲୋରୀଯୁକ୍ତ ପନିପରିବା, ଯାହା ଫାଇବର, ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଅଟେ । ଏହା ବ୍ୟତୀତ ଏଥିରେ ଆଇରନ, ମ୍ୟାଗ୍ନେସିୟମ୍ ଏବଂ ପୋଟାସିୟମ ମଧ୍ୟ ମିଳିଥାଏ । ଏହା ଶରୀର ଉପରେ ଥଣ୍ଡା ପ୍ରଭାବ ପକାଇଥାଏ ବୋଲି କୁହାଯାଏ । ତେବେ ଆସନ୍ତୁ ଜାଣିବା ଜହ୍ନି ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ । ଜହ୍ନିରେ ଭିଟାମିନ୍ ଏ ଏବଂ ସି ଭରପୂର ପରିମାଣରେ ରହିଛି । ଯାହା ସୁସ୍ଥ ଚର୍ମ ଏବଂ କେଶ ପାଇଁ ଜରୁରୀ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ଥାଏ, ଯାହା ମୁକ୍ତ କଣିକା କ୍ଷତିକୁ ରୋକିବାରେ ସାହାଯ୍ୟ କରିଥାଏ । ମୁକ୍ତ ରେଡିକାଲଗୁଡିକ ଅକାଳ ବୃଦ୍ଧାବସ୍ଥା ସୃଷ୍ଟି କରେ ଏବଂ ଅନ୍ୟ କେଶ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । ଜହ୍ନିରେ ରହିଛି ଫାଇବର । ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଜହ୍ନି ଖାଇବା ଦ୍ୱାରା କୋଲେଷ୍ଟ୍ରୋଲ ନିୟନ୍ତ୍ରଣ ହୋଇଥାଏ । ଏଥିରେ ପୋଟାସିୟମ୍ ମଧ୍ୟ ଭରପୂର ଅଟେ, ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ହୃଦରୋଗର ଆଶଙ୍କାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

ଡେଉଁଛି ବୁଢ଼ିଆଣୀ

ଆପଣ ସମସ୍ତେ ଜାଣିଛନ୍ତି ବେଙ୍ଗ ଡିଏଁ । କିନ୍ତୁ କେବେ ଶୁଣିଛନ୍ତି କି ଦେଖିଛନ୍ତି ବୁଢ଼ିଆଣୀ ଡେଇଁବା କଥା । ହଁ ଆଜ୍ଞା ଡେଉଁଥିବା ବୁଢ଼ିଆଣୀକୁ ଠାବ କରାଯାଇଛି । ଯେ କି ମୁମ୍ବାଇ ସହରରୁ ଏକ ଜୀବକୁ ଧରାଯାଇଛି । ନିକଟରେ ଅନୁସନ୍ଧାନକାରୀ ଏକ ନୂଆ ପ୍ରଜାତିର ଡେଉଁଥିବା ବୁଢ଼ିଆଣୀକୁ ମୁମ୍ବାଇରେ ଠାବ କରିଥିବା ଜଣାପଡ଼ିଛି । ଏହାର ନାମ 'ହାସାରିୟସ୍ ମୁମ୍ବାଇ' ରଖାଯାଇଛି । ଏହି ପ୍ରଜାତିର ବୁଢ଼ିଆଣୀକୁ ଗୋରେଗାଓଁ ପୂର୍ବ ବମ୍ବେ ପ୍ରାକୃତିକ ଇତିହାସ ସୋସାଇଟିଜ୍ (ବିଏନ୍ଏଚ୍ଏସ୍) ସଂରକ୍ଷଣ ଶିକ୍ଷା କେନ୍ଦ୍ର(ସିଇସି)ର ନିକଟବର୍ତ୍ତୀ ପଥରଗୁଡ଼ିକରେ ରହୁଥିବା ଦେଖିବାକୁ ମିଳିଥିଲା । ଏହି ୩୩ ଏକର ରିଜର୍ଭ ହେଉଛି, ଭାରତର ଅଳ୍ପ କିଛି ମିଶ୍ରିତ ଆର୍ଦ୍ର ବୃକ୍ଷଲତା ଜଙ୍ଗଲ ପ୍ରକାରର । ଏହାର ସୀମା ସଞ୍ଜୟ ଗାନ୍ଧୀ ନ୍ୟାଶନାଲ ପାର୍କ ଏବଂ ଆରେ ମିଲ୍କ କଲୋନିର ଫିଲ୍ମ ସିଟିର ଅଂଶ ଅଟେ । ହାସାରିୟସ୍ ପ୍ରଜାତି ଟାକ୍ସୋନୋମିର ଏକ ବର୍ଗ, ଯାହା ପ୍ରଜାତିଠାରୁ ଅଧିକରେ ସ୍ଥାନ ପାଇଛି । ଅନ୍ୟ ଜାତିର ବୁଢିଆଣୀ ଯେଉଁମାନେ ଜାଲ ବିଛାଇ ଶିକାରକୁ ଶିକାର କରୁଥିବାବେଳେ ଏହି ପ୍ରଜାତିର ବୁଢ଼ିଆଣୀ ଫାଶ ପକାଇବା ପରିବର୍ତ୍ତେ ସିଧାସଳଖ ଶିକାରକୁ ଶିକାର କରିଥାଏ । ୧୮୨୬ ମସିହାରେ ପ୍ରଥମେ ଏହି ବଂଶର ଆବିଷ୍କୃତ ହୋଇଥିଲା । ଏହି ବଂଶ ମୁଖ୍ୟତଃ ଉଷ୍ଣ ଜଳବାୟୁରେ ରହିଥାନ୍ତି । କେରଳର ଖ୍ରୀଷ୍ଟ କଲେଜ ଅନୁସନ୍ଧାନକାରୀମାନେ ସ୍କୁଲ ଅଫ ପ୍ରାକୃତିକ ବିଜ୍ଞାନ, ମାକ୍ୱାରି ବିଶ୍ୱବିଦ୍ୟାଳୟ, ସିଡ୍ନୀ, ଅଷ୍ଟ୍ରେଲିଆ ଏବଂ ବମ୍ବେ ପ୍ରାକୃତିକ ଇତିହାସ ସୋସାଇଟିରେ କରିଥିବା ତାଙ୍କ ଅନୁସନ୍ଧାନର ସମୀକ୍ଷା ଆର୍ଥେରାପୋଡ଼ା ସିଲେକ୍ଟାରେ ପ୍ରକାଶ ପାଇଛି । ପ୍ରଥମ ଥର ପାଇଁ ମୁମ୍ବାଇରେ ଏହି ପ୍ରଜାତିର ଠାବ କରାଯାଇଛି ।

୧୫ ବର୍ଷରେ ପ୍ରେମ ପାଇଁ ଘର ଛାଡିଥିଲେ ପୂଜା

ଟେଲିଭିଜନର ଲୋକପ୍ରିୟ ଶୋ 'ଦେବୋ କେ ଦେବ ମହାଦେବ'ର ଅଭିନେତ୍ରୀ ପୂଜା ବାନାର୍ଜୀ ବେଶ ଜଣାଶୁଣା । ଏହି ଅଭିନେତ୍ରୀ ଜୀବନରେ ଅଳ୍ପ ବୟସରେ ବହୁ ସଂଘର୍ଷ କରିଥିଲେ । ତାଙ୍କୁ ଯେତେବେଳେ ୧୫ ବର୍ଷ ବୟସ ହୋଇଥିଲା ସେ ଜଣେ ଯୁବକଙ୍କ ପ୍ରେମରେ ପଡିଥିଲେ । ପ୍ରେମ ପାଇଁ ସେ ଘର ଛାଡି ପ୍ରେମିକ ସହ ମୁମ୍ବାଇକୁ ସହରକୁ ପଳାଇ ଆସିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି କୌଣସି କାରଣରୁ ପ୍ରେମିକ ଜଣଙ୍କ ତାଙ୍କ ଠାରୁ ଅଲଗାଇ ହୋଇଯାଇଥିଲେ । ଯାହାଫଳରେ ସେ ଏକୁଟିଆ ହୋଇଯାଇଥିଲେ । ଏହା ସତ୍ତ୍ୱେ ବି ସେ ଘରକୁ ଫେରିନଥିଲେ । ଏଭଳି ପରିସ୍ଥିତିରେ ସେ ସାହସ ନ ହରାଇ ନିଜେ ମୁମ୍ବାଇରେ ରହି ସଫଳତା ପାଇଁ ସଂଘର୍ଷ କରିଥିଲେ । ପୂଜା ଆହୁରି କହିଛନ୍ତି- ସେହି ସମୟରେ ସେ ସ୍ଥିର କଲେ ଯେ ଯଦି ସେ ଘରକୁ ଫେରିଯିବେ ତେବେ ତାଙ୍କ ପିତାମାତା ଲଜ୍ଜାର ସମ୍ମୁଖୀନ ହେବେ । ସେଥିପାଇଁ ସେ କଠୋରୁ କଠୋର ପରିଶ୍ରମ କରିଥିଲେ । ଯେତେବେଳେ 'ତୁଝୁ ସଙ୍ଗ ପ୍ରୀତ ଲଗାଇ ସଜନା' ଶୋ' କରୁଥିଲେ ସେତେବେଳେ ପୂଜା କୁନାଲଙ୍କୁ ଭେଟିଥିଲେ । ସେତେବେଳେ କୁନାଲ ସ୍କ୍ରିନ୍ ଟେଷ୍ଟ ପାଇଁ ଆସିଥିଲେ । ଏହି ସମୟରେ ପୂଜା କୁନାଲଙ୍କୁ ପସନ୍ଦ ଆସିଥିଲେ । ପରେ ଦୁହେଁ ଭଲ ବନ୍ଧୁ ହେଲେ । ମୁମ୍ବାଇ ସହରରେ ତାଙ୍କୁ ଏକ ବଡ଼ ସମର୍ଥନ ମିଳିଥିଲା । ପୂଜା ଏବଂ କୁନାଲ ପରସ୍ପରକୁ ୯ ବର୍ଷ ଡେଟ କରିଥିଲେ । ୨୦୨୦ ମସିହାରେ ସେମାନେ କୋର୍ଟରେ ବିବାହ ହୋଇଥିଲା । ପରେ ୨୦୨୧ ମସିହାରେ, ୧୬ ନଭେମ୍ବରରେ, ସେ ଏକ ପାରମ୍ପାରିକ ବିବାହ କରିଥିଲେ ।

ଘରକୁ ଆଣନ୍ତୁ ଏହି ମୂର୍ତ୍ତି ଦୂର ହେବ ଆର୍ଥିକ ସମସ୍ୟା

ମାନ୍ୟତା ଅନୁଯାୟୀ, କାମଧେନୁ ଗାଈର କୃପା ରହିଥିଲେ ଘରେ କଦାପି ଆର୍ଥିକ ସମସ୍ୟା ସୃଷ୍ଟି ହୋଇନଥାଏ । ଏହାକୁ ଏକ ଶକ୍ତି କୁହାଯାଏ । ବାସ୍ତୁ ଅନୁଯାୟୀ, କାମଧେନୁ ଗାଈଙ୍କ ନିକଟରେ ମା' ଦୁର୍ଗା, ମା'ଲକ୍ଷ୍ମୀ ଓ ଦେବୀ ସରସ୍ୱତୀଙ୍କ କୃପା ରହିଛି । ତେଣୁ କାମଧେନୁ ଗାଈଙ୍କ ମୂର୍ତ୍ତି କିମ୍ବା ଫଟୋ ଲଗାଇବା ଦ୍ୱାରା ଅନେକ ଲାଭ ମିଳିଥାଏ । ଜୀବନରେ ଥିବା ଅନେକ ସମସ୍ୟାକୁ ଦୂର କରିବା ସହ ବ୍ୟବସାୟ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇଥାଏ । କାମଧେନୁ ଗାଈ ଓ ବାଛୁରୀ ଥିବା ମୂର୍ତ୍ତି ଘରେ ରଖିବା ଦ୍ୱାରା ଅନେକ ଶୁଭଫଳ ମିଳିଥାଏ । ଘରେ କାମଧେନୁ ଗାଈର ମୂର୍ତ୍ତିକୁ ଐଶାନ୍ୟ କୋଣ ଅର୍ଥାତ ପୂର୍ବ-ଉତ୍ତର ଦିଗରେ ରଖନ୍ତୁ । ଏହି ଦିଗରେ ଦେବତାଙ୍କ ବାସ ରହିଥାଏ ବୋଲି କୁହାଯାଏ । ଏହି ସ୍ଥାନରେ ମୂର୍ତ୍ତି ରଖିବା ଦ୍ୱାରା ଅନେକ ଲାଭ ମିଳିଥାଏ । ଏହାସହ ଏହାକୁ ଉତ୍ତର-ପୂର୍ବ ଦିଗରେ ମଧ୍ୟ ରଖି ପାରିବେ । ବାସ୍ତୁ ଅନୁଯାୟୀ, ଘରେ କାମଧେନୁ ଗାଈର ପ୍ରତିମା ଯେକୌଣସି ଧାତୁର ମଧ୍ୟ ରଖିପାରିବେ । ଗାଈ ସହ ବାଛୁରୀ ଥିବା ମୂର୍ତ୍ତି ହିଁ ରଖନ୍ତୁ । ଏହାକୁ ଘରେ ରଖିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୋଇଥାଏ ।

ଲିଚୁକୋଳି ଖାଇଲେ ଚମକିବ ତ୍ୱଚା

ପ୍ରାୟତଃ ଲୋକେ ଲିଚୁକୋଳି ଖାଇବାକୁ ପସନ୍ଦ କରିଥାନ୍ତି । ଲିଚୁରେ ଆଣ୍ଟି-ଅକ୍ସିଡାଣ୍ଟ, ମିନେରାଲ ଓ ଭିଟାମିନ ରହିଥାଏ । ଯାହା ସ୍ୱାସ୍ଥ୍ୟପାଇଁ ଖୁବ୍ ଉପକାରୀ । ଲିଚୁରେ ମୁଖ୍ୟତଃ କାର୍ବୋହାଇଡ୍ରେଟ ଓ ଜଳ ରହିଥାଏ । ଏହାସହ ଏଥିରେ ବହୁ ପରିମାଣର କପର, ପୋଟାସିୟମ ଓ ଭିଟାମିନ-ସି ରହିଥାଏ । ତେବେ ଆସନ୍ତୁ ଜାଣିବା ଲିଚୁକୋଳିର ଉପକାରିତା ବିଷୟରେ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ ଲିଚୁ କୋଳି । ଲିଚୁରେ ପ୍ରଚୁର ପରିମାଣର ଭିଟାମିନ-ସି ରହିଛି । ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ । ସବୁବେଳେ ଆପଣ ଚିନ୍ତା କରିଥାନ୍ତି ଆପଣଙ୍କ ଚର୍ମ କିପରି ସୁସ୍ଥ ରହିବ ଓ ଆପଣ କିପରି ସୁନ୍ଦର ଦେଖାଯିବେ । ଏଥିପାଇଁ ଆପଣଙ୍କୁ ସାହାଯ୍ୟ କରିବ ଲିଚୁ । ଲିଚୁରେ ପ୍ରଚୁର ପରିମାଣର ଭିଟାମିନ-ଇ ରହିଥାଏ । ଯାହା ଚର୍ମକୁ ସୁସ୍ଥ ରଖିବା ସହ ଚିକ୍କଣ କରିଥାଏ । ଏଥିସହ ଏଥିରେ କପର ରହିଥିବାରୁ ଏହା ଆମର ଚୁଟିକୁ ସୁସ୍ଥ ରଖିଥାଏ । ଲିଚୁ ଖାଇବା ଦ୍ୱାରା ହଜମରେ ସାହାଯ୍ୟ କରେ । ଲିଚୁରେ ରହିଛି ଫାଇବର ଯାହା ହଜମ ପ୍ରକ୍ରିୟାରେ ବେଶ ସହାୟକ ହୋଇଥାଏ । ଏହାସହ ଏହା କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ । ଲିଚୁକୋଳିରେ ପ୍ରଚୁର ପରିମାଣରେ ଆଣ୍ଟି ଅକସିଡାଣ୍ଟ ରହିଥାଏ । ଏହା ଶରୀରରୁ ହାନୀକାରକ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରିଥାଏ । ଏହାସହ ଆମ ହୃଦପିଣ୍ଡକୁ ସୁସ୍ଥ ରଖିଥାଏ । ସେହିପରି ଥକାପଣ ଦୂର କରିବା ସହ ମଧୁମେହକୁ କମ କରିଥାଏ । ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ଲିଚୁ କୋଳି । ଲିଚୁରେ ପ୍ରଚୁର ପରିମାଣରେ ପୋଟାସିୟମ ରହିଥାଏ । ଯାହା ରକ୍ତଚାପକୁ ସ୍ଥିର ରଖିଥାଏ ।

ମାଟି ହାଣ୍ଡି ପୋସ୍ତ ଚିକେନ୍

ଆବଶ୍ୟକ ସାମଗ୍ରୀ: ଚିକେନ୍, ପୋସ୍ତ ବଟା, ଅଦା ରସୁଣ ଜିରା ସୋରିଷ ପେଷ୍ଟ, ଅଦା,ରସୁଣ,ପିଆଜ ପେଷ୍ଟ, କଟା ପିଆଜ, ଜିରା ଗୁଣ୍ଡ, ହଳଦୀ ଗୁଣ୍ଡ, ତେଲ, ଟମାଟୋ, ରସୁଣ ଓ ଅଦା ଛେଚା, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଧନିଆ ପତ୍ର, ଭୁର୍ସୁଙ୍ଗ ପତ୍ର, ଲୁଣ, କଞ୍ଚା ଲଙ୍କା ଓ ଲେମ୍ବୁ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ସେଥିରେ ପୋସ୍ତ ବଟା ଏବଂ ଅଦା-ରସୁଣ-ଜିରା-ସୋରିଷ ପେଷ୍ଟ ? ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ସେଥିରେ ଅଦା-ରସୁଣ-ପିଆଜ ବଟା ମଧ୍ୟ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ସେଥିରେ ଅଳ୍ପ କଟା ପିଆଜ, ହଳଦି ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ ଓ ଲଙ୍କା ଗୁଣ୍ଡ ପକାନ୍ତୁ । ଏହାପରେ ରସୁଣ ଛେଚା, କଟା ଟମାଟୋ, ଗୋଲ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ଏବଂ ଲେମ୍ବୁ ରସ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏବେ ଏହାକୁ କିଛି ସମୟ ଢାଙ୍କି ରଖି ଦିଅନ୍ତୁ । ତା'ପରେ ଏକ ମାଟି ପାତ୍ରରେ ତେଲ ଗରମ କରି ସାମାନ୍ୟ କଟା ହୋଇଥିବା ଗୋଟା କଞ୍ଚା ଲଙ୍କା, କଟା ପିଆଜ ଓ ଭୁର୍ସୁଙ୍ଗ ପତ୍ର ପକାଇ ଛୁଙ୍କ କରନ୍ତୁ ।ଏହାପରେ ମ୍ୟାରିନେଟ୍ ଚିକେନ୍‌କୁ ଛୁଙ୍କରେ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ତା'ପରେ ମାଟି ପାତ୍ରକୁ ଘୋଡ଼ାଇ ଦିଅନ୍ତୁ ଓ ଚିକେନକୁ ସିଝିବାକୁ ଛାଡ଼ି ଦିଅନ୍ତୁ । ପାଞ୍ଚ ଦଶ ମିନିଟ୍‌ରେ ଥରେ ଘୋଡ଼ଣି କାଢ଼ି ଚିକେନ୍‌କୁ ଭଲ ଭାବେ ଗୋଳାଇ ଦିଅନ୍ତୁ, ନ ହେଲେ ଚିକେନ୍ ମାଟି ପାତ୍ରରେ ଲାଗି ଯାଇପାରେ । ପ୍ରାୟ ଅଧା ଘଣ୍ଟା ପରେ ଚିକେନ୍ ସିଝି ଯିବା ପରେ ଏଥିରେ ଧନିଆ ପତ୍ର ପକାନ୍ତୁ ଓ ପାତ୍ରଟିକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମାଟି ହାଣ୍ଡି ପୋସ୍ତ ଚିକେନ୍' । ଆପଣ ଏହି ରେସିପିଟିକୁ ଉଭୟ ଭାତ ଓ ରୁଟି ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

ପ୍ରତିକ୍ରିୟା ଦେଇ ଅଭିନେତ୍ରୀ ଅଭିନେତ୍ରୀ ଭାଇରାଲ

ଆଜିକାଲି ବଲିଉଡ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ ମନ୍ଦିର ପରିଭ୍ରମଣ କରୁଥିବା ନଜର ଆସିଛନ୍ତି । କିଛିଦିନ ପୂର୍ବେ କେଦାରନାଥ ଯାଇ ଭୋଳା ବାବାଙ୍କୁ ଦର୍ଶନ କରିଥିବାବେଳେ ପୁଣି କଙ୍ଗନା ଟ୍ରାଡିସନାଲ ଲୁକ୍‌ରେ ଆସି କାମାକ୍ଷା ଦେବୀଙ୍କ ଆଶୀର୍ବାଦ ନେଇଛନ୍ତି । ମାଆଙ୍କ ଆଶୀର୍ବାଦ ଗ୍ରହଣ କରିବା ପରେ କଙ୍ଗନା ମନ୍ଦିରର ଭିଡିଓ ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ସେୟାର କରିଛନ୍ତି । ଏହି ଭିଡିଓରେ ଅଭିନେତ୍ରୀ ହାଲୁକା ବାଇଗଣୀ ରଙ୍ଗର ସୁଟ ଏବଂ ବେକରେ ଉଜ୍ଜ୍ୱଳ ଲାଲ ରଙ୍ଗର ଚୁନରୀ ପିନ୍ଧିଥିବାର ନଜର ଆସିଥିଲେ । ଅଭିନେତ୍ରୀଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଦିନକୁ ଦିନ ଭାଇରାଲ ହେବାରେ ଲାଗିଛି । କଙ୍ଗନା ଇନଷ୍ଟାଗ୍ରାମରେ ମନ୍ଦିର ପରିସରରେ ଭିଡିଓ ସେୟାର କରି ଲେଖିଛନ୍ତି- 'ଆଜି କାମାକ୍ଷା ମା'ଙ୍କ ମନ୍ଦିର ଦର୍ଶନ କଲି ... ଏହି ମନ୍ଦିରରେ ଜଗତଜାନୀ ମାଙ୍କୁ ପୂଜା କରାଯାଏ । ଏହା ବ୍ୟତୀତ ଆହୁରି ଲେଖିଛନ୍ତି- 'ଏହି ପବିତ୍ର ସ୍ଥାନ ହେଉଛି ଏକ ଶକ୍ତି ... ଯେଉଁଠାରେ ଶକ୍ତିର ଏକ ଚମତ୍କାର ଯୋଗାଯୋଗ ଅଛି । ଯଦି ତୁମେ କେବେ ଗୋହାଟିକୁ ଆସିବ, ତୁମର ନିଶ୍ଚିତ ଭାବରେ ଦର୍ଶନ କରିପାରିବ । ଜୟ ମାଇ କି । ଭକ୍ତିରେ ବ୍ୟସ୍ତ ଥିବା କଙ୍ଗନାଙ୍କର ଏହି ଭିଡିଓ ଦେଖିବା ପରେ ଭାଇରାଲ ହେଉଛି । କଙ୍ଗନାଙ୍କ ଏହି ଭିଡିଓ ଦେଖିବା ପରେ ପ୍ରଶଂସକମାନେ ମନ୍ତବ୍ୟ ଦେଇ ଅଭିନେତ୍ରୀଙ୍କୁ ନିରନ୍ତର ପ୍ରଶଂସା କରୁଛନ୍ତି । ଜଣେ ୟୁଜର୍ସ ଲେଖିଛନ୍ତି- 'ସେ ହେଉଛନ୍ତି ବଲିଉଡର ଏକମାତ୍ର ଅଭିନେତ୍ରୀ ଯିଏ ପୃଥିବୀକୁ ଓହ୍ଲାଇଛନ୍ତି ।' ଅନ୍ୟ ଜଣେ ୟୁଜର୍ସ ଲେଖିଛନ୍ତି- 'ହିନ୍ଦୁ ସନାତନ ସଂସ୍କୃତି ।' କାମାକ୍ଷା ଦେବୀ ମନ୍ଦିରର କିଛି ଦିନ ପୂର୍ବରୁ କଙ୍ଗନା କେଦାରନାଥ ଯାଇ ବାବା ଭୋଲେନାଥଙ୍କୁ ଦର୍ଶନ କରିଥିଲେ । ସେଠାରୁ ଆସିଥିବା ଅଭିନେତ୍ରୀ ଅନେକ ଭିଡିଓ ଏବଂ ଫଟୋ ମଧ୍ୟ ସେୟାର କରିଥିଲେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik